بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4    ସଂଖ୍ୟା 15

ସାପ୍ତାହିକ ବଦର କାଦିଆନ

Weekly BADAR Qadian

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

11 ଏପ୍ରିଲ୍ 2019    11 ଶାହାଦତ୍ 1398 ହି.ଶ    5 ଶାବାନ୍ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

اِنَّ مَثَلَ عِیۡسٰی عِنۡدَ اللّٰہِ
کَمَثَلِ اٰدَمَ ؕ خَلَقَہٗ مِنۡ تُرَابٍ
ثُمَّ قَالَ لَہٗ کُنۡ فَیَکُوۡنُ ○
(آل عمران:60)

ଅନୁବାଦ- (ମନେରଖ) ବାସ୍ତବରେ ଅଲ୍ଲାଃଙ୍କ ନିକଟରେ ଇସାଙ୍କ ଅବସ୍ଥା ଆଦମ୍‌ଙ୍କ ଅବସ୍ଥା ସଦୃଶ ଅଟେ; ତାହାଙ୍କୁ (ଅର୍ଥାତ୍ ଆଦମ୍‌ଙ୍କୁ) ଶୁଷ୍କ ମୃତିକାରୁ ସୃଷ୍ଟି କଲେ; ତତ୍ ପରେ ସେ ତାଙ୍କ ସମ୍ବନ୍ଧରେ କହିଲେ, ''ହୋଇଯାଅ'' ଏବଂ ସେ ହୋଇଗଲେ ।

*(ଆଲେ ଇମରାନ୍: ୬୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ସଫଳତା ଲାଭ କରିବା ଧୈର୍ଯ୍ୟ ଉପରେ ଆଧାରିତ ଓ ଅଲ୍ଲାଃଙ୍କୁ ଚିହ୍ନିବା ଏବଂ କୌଣସି ପ୍ରକାରର ବିପଦ ଆପଦ ଓ ପରୀକ୍ଷାକୁ ଭୟ ନକରିବା । ଏହାର ଫଳ ନିଶ୍ଚିତରୂପେ ଏପରି ହେବ କି, ଯେପରି ଅବତାରମାନଙ୍କ ସହିତ ଈଶ୍ୱର ବାର୍ତାଳାପ ଓ ସମ୍ବୋଧନ କରିଛନ୍ତି, ସେହିପରି ତା' ସହିତ (ମଧ ବାର୍ତାଳାପ ଓ ସମ୍ବୋଧନ) କରିବେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଇସ୍‌ତିକାମତ୍ (ଅର୍ଥାତ୍ ଦୃଢ଼ ମନୋଭାବ ଓ ଧୈର୍ଯ୍ୟ)

ଅଲ୍ଲାଃ ତାଲା ଏ ନିର୍ଦ୍ଦେଶ ଦେଇଛନ୍ତି କି: *ଓ୍ୱଲ୍‌ଲଜିନା ଯାହଦୁ ଫିଇନା ଲନ୍‌ହଦିୟନ୍ନହୁମ୍ ସୁବୁଲନା । (ଅନ୍‌କବୁତ୍: ୭୦)* ଅର୍ଥାତ୍ ଆମ ମାର୍ଗରେ ଉଦ୍ୟମ କରୁଥିବା ଲୋକେ ନିଶ୍ଚୟ ରାସ୍ତା ପାଇବେ । ଏହାର ଅର୍ଥ ହେଉଛି ଏପରି କି, ଏ ମାର୍ଗରେ ପୟଗମ୍ବରଙ୍କ ସହିତ ମିଶି ଉଦ୍ୟମ କରିବାକୁ ହେବ । ୧ ବା ୨ ଘଂଟା ପରେ ଚାଲି ଛାଡ଼ିଯିବା ମୁଜାହିଦ୍ (ଅର୍ଥାତ୍ ଈଶ୍ୱରଙ୍କୁ ପାଇବା ପାଇଁ ଉଦ୍ୟମ କରୁଥିବା ବ୍ୟକ୍ତି)ର କାର୍ଯ୍ୟ ନୁହେଁ । ବରଂ ଜୀବନ ଦେବା ପାଇଁ ପ୍ରସ୍ତୁତ ହୋଇ ରହିବା ତାର କାର୍ଯ୍ୟ । ସୁତରାଂ ମୁତ୍‌ତକି (ଅର୍ଥାତ୍ ଧର୍ମନିଷ୍ଠ ବ୍ୟକ୍ତି)ର ଲକ୍ଷଣ ହେଉଛି ଧୈର୍ଯ୍ୟ (ଓ) ଦୃଢ଼ ମନୋଭାବ । ଯେପରି ଅଲ୍ଲାଃ ତାଲା କହୁଛନ୍ତି: *ଇନ୍ନଲ୍ଲଜିନା କାଲୁ ରବ୍‌ବୁନଲ୍ଲାହୁ ସୁମ୍ମସ୍‌ତକାମୁ । (ହା ମିମ୍ ସଜ୍‌ଦାଃ-୩୧)* ଅର୍ଥାତ୍ ଯେଉଁମାନେ ଏହି କଥା କହିଥାନ୍ତି ଯେ, ଅଲ୍ଲାଃ ହେଉଛନ୍ତି ଆମ ମାନଙ୍କର ପାଳନକର୍ତା ଓ ଏହାପରେ ଏହି ବିଶ୍ୱାସ ଉପରେ ଅଟଳ ରହନ୍ତି, ଓ ଚାରିଆଡୁ ମୁହଁ ଫେରାଇଆଣି ଅଲ୍ଲାଃଙ୍କୁ ପାଇଥାନ୍ତି । ଏହାର ଅର୍ଥ ହେଉଛି ସଫଳତା ଲାଭ କରିବା ଧୈର୍ଯ୍ୟ ଉପରେ ଆଧାରିତ ଓ ଅଲ୍ଲାଃଙ୍କୁ ଚିହ୍ନିବା ଏବଂ କୌଣସି ପ୍ରକାରର ବିପଦ ଆପଦ ଓ ପରୀକ୍ଷାକୁ ଭୟ ନକରିବା । ଏହାର ଫଳ ନିଶ୍ଚିତରୂପେ ଏପରି ହେବ କି, ଯେପରି ଅବତାରମାନଙ୍କ ସହିତ ଈଶ୍ୱର ବାର୍ତାଳାପ ଓ ସମ୍ବୋଧନ କରିଛନ୍ତି, ସେହିପରି ତା' ସହିତ (ମଧ ବାର୍ତାଳାପ ଓ ସମ୍ବୋଧନ) କରିବେ ।

### ଓ୍ୱଲି (ଅର୍ଥାତ୍ ଈଶ୍ୱର ଭକ୍ତ)ଙ୍କ ନିମନ୍ତେ ପରୀକ୍ଷା ହେବା ଜରୁରୀ

ବହୁତ ଲୋକ ଏଠାକୁ ଆସଛନ୍ତି ଓ ଏହା ଚାହୁଁଛନ୍ତି କି, ଫୁଙ୍କିଦେଇ ଅର୍‌ଶ (ଅର୍ଥାତ୍ ଈଶ୍ୱରଙ୍କ ସିଂହାସନ) ନିକଟରେ ପହଂଚିଯିବେ ଓ (ଈଶ୍ୱରଙ୍କ) ସାନିଧ୍ୟ ପ୍ରାପ୍ତ କରିଥିବା ଲୋକମାନଙ୍କ ସହିତ ଯାଇ ମିଶିଯିବେ । ଏପରି ଲୋକମାନେ ଥଟ୍ଟା (ପରିହାସ) କରୁଛନ୍ତି । ସେମାନେ ଅବତାରମାନଙ୍କ ଅବସ୍ଥାକୁ ଦେଖନ୍ତୁ । ଏହା ହେଉଛି ଭୁଲ କଥା ଯାହା କୁହାଯାଉଛି ଯେ, କୌଣସି ଓ୍ୱଲିଙ୍କ ନିକଟକୁ ଯାଇ ଶହ ଶହ ଓ୍ୱଲି ତତ୍‌କ୍ଷଣାତ୍ ହୋଇଯାଇଛନ୍ତି । ଅଲ୍ଲାଃ ତାଲା ତ ଏହା କହୁଛନ୍ତି: *ଅ ହସିବନ୍‌ନାସୁ ଅଇଁ ୟୁତରକୁ ଅଇଁ ୟକୁଲୁ ଆମନ୍ନା ଓ୍ୱହୁମ୍ ଲା ୟୁଫ୍‌ତନୁନ୍ (ଅନ୍‌କବୁତ୍: ୩)* ଅର୍ଥାତ୍ ଯେ ପର୍ଯ୍ୟନ୍ତ ମନୁଷ୍ୟକୁ ପରୀକ୍ଷା ନ କରାଯାଇଛି, ବିପତିରେ ନ ପଡ଼ିଛି, ସେ କେବେ ଓ୍ୱଲି ହୋପାରେ ।

ଗୋଟିଏ ସଭାରେ ବାୟଜିଦ୍ ରହେମୁଲ୍ଲାଃ ତାଆଲା ଉପଦେଶ ମୁଳକ ଭାଷଣ ଦେଉଥିଲେ । ସେଠାରେ ଜଣେ ମଶାଇଖ୍ ଜାଦ୍ (ଅର୍ଥାତ୍ ଜଣେ ବୁଜୁର୍ଗଙ୍କ ପୁତ୍ର) ମଧ ସେଠାରେ ଥିଲେ ଯିଏ ବହୁତ ଲମ୍ବା ସିଲ୍‌ସିଲା ରଖିଥିଲେ । ଆପଣଙ୍କ (ଅର୍ଥାତ୍ ବାୟଜିଦ୍ ରହେମୁଲ୍ଲାଃ ତାଆଲା) ସହିତ ତାଙ୍କୁ ଭିତିରିଆ ବିଦ୍ୱେଷ ଭାବ ରହିଥିଲା । ଅଲ୍ଲାଃ ତାଲାଙ୍କର ଏହା ଏକ ବିଶେଷ ଗୁଣ ଯେ, ସେ ପୁରୁଣା ଖାନ୍‌ଦାନ୍‌କୁ ଛାଡ଼ି ଅନ୍ୟ କାହାକୁ ଚୟନ କରିନିଏ ଯେପରି ବନି ଇସ୍‌ରାଇଲ୍‌କୁ ଛାଡ଼ି ବନି ଇସ୍‌ମାଇଲ୍‌ଙ୍କୁ ଚୟନ କଲେ । କାରଣ ସେମାନେ ଭୋଗବିଳାସରେ ମାତି ଅଲ୍ଲାଃଙ୍କୁ ଭୁଲିଯାଇଥାନ୍ତି । *ଓ୍ୱତିଲ୍‌କଲ୍ ଅୟାମୁ ନୁଦାଓ୍ୱିଲୁହା ବଇନନ୍ ନାସି (ଆଲେ ଇମ୍‌ରାନ୍: ୧୪୧)* ସୁତରାଂ ସେହି ବୁଜୁର୍ଗଙ୍କ ପୁତ୍ର ଏ କଥା ମନରେ ଭାବିନେଲା ଯେ, ଇଏ ଜଣେ ମାମୁଲି ଖାନ୍‌ଦାନ୍‌ର ଲୋକ । କେଉଁଠୁ ଏପରି ଐଶି ଚମତ୍କାର ଦେଖାଉଥିବା ବ୍ୟକ୍ତି ଆସିଗଲା ଯେ, ଲୋକମାନେ ତା'ଆଡ଼କୁ ଢ଼ଳି ଯାଉଛନ୍ତି, ଆମ ନିକଟକୁ ଆସୁନାହାନ୍ତି । ଏ କଥା ଖୁଦା ତାଲା ହଜ୍‌ରତ୍ ବାୟଜିଦ୍ ରହେମୁଲ୍ଲାଃଙ୍କ ଉପରେ ପ୍ରକାଶ କରିଦେଲେ । ସେ କାହାଣୀ ଆକାରରେ ଏପରି ବର୍ଣ୍ଣନା କରିବା ଆରମ୍ଭ କଲେ ଯେ, ଗୋଟିଏ ସ୍ଥାନରେ ରାତି ସମୟରେ ଶଭା ଚାଲିଥିଲା ସେଠାରେ ପାଣି ମିଶା ତେଲ ଦ୍ୱାରା ଗୋଟିଏ ଲ୍ୟାମ୍ପ ଜଳୁଥିଲା । ତେଲ ଓ ପାଣି ମଧ୍ୟରେ ତର୍କ ଚାଲିଲା । ପାଣି ତେଲକୁ କହିଲା ଯେ, ତୁ ହେଉଛୁ ଅଶୁଦ୍ଧ ଓ ଅପରିସ୍କାର କିନ୍ତୁ ଅପରିସ୍କାର ହେବା ସତ୍ୱେ ମଧ ତୁ ମୋ ଉପରେ ରହିଛୁ । ମୁଁ ହେଉଛି ଶୁଦ୍ଧ ବସ୍ତୁ ଓ ପବିତ୍ରତା ନିମନ୍ତେ (ମୋତେ) ବ୍ୟବହାର କରାଯାଉଛି କିନ୍ତୁ ମୁଁ ତଳେ ରହିଛି, ଏହାର କାରଣ କ'ଣ ? ତେଲ କହିଲା ଯେଉଁ ପ୍ରକାରର ବିପଦ ଆପଦ (ଓ କଷ୍ଟ) ମୁଁ ସହିଛି ତୁ ତାହା କେଉଁଠୁ ସହିଚୁ । ଯେଉଁଥି ପାଇଁ ମୋତେ ଏପରି ଉଚ୍ଚସ୍ତର ମିଳିଛି । ଏପରି ଗୋଟିଏ ସମୟ ଥିଲା ଯେତେବେଳେ ମୋତେ ବୁଣିଦିଆଗଲା, ଭୁଇଁ ତଳେ ପୋତି ହୋଇ ରହିଲି, ମାଟିରେ ମିଶି ଗଲି ପୁଣି ଖୁଦାଙ୍କ ଇଚ୍ଛା ମୁତାବକ ବଢ଼ିଲି । ବଢ଼ି ପାରିନଥିଲି ଯେ କଟା ହେଲି ପୁଣି କିସମ କିସମ କଷଣ ପାଇବା ପରେ ସଫା ହେଲି । ଘଣାରେ ପେଷି ହେଲି ତା'ପରେ ତେଲ ହେଲି ପୁଣି (ମୋ ଦେହରେ) ନିଆଁ ଲଗାହେଲା । କ'ଣ ଏତେ ଦୁଃଖ କଷ୍ଟ ସହିବାପରେ ମଧ ଉଚ୍ଚ ପଦମର୍ଯ୍ୟାଦା ହାସଲ ହୋଇନଥାନ୍ତା ?

ଏହା ଏକ ଉଦାହରଣ ଯେ, ଅହ୍‌ଲୁଲ୍ଲା (ଅର୍ଥାତ୍ ଅଲ୍ଲାଃଙ୍କ ଜନ) ଦୁଃଖ କଷ୍ଟ ଓ ବିପଦ ଆପଦ ପରେ ଯାଇ ପଦମର୍ଯ୍ୟାଦା ପାଇଥାନ୍ତି । ଲୋକମାନଙ୍କର ଏ ଭ୍ରାନ୍ତ ଧାରଣା ଯେ ଅମୁକ ବ୍ୟକ୍ତି, ଅମୁକ ଲୋକ ନିକଟକୁ ଯାଇ ବିନା କୌଣସି ଉଦ୍ୟମରେ ଓ (ବିନା କୌଣସି) ପବିତ୍ରତା ଅବଲମ୍ବନ କରି ତତ୍‌କ୍ଷଣାତ୍ ସତ୍ୟବାଦିମାନଙ୍କ (ଗୋଷ୍ଠୀ) ମଧ୍ୟରେ ଦାଖଲ ହୋଇଗଲା । ପବିତ୍ର କୋରାନ୍‌କୁ ଦେଖ ଯେ ଖୁଦା କିପରି ତୁମ ଉପରେ ପ୍ରଶନ୍ନ ହେବେ । ଯେ ପର୍ଯ୍ୟନ୍ତ ନବୀମାନଙ୍କ ପରି ତୁମ ଉପରେ ମଧ ଦୁଃଖ କଷ୍ଟ ଓ ବିପତି ନ ଆସିଛି, ଯେଉଁ ମାନେ ବେଳେବେଳେ ହଇରାଣ ହରକ୍‌ତ ହୋଇ ଏହା ମଧ କହିଦେଲେ: *ହତ୍‌ତା ୟକୁଲୁର୍ ରସୁଲୁ ଓ୍ୱଲ୍ ଲଜିନା ଆମ୍‌ନୁ ମାଆହୁ ମତା ନସ୍‌ରୁଲ୍ଲାହି ଆଲା ଇନ୍ନା ନସ୍‌ରଲ୍‌ଲାହି କରୀବ୍ (ବକ୍‌ରା: ୨୧୫)* ଈଶ୍ୱରଙ୍କ ଭକ୍ତମାନେ ସର୍ବଦା ପରୀକ୍ଷାରେ ପଡ଼ିଛନ୍ତି, ତା'ପରେ ଯାଇ ଈଶ୍ୱର ସେମାନଙ୍କୁ ଗ୍ରହଣ କରିଛନ୍ତି ।

### ଉନ୍ନତି କରିବାର ଦୁଇଟି ମାର୍ଗ

**ସଲୁକ୍**

ସୁଫିମାନେ (ଈଶ୍ୱରଙ୍କୁ ପାଇବା ପାଇଁ) ଦୁଇଟି ମାର୍ଗ ଉଲ୍ଲେଖ କରିଛନ୍ତି । ଗୋଟିଏ ହେଉଛି ସଲୁକ୍ ଓ ଦ୍ୱିତୀୟଟି ହେଉଛି ଯଜବ୍ । ସଲୁକ୍ ହେଉଛି ତାହା ଯାହା ଲୋକମାନେ ନିଜ ବୁଦ୍ଧି ଓ ବିବେକ ଖଟାଇ ଅଲ୍ଲାଃ ଏବଂ ରସୁଲ୍‌ଙ୍କ ମାର୍ଗକୁ ଗ୍ରହଣ କରିଥାନ୍ତି । ଯେପରି ଅଲ୍ଲାଃ ତାଲା କହୁଛନ୍ତି: *କୁଲ୍ ଇନ୍ କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ (ଆଲେ ଇମ୍‌ରାନ୍: ୩୨)* ଅର୍ଥାତ୍ ଯଦି ତୁମେ ଅଲ୍ଲାଃଙ୍କ ପ୍ରୀୟତମ ହେବାକୁ ଇଚ୍ଛା କରୁଛ ତେବେ ରସୁଲେ ଅକରମ୍ ସ:ଆ:ସଙ୍କ ପଦାଙ୍କ ଅନୁସରଣ କର । ସେ ହେଉଛନ୍ତି ସେହି ପୂର୍ଣ୍ଣ ମାର୍ଗଦର୍ଶକ ରସୁଲ୍ ଯିଏ ଏପରି ଦୁଃଖ କଷ୍ଟ ଉଠାଇଛନ୍ତି ଯେ, ଏ ଦୁନିଆ ନିଜ ଭିତରେ କୌଣସି ଦୃଷ୍ଟାନ୍ତ ରଖିନାହିଁ । ଗୋଟିଏ ଦିନ ମଧ ଆରାମ କରିନାହାନ୍ତି, ଏବେ ତାଙ୍କ ପଦାଙ୍କ ଅନୁସରଣ କରିବା ମଧ ବାସ୍ତବିକ ସେପରି ହେବେ ଯେଉଁମାନେ ନିଜ ମୁନିବଙ୍କ ପ୍ରତ୍ୟେକ କଥା ଓ କାର୍ଯ୍ୟକୁ ସମ୍ପୁର୍ଣ୍ଣରୂପେ ଚେଷ୍ଟା କରି ଅନୁସରଣ କରିବେ । ମୁତ୍‌ବେ (ଅର୍ଥାତ୍ ପ୍ରକୃତ ଅନୁସରଣକାରୀ) ହେଉଛି ସେ ଯିଏ ସବୁ ପ୍ରକାରର ଅନୁସରଣ କରିବ । ଆଳସ୍ୟତା ଓ ବାକ୍‌ପଟୁତାକୁ ଅଲ୍ଲାଃ ତାଲା ପସନ୍ଦ କରିନଥାଏ ବରଂ ତାହା ତ' ଅଲ୍ଲାଃ ତାଲାଙ୍କ କ୍ରୋଧ ତଳେ ଆସିଯିବ । ଏଠାରେ ଅଲ୍ଲାଃ ତାଲ ରସୁଲେ ଅକ୍‌ରମ୍ ସ:ଆ:ସଙ୍କ ପଦାଙ୍କ ଅନୁସରଣ କରିବାର ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ସୁତରାଂ ସାଲିକ୍ (ଅର୍ଥାତ୍ ଈଶ୍ୱରଙ୍କୁ ପାଇବା ପାଇଁ ଚାହୁଁଥିବା ବ୍ୟକ୍ତି)ର କାର୍ଯ୍ୟ ଏହା ହେବା ଉଚିତ ଯେ, ପ୍ରଥମତଃ ରସୁଲେ ଅକ୍‌ରମ୍ ସ:ଆ:ସଙ୍କ ସମ୍ପୁର୍ଣ୍ଣ ଇତିହାସକୁ ଦେଖୁ ଓ ପୁଣି ଅନୁସରଣ କରୁ । ଏହାର ନାମ ହେଉଛି ସଲୁକ୍ । ଏହି ମାର୍ଗରେ ବହୁତ ଦୁଃଖ କଷ୍ଟ ଓ ବିପଦଆପଦ ରହିଥାଏ (ତେଣୁ) ଏ ସବୁ ଗୁଡ଼ିକୁ ଉଠାଇବା ପରେ ହିଁ ମନୁଷ୍ୟ ସାଲିକ୍ ହୋଇଥାଏ ।

**ଯଜବ୍**

ଅହ୍‌ଲେ ଯଜବ୍‌ଙ୍କ ପଦମର୍ଯ୍ୟାଦା ସାଲିକ୍‌ଙ୍କଠାରୁ ଅଧିକା ଅଲ୍ଲାଃ ତାଲା ସେମାନଙ୍କୁ ସଲୁକ୍ ସ୍ତରରେ ରଖିନଥାନ୍ତି । ବରଂ ନିଜେ ସେମାନଙ୍କୁ ଦୁଃଖ କଷ୍ଟରେ ପକାଇଥାନ୍ତି ଏବଂ ଐଶି ଆକର୍ଷଣ ଦ୍ୱାରା ନିଜ ଆଡ଼କୁ ଟାଣି ଆଣନ୍ତି । ସବୁ ଅମ୍ବିୟା (ଅର୍ଥାତ୍ ଅବତାରମାନେ) ମଜ୍‌ଜୁବ୍ ଥିଲେ । ଯେତେବେଳେ ମନୁଷ୍ୟର ଆତ୍ମା ଦୁଃଖ କଷ୍ଟର ମୁକାବିଲା କରିଥାଏ ତାହା ଦ୍ୱାରା ଜୀର୍ଣ୍ଣ ହୋଇ ଓ ଅନୁଭବି ହୋଇ ଆତ୍ମା ପ୍ରଜ୍ୱଳିତ ହୋଇଉଠେ ଯେପରି ଲୌହ ବା କାଚ ଯଦିଚ ତା ନିଜ ଭିତରେ ଚମକ ରଖିଥାନ୍ତି କିନ୍ତୁ ଘର୍ଷଣ ଓ ପରିମାର୍ଜିତ ହେବାପରେ ଚମକ୍‌ଦାର ହୋଇଥାଏ ଏପରି କି, ସେଥିରେ ମୁହଁ ଦେଖୁଥିବା ବ୍ୟକ୍ତିର ମୁହଁ ଦେଖାଯାଇଥାଏ । ମୁଜାହିଦାତ୍ (ଅର୍ଥାତ୍ ଚେଷ୍ଟା ଓ ଉଦ୍ୟମ) ମଧ ପରିମାର୍ଜିତ ହେବାର କାମ କରିଥାନ୍ତି । ହୃଦୟର ପରିମାର୍ଜନ ଏପରି ହେବା ଉଚିତ ଯେ, ସେଥିରେ ମଧ ମୁହଁ ଦେଖାଯାଉ । ମୁହଁ ଦେଖାଯିବାର (ଅର୍ଥ) କ'ଣ ? *ତଖଲ୍ଲକୁ ବିଅଖିଲାକିଲ୍ଲାହି*ର ଅନୁରୁପ ହୋଇଥାଏ । ସାଲିକ୍‌ର ହୃଦୟ ହେଉଛି ଦର୍ପଣ (ସଦୃଶ) ଯାହାକୁ ଦୁଃଖ ଓ କଷ୍ଟ ଏତେ ମାତ୍ରାରେ ପରିମାର୍ଜିତ କରିଦିଏ ଯେ, ନବି (ସ:ଆ:ସ)ଙ୍କ ଚରିତ୍ର ତା'ଠାରେ ପ୍ରତିଫଳନ ହୋଇଥାଏ ଏବଂ ଏହା ସେତେବେଳେ ହୁଏ ଯେତେବେଳେ ବହୁତ ଚେଷ୍ଟା (ଓ ଉଦ୍ୟମ) ଏବଂ ପବିତ୍ରତା ଅବଲମ୍ବନ କରିବା ପରେ ତାହା ଭିତରେ କୌଣସି ପ୍ରକାରର ଅପବିତ୍ରତା ଓ ଅଶୁଦ୍ଧତା ନ ରହେ, ତା ପରେ ଯାଇ ଏହି ପଦମର୍ଯ୍ୟାଦା ଲାଭ ହୋଇଥାଏ । ପ୍ରତ୍ୟେକ ମୋମିନ୍‌ଙ୍କୁ ଯଥା ସମ୍ଭବ ଏପରି ଶୁଦ୍ଧ ଓ ପବିତ୍ର କରିବା ଆବଶ୍ୟକ । କୌଣସି ମୋମିନ୍ ବିନା ଦର୍ପଣ ହେବାରେ ମୋକ୍ଷ ପାଇବ ନାହିଁ । ସଲୁକ୍ ନିଜେ ଏହି ମାର୍ଜନ କରିଥାଏ, ନିଜ କାମରେ ଦୁଃଖ କଷ୍ଟ ଉଠାଇଥାଏ କିନ୍ତୁ ଯଜବ୍‌ବାଲାକୁ ଦୁଃଖ କଷ୍ଟରେ ପକାଇ ଦିଆଯାଏ । ଖୁଦା ନିଜେ ତାକୁ ମାର୍ଜନ କରିଥାନ୍ତି ଓ କିସମ୍ କିସମ୍‌ର ଦୁଃଖ କଷ୍ଟ ଓ ବିପଦଆପଦ ଦ୍ୱାରା ପରିମାର୍ଜିତ କରି ତାକୁ ଦର୍ପଣର ପଦମର୍ଯ୍ୟାଦା ପ୍ରଦାନ କରିଥାଏ । ବାସ୍ତବରେ ସାଲିକ୍ ଓ ମଯଜୁବ୍ ଦୁଇଜଣଙ୍କର ଗୋଟିଏ ହିଁ ଫଳ ସୁତରାଂ ମୁତ୍‌ତକି ଦୁଇଟି ଭାଗରେ ବିଭକ୍ତ ସଲୁକ୍ ଓ ଯଜବ୍ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୬ ରୁ ୧୮)*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ଘାବରାଛାନିଆ ହେବା, ସ୍ମରଣଶକ୍ତି କମ୍ ହୋଇଯିବା, କଥା ଭୁଲିଯିବା ଇତ୍ୟାଦି ଅଘଟଣ ହେବା ଫଳରେ ଯେଉଁ କ୍ଷତ ଓ ଆଘାତ ପହଂଚିଥାଏ ସେହିପରି ଅନ୍ୟାନ୍ୟ ସମସ୍ତ ଦୁଃଖ କଷ୍ଟରେ ନବୀମାନେ ମଧ୍ୟ ପୀଡ଼ିତ ହୋଇଥାନ୍ତି କେବଳ ଏହା ବ୍ୟତିତ ଯେ କୌଣସି ବିଶେଷ ନବୀଙ୍କୁ ଖୁଦାଙ୍କ ତରଫରୁ ସ୍ୱତନ୍ତ୍ରତା ଯୋଗୁଁ ସେ କୌଣସି ପ୍ରକାରର ବିଶେଷ ରୋଗରୁ ସୁରକ୍ଷା ଦେବାର ପ୍ରତିଶୃତି ଦିଆଯାଇଥିବ । ଯଦି ଏ ସ୍ଥାନରେ କୌଣସି ଲୋକକୁ ଏ ଭାବନା ଆସେ କି, ପବିତ୍ର କୋରାନ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ ଏ କଥା କହିଛନ୍ତି ଯେ, *ସନୁକ୍‌ରିଉକା ଫଲା ତନ୍‌ସା (ଆଲା:୭)* ଅର୍ଥାତ୍ ଆମ୍ଭେ ତୁମକୁ ଏପରି ଏକ ଶିକ୍ଷା ଦେବୁ ଯାହାକୁ ତୁମେ ଭୁଲିବ ନାହିଁ । ତେବେ ଏହାର ଉତରରେ ଭଲ ଭାବେ ମନେ ରଖିବା ଉଚିତ ହେବ ଯେ, ଏହି ପ୍ରତିଶୃତି କେବଳ ପବିତ୍ର କୋରାନ୍‌ର ଓ୍ୱହି(ଅର୍ଥାତ ସ୍ୱର୍ଗବାଣୀ) ସମ୍ବନ୍ଧୀୟ ଅଟେ ନା କି ସାଧାରଣ ରୂପେ । ଏହାର ଅର୍ଥ ହେଉଛି ଏପରି କି, ହେ ରସୁଲ୍ ସ:ଆ:ସ ! ଆମେ ନିଜର ଯେଉଁ ଓ୍ୱହି ଗୁଡ଼ିକୁ ତୁମ ଉପରେ ଏ ଉମତ୍‌ର ମାର୍ଗଦର୍ଶନ ନିମନ୍ତେ ଅବତୀର୍ଣ୍ଣ କରିବୁ ଯାହାକୁ ତୁମେ ଭୁଲିବ ନାହିଁ ଏବଂ ଆମେ ତାହାର ସୁରକ୍ଷା କୟାମତ ପର୍ଯ୍ୟନ୍ତ କରିବୁ । ନିତିଦିନିଆ କଥା ବା ସାଂସାରିକ କଥା ବା ସାଂସାରିକ କାର୍ଯ୍ୟ ନିର୍ବାହ କରିବାରେ ଏ ପ୍ରତିଶୃତି କଦାପି ଦିଆଯାଇନାହିଁ । ସୁତରାଂ ହଦିସ୍‌ରୁ ପ୍ରମାଣ ହେଉଛି ଯେ, ଆପଣ ସ:ଆ:ସ କେତେକ ଅବସରରେ ମନୁଷ୍ୟଗତ ଦୁର୍ବଳତା ଅନ୍ତର୍ଗତ ଭୁଲିଯାଉଥିଲେ ବରଂ ହଦିସ୍‌ରେ ଏ କଥା ମଧ୍ୟ ଆସିଛି ଯେ, ଆପଣ ସ:ଆ:ସ ବେଳେବେଳେ ନମାଜରେ ପଢ଼ାଯାଉଥିବା ରେକାତ୍‌ର ସଂଖ୍ୟାଗୁଡ଼ିକ ମଧ୍ୟ ଭୁଲି ଯାଇଛନ୍ତି । ଲୋକମାନଙ୍କ ଦ୍ୱାରା ମନେପକାଇବା ଯୋଗୁଁ ତାଙ୍କର ମନେ ପଡ଼ିଯାଉଥିଲା । ବୁଖାରୀ ଏବଂ ମୁସ୍‌ଲିମ୍ ଏହି ଦୁଇଟି ପୁସ୍ତକରେ ଉକ୍ତ ହଦିସ୍ ଗୁଡ଼ିକ ମହଜୁଦ୍ ରହିଛି ସେହିପରି ଆହୁରି ଅନେକ ଅବସରରେ ଆପଣ ସ:ଆ:ସ କଥା ଭୁଲିଯାଉଥିଲେ ।

ବରଂ ହଦିସ୍‌ରେ ଆଁ ହଜ୍‌ରତ୍ ସ:ଆ:ସ ନିଜ ସମ୍ବନ୍ଧରେ ଏ କଥା କହିଛନ୍ତି କି, *ଇନ୍ନମା ଆନା ବଶରୁନ୍ ଅନ୍‌ସା କମା ତନ୍‌ସୌନା ଫଇଜା ନସିତୁ ଖଜକ୍କିରୁନି (ଅବୁଦାଉଦ୍ କିତାବୁସ୍ ସଲାତ୍.....)* ଅର୍ଥାତ୍ ମୁଁ ମଧ୍ୟ ତୁମ ପରିକା ଜଣେ ମନୁଷ୍ୟ ଓ ଯେଉଁଭଳି ତୁମେ ମାନେ କେବେକେବେ ଭୁଲିଯାଅ ସେହିଭଳି ମୁଁ ମଧ୍ୟ ଭୁଲିପାରେ । ତେଣୁ ଯଦି ମୁଁ କୌଣସି ମାମଲାରେ ଭୁଲିଯାଏ ତେବେ ତୁମେ ମୋତେ ମନେପକାଇଦିଅ ।

ସୁତରାଂ ଯେଉଁଭଳି ଆଁ ହଜ୍‌ରତ୍ ସ:ଆ:ସ ବେଳେବେଳେ ପ୍ରାକୃତିକ ସ୍ୱଭାବ ଯୋଗୁଁ ଭୁଲି ଯାଉଥିଲେ ସେହିପରି ସୁଲାହ ହୁଦବିୟା ପରେ ମଧ୍ୟ ଆପଣ ସ:ଆ:ସଙ୍କୁ କିଛି ଭୁଲିଯିବାର ରୋଗ ହୋଇଯାଇଥିଲା । ସୁତରାଂ ଏହା ହେଉଛି ସେହି ଯାଦୁ ବାଲା ଆୟତର ପ୍ରକୃତ ବ୍ୟାଖ୍ୟା ଯାହାକୁ କିଛି ବିଗତ ଓଲେମାମାନେ ମଧ୍ୟ ବ୍ୟାଖ୍ୟା କରିଛନ୍ତି ଉଦାହରଣ ସ୍ୱରୂପ ଅଲ୍ଲାମାଃ ମାଜରି କହୁଛନ୍ତି କି, ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟତା ସମ୍ବନ୍ଧରେ ଅଗଣତି ଦୃଢ଼ ପ୍ରମାଣମାନ ମହଜୁଦ୍ ଅଛି ଓ ଆପଣ ସ:ଆ:ସଙ୍କ ମୋଜେଯାତ୍ (ଅର୍ଥାତ୍ ଐଶି ଚମତ୍କାରିତା) ମଧ୍ୟ ଆପଣଙ୍କ ସତ୍ୟତା ପାଇଁ ସାକ୍ଷୀ ଅଟନ୍ତି । ବାକି ଅନ୍ୟାନ୍ୟ ସାଧାରଣ ସାଂସାରିକ କଥା ଯାହାପାଇଁ ଆପଣ ସ:ଆ:ସ ନିୟୋଜିତ ହୋଇନଥିଲେ ସେ ସମ୍ବନ୍ଧରେ ଏହା ଏକ ଅସ୍ଥାୟୀ ରୋଗରୂପେ ଜଣାଯିବ । ଯେପରି କି, ସବୁଲୋକମାନଙ୍କୁ ଅନ୍ୟାନ୍ୟ ରୋଗ ହୋଇଥାଏ ।

ଅଲ୍ଲାମାଃ ଇବ୍‌ନୁଲ୍ କସ୍‌ସାର କହୁଛନ୍ତି କି, ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏପରି ଯେଉଁ ଭୁଲିଯିବାର ରୋଗ ହୋଇଥିଲା ଏହା ଅନ୍ୟସବୁ ରୋଗ ପରି ଗୋଟିଏ ରୋଗ ଥିଲା ଯେପରି କି, ହଦିସ୍‌ର ସେହି ଶେଷ ଶବ୍ଦରୁ ପ୍ରକାଶ ହେଉଛି ଯେ, ଅଲ୍ଲାଃ ତାଲା ମୋତେ ଆରୋଗ୍ୟ ପ୍ରଦାନ କରିଛନ୍ତି । (ଏଥିରେ ସ୍ପଷ୍ଟରୂପେ ଏହା ଲେଖାଯାଇଛି) ।

ସାରାଶଂ ହେଉଛି ଏହା କି, ସୁଲ୍‌ହା ହୁଦିବୟା ପରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପର ବର୍ଣ୍ଣିତ ଅବସ୍ଥା ବିଷୟରେ, ଯାହାକୁ ଶତ୍ରୁମାନଙ୍କ ଯାଦୁର ଖଳ ରୂପେ ଅଭିହିତ କରାଯାଇଥିଲା ତାହା କଦାପି କୌଣସି ଯାଦୁ ନଥିଲା ଓ ନା କୌଣସି ଯାଦୁର ଫଳ ଥିଲା ବରଂ ପରିସ୍ଥିତି ମୁତାବକ ଗୋଟିଏ ଭୁଲିଯିବାର ରୋଗ ଥିଲା ଯାହାକୁ କିଛି ଖଳ ପ୍ରକୃତିର ଲୋକେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଶେଷ ନିଜସ୍ୱ ଗୁଣର ଖିଲାଫରେ ପ୍ରପୋଗଣ୍ଡାର ମାଧ୍ୟମ ବନାଇଦେଲେ । ପବିତ୍ର କୋରନ୍ ନବୀମାନଙ୍କ ଉପରେ ଯାଦୁ କରାଯିବାର କାହାଣୀକୁ ଦୂରରୁ ହିଁ ଧକା ଦେଇଥାଏ ଅର୍ଥାତ୍ ଖଣ୍ଡନ କରିଥାଏ । ମନୁଷ୍ୟର ବୁଦ୍ଧି ତାହା ଗ୍ରହଣ କରିବାକୁ ଅସ୍ୱୀକାର କରିଥାଏ । ହଦିସ୍‌ର କଥା ମଧ୍ୟ ସେହି ବ୍ୟାଖ୍ୟାକୁ ମିଥ୍ୟା ଅଭିହିତ କରିଥାଏ ।

ହଜ୍‌ରତ୍ ମିର୍ଜା ବଶୀର୍ ଅହମଦ୍ ସାହେବ ର:ଅ ଏ କଥା ମଧ୍ୟ ଚର୍ଚ୍ଚା କରିଛନ୍ତି, ଯାହା ସର୍ବସାଧାରଣଙ୍କୁ ଲାଭ ପହଂଚାଇବ ଯେଉଁଭଳି ହଜ୍‌ରତ୍ ଖଲିଫାଃ ସାନି ଅ:ବ:ଅ (ସେତେବେଳେ ସେ ଜୀବିତ ଥିଲେ) ଏକ ରିଓ୍ୱାୟତ ରହିଛି । ସେହି ରିଓ୍ୱାୟତ୍ ମୁତାବକ ସିରତୁଲ୍ ମେହେଦିର ପ୍ରଥମ ଖଣ୍ଡର ରିଓ୍ୱାୟତ ସଂଖ୍ୟା ୭୫ ରୁ ଉଲ୍ଲେଖ ରହିଛି ଯେ, ଏକଦା ଜଣେ ଘୃଣା କରୁଥିବା ହିନ୍ଦୁ ଯିଏ ଗୁଜୁରାଟର ଲୋକ ଥିଲା, ସେ କାଦିୟାନ ଆସିଥିଲା । ଓ ସେ ଆକର୍ଷଣ ଜ୍ଞାନ ଅର୍ଥାତ୍ ବଶିକରଣ କରିବାରେ ବହୁତ ପ୍ରବିଣ ଥିଲା, ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସଭାରେ ଉପସ୍ଥିତ ହୋଇ ଆପଣ ଆ:ସଙ୍କ ଉପରେ ଚୁପ୍‌ଚାପ ବଶୀକରଣ କରିବାର ଧ୍ୟାନ ଆରମ୍ଭ କରିଦେଲା ଯଦ୍ୱାରା ଆପଣ ଆ:ସ କିଛି ଏପରି ବ୍ୟବହାର କରିବେ ଫଳତଃ ଲୋକମାନେ ଏହାକୁ ଦେଖି ଥଟ୍ଟା ପରିହାସ କରିବେ । କିନ୍ତୁ ଯେତେବେଳେ ଆପଣ ଆ:ସ ସେହି ବ୍ୟକ୍ତି ଉପରେ ଧ୍ୟାନ ପକାଇଲେ ଏଥିରେ ସେ ଚିତ୍କାର କରି ଉଠି ପଳାଇଗଲା । ଓ ଯେତେବେଳେ ତାକୁ ଏ ବିଷୟରେ ପଚରାଗଲା ଯେ ତୁମକୁ କ'ଣ ହୋଇଯାଇଥିଲା ସେ ଏହାର ଉତରରେ କହିଲା କି, ଯେତେବେଳେ ମୁଁ ମିର୍ଜା ସାହେବଙ୍କ ଉପରେ ବଶୀକରଣର ଧ୍ୟାନ କଲି ସେତେବେଳେ ମୋତେ ଏପରି ଦେଖାଗଲା ଯେ, ମୋ ସମ୍ମୁଖରେ ଗୋଟିଏ ଭୟଙ୍କର ସିଂହ ଛିଡ଼ା ହୋଇଛି ଯିଏ ମୋ ଉପରେ ଆକ୍ରମଣ କରିବାକୁ ଯାଉଥିଲା ପୁଣି ମୁଁ ତାକୁ ଭୟ କରି ସେଠାରୁ ପଳାୟନ କଲି । ଆପଣ ର:ଅ ଲେଖୁଛନ୍ତି କି, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବକ ଅଟନ୍ତି । ଯେବେ ସେବକଙ୍କର ଏପରି ପଦମର୍ଯ୍ୟାଦା ରହିଛି ଯେ, ତାଙ୍କ ଉପରେ ଅଲ୍ଲାଃ ତାଲା ବଶୀକରଣ ବିଦ୍ୟାର ପ୍ରଭାବ ପକାଇବାକୁ ଦେଲା ନାହିଁ ତେବେ ତାଙ୍କ ଆକାଙ୍କ ସମ୍ବନ୍ଧରେ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ ଏପରି ଭାବିବା ଯେ, ଆପଣ ସ:ଆ:ସଙ୍କୁ ମଉଜୁବିଲ୍ଲାଃ ଜଣେ ଇହୁଦୀ ବଶୀକରଣ କରିଦେଇଥିଲା ଏହା କିପରି ଗ୍ରହଣ କରାଯାଇପାରେ ।

*(ଉଦ୍ଧୃତ ମଜାନିନ୍ ବଶୀର୍ ଖଣ୍ଡ-୩, ପୃ- ୬୪୨ ରୁ ୬୫୩, ମଜାନିନ୍ ୧୯୫୯)*

ପରିଶେଷରେ ଏ ଯୁଗର ହକମ୍ ଏବଂ ଅଦଲ୍ (ଅର୍ଥାତ୍ ନ୍ୟାୟ ନିଷ୍ପତି କାରି)ଙ୍କ ଏ ସମ୍ବନ୍ଧରେ ଥିବା ନୀତିବାଣୀ ପଢ଼ି ହେଉଛି ଯାହା ସମସ୍ତ ସ୍ପଷ୍ଟିକରଣ ଓ ବ୍ୟାଖ୍ୟା ଉପରେ ଅଧିକ ପ୍ରଭାବଶାଳୀ ଅଟେ ।

ଜଣେ ବ୍ୟକ୍ତି ଆପଣ ଆ:ସଙ୍କ ମଜ୍‌ଲିସ୍‌ରେ ପ୍ରଶ୍ନ ପଚାରିଲା ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଅବିଶ୍ୱାସକାରୀମାନେ ଯେଉଁ ଯାଦୁ କରିଥିଲେ ସେ ସମ୍ବନ୍ଧରେ ଆପଣ ଆ:ସଙ୍କ କଣ ମତ ରହିଛି ? ଏଥିରେ ହଜ୍‌ରତ୍ ସାହେବ କହିଲେ ଯେ, ''ଯାଦୁ ମଧ୍ୟ ସଇତାନ ତରଫରୁ ହୋଇଥାଏ । ରସୁଲ୍ ଏବଂ ନବୀମାନଙ୍କର ପଦମର୍ଯ୍ୟାଦା ଏପରି ନୁହେଁ ଯେ, ସେମାନଙ୍କ ଉପରେ ଯାଦୁର କିଛି ପ୍ରଭାବ ହୋଇପାରିବ ବରଂ ସେମାନଙ୍କୁ ଦେଖି ଯାଦୁ ପଳାୟନ କରିଥାଏ ଯେପରି ଖୁଦାତାଲା କହୁଛନ୍ତି *ଲା ୟୁଫ୍‌ଲିହୁସ୍ ସାହିରୁ ହଇସୁ ଅତା (ତା ହା: ୭୦)''* ଅର୍ଥାତ୍ ''ଦେଖ ହଜ୍‌ରତ୍ ମୁସା ଆ:ସଙ୍କ ବିରୋଦ୍ଧରେ ଯାଦୁ କରାଯାଇଥିଲା ଶେଷରେ ମୁସା ଆ:ସ ବିଜୟ ପାଇଲେ କି ନାଇ ? ଏ କଥା ସମ୍ପୁର୍ଣ୍ଣରୂପେ ଭୁଲ୍ ଅଟେ ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ବିରୋଦ୍ଧରେ ଯାଦୁ ବିଜୟପ୍ରାପ୍ତ କରିଥିଲା । ଆମେ ଏହାକୁ କେବେ ବି ମାନିପାରିବୁ ନାହିଁ । ଆଖି ବନ୍ଦ କରି ବୁଖାରୀ ଏବଂ ମୁସ୍‌ଲୀମକୁ ମାନିଚାଲିବା ହେଉଛି ଆମ ନିୟମର ଖିଲାପ୍ । ଏହାକୁ ତ ବୁଦ୍ଧି ମଧ୍ୟ ସ୍ୱୀକାର କରିପାରିବ ନାହିଁ ଯେ, ଏପରି ମହାନ୍ ନବୀଙ୍କ ଉପରେ ଯାଦୁ ପ୍ରଭାବ ପକାଇଥିଲା । ପୁଣି ଏପରି କଥା କୁହାଯାଉଛି ଯେ, ସେହି ଯାଦୁର ପ୍ରଭାବ ଯୋଗୁଁ (ନଉଜୁବିଲ୍ଲା) ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ମରଣ ଶକ୍ତି ଶେଷ ହୋଇଗଲା ବା ଏପରି ହୋଇଗଲା ବା ସେପରି ହୋଇଗଲା ଏହା କୌଣସି କ୍ଷେତ୍ରରେ ଠିକ୍ ହୋଇପାରେନାହିଁ ।''

ପୁଣି ଆପଣ ଆ:ସ କହୁଛନ୍ତି କି, ''ଏପରି ଜଣାପଡୁଛି ଯେ, କୌଣସି ଖଳ ପ୍ରକୃତିର ଲୋକ ନିଜ ଆଡୁ ଏପରି କଥା ମିଶାଇଦେଇଛି । ଯଦିଚ ଆମେ ବହୁତ ସମ୍ମାନର ସହିତ ହଦିସ ଗୁଡ଼ିକୁ ଦେଖିଥାଉ କିନ୍ତୁ ଯେଉଁ ହଦିସ୍ ଗୁଡ଼ିକ ପବିତ୍ର କୋରାନ୍‌ର ଖିଲାପ ଥିବ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନ ବିରୋଦ୍ଧି ହୋଇଥିବ ସେଗୁଡ଼ିକୁ ଆମେ କେବେ ମାନିପାରିବୁ । ସେ ଯୁଗରେ ହଦିସ୍‌ଗୁଡ଼ିକୁ ଏକାଠି କରିବାର ସମୟ ଥିଲା ଯଦିଚ ସେମାନେ'' (ଅର୍ଥାତ୍ ଯେଉଁମାନେ ହଦିସ୍‌ଗୁଡ଼ିକୁ ଏକାଠି କରୁଥିଲେ) ''ବୁଝିବିଚାରି ହଦିସ୍‌ଗୁଡ଼ିକୁ ଦରଜ କରିଥିଲେ କିନ୍ତୁ ସମ୍ପୁର୍ଣ୍ଣରୂପେ ସତର୍କତା ଅବଲମ୍ବନ କରିପାରିନଥିଲେ ତାହା ଜମା କରିବାର ସମୟ ଥିଲା କିନ୍ତୁ ବର୍ତମାନ ସେ ସବୁଗୁଡ଼ିକ ଉପରେ ଗଭୀର ଅଧ୍ୟୟନ କରିବାର ବେଳ'' ଦେଖ ଓ ଚିନ୍ତାକର କୌଣସି ହଦିସ୍ ପବିତ୍ର କୋରାନ୍ ବା ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନ ଓ ପବିତ୍ରତା ସହିତ ଚ୍ୟାଲେଞ୍ଜ କରୁଥିବ ତେବେ ତାହା ଖଣ୍ଡନ କରିବା ଯୋଗ୍ୟ ବା ତାହାର ଆଉ କିଛି ବ୍ୟାଖ୍ୟା ଥିବ (ଯେପରି ବ୍ୟାଖ୍ୟା ହଜ୍‌ରତ୍ ମିର୍ଜା ବଶୀର୍ ଅହେମଦ୍ ସାହେବ ବା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି କରିଛନ୍ତି) ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ,''ନବୀଙ୍କ ସ୍ମୃତିକୁ ଜମା କରିବା ବହୁତ ପୂର୍ଣ୍ଣ କାର୍ଯ୍ୟ କିନ୍ତୁ ଏ କଥା ନିୟମ ରହିଛି ଯେ, ଜମା କରିବାବାଲା ଖୁବ୍ ଧ୍ୟାନର ସହିତ କାମ ନେଇ ପାରିଲେ ନାହିଁ । ବର୍ତମାନ ପ୍ରତ୍ୟେକଙ୍କୁ ଏ ଅଧିକାର ରହିଛି ଯେ, ଖୁବ୍ ଧ୍ୟାନର ସହିତ କାର୍ଯ୍ୟ କରନ୍ତୁ । ଯାହାକୁ ମାନିବାର କଥା ତାହା ମାନନ୍ତୁ ଓ ଯାହାକୁ ପରିତ୍ୟାଗ କରିବାର କଥା ତାହା ଛାଡ଼ିଦିଅନ୍ତୁ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଏପରି ଆରୋପ ଲଗାଇବା (ମାଆଜଲ୍ଲାଃ) କି ତାଙ୍କ ଉପରେ ଯାଦୁର ପ୍ରଭାବ ପଡ଼ିଥିଲା ବୋଲି ଏହା ଦ୍ୱାରା ବିଶ୍ୱାସ ଉଠିଯାଉଛି ।'' ଆପଣ ଆ:ସ କହୁଛନ୍ତି କି,''ଖୁଦାତାଲା କହୁଛନ୍ତି *ଇଜ୍ ୟକୁଲୁଜ୍ ଜାଲେମୁନା ଇନ୍ ତତ୍‌ତବିଉନା ଇଲ୍ଲା ରଜୁଲମ୍ ମସ୍‌ହୁରା (ବନି ଇସ୍‌ରାଇଲ: ୪୮)* ଅର୍ଥାତ୍ ଯେବେ ଅତ୍ୟାଚାରୀ ଲୋକମାନେ ଏ କଥା କହୁଛନ୍ତି ଯେ, ତୁମେମାନେ କେବଳ ଏପରି ଜଣେ ବ୍ୟକ୍ତିଙ୍କ ଅନୁସରଣ କରୁଅଛ ଯାହାଙ୍କୁ ଯାଦୁ କରାଯାଇଅଛି । ଅର୍ଥାତ୍ ସେ ଯାଦୁରେ ପ୍ରଭାବିତ ହୋଇଛି । ''ଏ ଭଳି କଥା କହୁଥିବା ଲୋକମାନେ ହେଉଛନ୍ତି ଅତ୍ୟାଚାରୀ ମୁସଲ୍‌ମାନ ନୁହନ୍ତି । ଏହା ତ ବେଇମାନ୍ ଓ ଜାଲିମ୍ ମାନଙ୍କର କଥା ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ (ଅଲ୍ଲାଃଙ୍କ ଶରଣ) ଯାଦୁର ପ୍ରଭାବ ପଡ଼ିଥିଲା । ଏତିକି କଥା ବୁଝୁନାହାନ୍ତି ଯେ, ଯେବେ ଆଁ ହଜ୍‌ରତ୍ ସ:ଆ:ସଙ୍କର (ଲଉଜୁବିଲ୍ଲାଃ) ଏପରି ଅବସ୍ଥା ଥିଲା ତେବେ ପୁଣି ଏ ଉମ୍ମତର କ'ଣ ଠିକଣା ? ତାହା ତ ପୁଣି ବୁଡ଼ିଗଲା । ଜଣା ନାହିଁ ସେହି ଲୋକମାନଙ୍କୁ କଣ ହୋଇଯାଇଛି ଯେ, ଯେଉଁ ନିରିହ ନବୀ ସ:ଆ:ସଙ୍କୁ ସବୁ ଅବତାରମାନେ ସଇତାନର ପ୍ରଭାବରୁ ପବିତ୍ର ବୋଲି ଜାଣିଆସିଛନ୍ତି ଏମାନେ ତାଙ୍କ ପଦମର୍ଯ୍ୟାଦା ସମ୍ବନ୍ଧରେ ଏଣୁତେଣୁ କଥା କହୁଛନ୍ତି'' *(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୪୭୧ ରୁ ୪୭୨)*

ଅଲ୍ଲାଃଙ୍କର ସମସ୍ତ ପ୍ରଶଂସା ଯେ ଆମେ ଏ ଯୁଗର ଇମାମ୍‌କୁ ମାନି ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ ମଧ୍ୟ ବୁଝିପାରୁଛେ ଓ ଚିହ୍ନିପାରୁଛେ ।

*(ଅଲ୍‌ଫଜଲ୍ ଇଂଟରନ୍ୟାଶନାଲ ୨୨ ମାର୍ଚ୍ଚ ଓ ୨୯ ମାର୍ଚ୍ଚ ୨୦୧୯, ପୃ- ୧୩ ରୁ ୧୭)*

⌘⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

## ''ଯିଏ ଅଲ୍ଲାଃ ତାଲାଙ୍କ ପାଇଁ ବିନମ୍ରତା ଓ ବିନୟ୍ ଭାବ ଗ୍ରହଣ କରିଥାଏ ଅଲ୍ଲାଃ ତାଲା ତା ପଦ ମର୍ଯ୍ୟାଦାକୁ ବଢ଼ାଇଥାଏ ଏବଂ ଯିଏ ଗର୍ବ କରେ ଅଲ୍ଲାଃ ତାଲା ତାକୁ ତିରସ୍କାର କରିଥାନ୍ତି ।''

*ଆଜ୍ଞାବହତା ସ୍ୱୀକାର କରିବା ଓ ନିଷ୍ଠା ଏବଂ ଭକ୍ତିଭାବରେ ପରିପୂର୍ଣ୍ଣ ରସୁଲୁଲ୍ଲାଃ ସ:ଆ:ସଙ୍କ ବଦ୍ରୀ ସାହାବାଗଣ ହଜ୍‌ରତ୍ ଖୌଲୀ ବିନ୍ ଅବି ଖୌଲୀ, ହଜ୍‌ରତ୍ ରାଫେ ବିନ୍ ମୁଅଲ୍ଲା, ହଜ୍‌ରତ୍ ଜୁଶ୍ ଶିମାଲୈନ୍ ଉମେର୍ ବିନ୍ ଅବ୍‌ଦେ ଅମ୍‌ରୋ, ହଜ୍‌ରତ୍ ରାଫେ ବିନ୍ ଯଜିଦ୍, ହଜ୍‌ରତ୍ ଜକ୍‌ୱାନ୍ ବିନ୍ ଅବ୍‌ଦେ କୈସ୍, ହଜ୍‌ରତ୍ ଖୱାତୁ ଇବ୍‌ନ ଜୁବୈର୍ ଅନ୍‌ସାରୀ, ହଜ୍‌ରତ୍ ରବିୟା ବିନ୍ ଅକ୍‌ସମ୍, ହଜ୍‌ରତ୍ ରିଫାଆ ବିନ୍ ଅମ୍‌ରୋ ଅଲ୍‌ଜୁହନି, ହଜ୍‌ରତ୍ ଜିୟାଦ୍ ବିନ୍ ଅମ୍‌ରୋ, ହଜ୍‌ରତ୍ ସାଲିମ୍ ବିନ୍ ଉମୈର୍ ବିନ୍ ସାବିତ୍, ହଜ୍‌ରତ୍ ସୁରାକାଃ ବିନ୍ କାଆବ୍, ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍, ହଜ୍‌ରତ୍ ଅସିମ୍ ବିନ୍ କୈସ୍, ହଜ୍‌ରତ୍ ତୁଫୈନ୍ ବିନ୍ ମାଲିକ୍ ବିନ୍ ଖନ୍‌ସାଆ, ହଜ୍‌ରତ୍ ତୁଫୈନ୍ ବିନ୍ ନୁମାନ୍, ହଜ୍‌ରତ୍ ଜହାକ୍ ବିନ୍ ଅବ୍‌ଦେ ଅମ୍‌ରୋ, ହଜ୍‌ରତ୍ ଜହାକ୍ ବିନ୍ ହାରସାଃ, ହଜ୍‌ରତ୍ ଖଲାଦ୍ ବିନ୍ ସୁୱେଦ୍ ଏବଂ ହଜ୍‌ରତ୍ ଅଓସ୍ ବିନ୍ ଖୌଲୀ ଅନ୍‌ସାରୀ ର:ଅଙ୍କ ପବିତ୍ର ଜୀବନ ଚରିତର ହୃଦୟ ସ୍ପର୍ଶୀ ବର୍ଣ୍ଣନା*

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧ ମାର୍ଚ୍ଚ ୨୦୧୯ ଅନୁଯାୟୀ ୧ ତବ୍‌ଲିଗ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ବଦ୍‌ରି ସାହାବାମାନଙ୍କ ଜୀବନ ଚରିତ ଘଟଣାବଳୀ ଆଧାରରେ ବା ସେମାନଙ୍କ ଜୀବନୀର ଅନେକ ପାର୍ଶ୍ୱର ଚର୍ଚ୍ଚା ଚାଲିଛି । ଆଜି ମଧ୍ୟ ସେହି ସିଲ୍‌ସିଲାରେ କିଛି ସାହାବା ମାନଙ୍କର ଚର୍ଚ୍ଚା କରିବି । ହଜ୍‌ରତ୍ ଖୌଲି ବିନ୍ ଅବି ଖୌଲି ର:ଅ । ହଜ୍‌ରତ୍ ଖୌଲି ର:ଅ ବଦର୍ ଓ୍ୱହଦ୍ ଏବଂ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ୍ ହୋଇଛନ୍ତି । ଅବୁ ମାଶ୍‌ର ଏବଂ ମୁହମ୍ମଦ ବିନ୍ ଉମ୍‌ର କହୁଛନ୍ତି କି, ହଜ୍‌ରତ୍ ଖୌଲି ର:ଅ ବଦର୍ ଯୁଦ୍ଧରେ ନିଜ ପୁଅଙ୍କ ସହିତ ସାମିଲ୍ ହୋଇଥିଲେ କିନ୍ତୁ ସେ ପୁଅର ନା କହିଲେ ନାହିଁ । ମୁହମ୍ମଦ୍ ବିନ୍ ଇସ୍‌ହାକ କହୁଛନ୍ତି (ଏମାନେ ସମସ୍ତେ ଐତିହାସିକ) କି ହଜ୍‌ରତ୍ ଖୌଲି ର:ଅ ନିଜ ଭାଇ ମାଲିକ୍ ବିନ୍ ଅବି ଖୌଲି ର:ଅଙ୍କ ସହିତ ବଦର ଯୁଦ୍ଧରେ ହଜ୍‌ରତ୍ ଖୌଲି ର:ଅ ଏବଂ ତାଙ୍କର ଦୁଇ ଭାଇ ହଜ୍‌ରତ୍ ହିଲାଲ୍ ବିନ୍ ଅବି ଖୌଲି ର:ଅ ଓ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବି ଖୌଲି ର:ଅ ମଧ୍ୟ ସାମିଲ୍ ହୋଇଥିଲେ । ହଜ୍‌ରତ୍ ଖୌଲି ର:ଅ ହଜ୍‌ରତ୍ ଉମ୍‌ର ର:ଅଙ୍କ ଖିଲାଫତ୍ ସମୟରେ ମୃତ୍ୟୁବରଣ କରିଛନ୍ତି ।
*(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୨୯୯, ଖୌଲି ଅବି ଖୌଲି ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିହା ବେରୁତ୍ ୧୯୯୦)*

ଦ୍ୱିତୀୟ ସାହାବିଙ୍କ ନାମ ହେଉଛି ହଜ୍‌ରତ୍ ରାଫେ ବିନ୍ ମୁଅଲ୍ଲା ର:ଅ । ହଜ୍‌ରତ୍ ରାଫେ ବିନ୍ ମୁଅଲ୍ଲାଙ୍କ ସମ୍ବନ୍ଧ କବିଲା ଖଜ୍‌ରଜ୍‌ର ଶାଖା ବନୁ ହବିବ୍ ସହିତ ଥିଲା । ତାଙ୍କ ମାଆଙ୍କ ନାମ ଇବାମୁ ବିନ୍‌ତ୍ ଅଓଫ୍ ଥିଲା । ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ରାଫେ ର:ଅ ଓ ହଜ୍‌ରତ୍ ସଫ୍‌ୱାନ୍ ବିନ୍ ବୈଜା ର:ଅଙ୍କ ମଧ୍ୟରେ ଅକ୍‌ଦେମୁଆଖାତ (ଅର୍ଥାତ୍ ଭାଇ ଭାଇ) ପ୍ରତିଷ୍ଠା କରିଥିଲେ । ଏହି ଦୁଇଜଣ ସାହାବି ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଆଉ କିଛି ରିଓ୍ୱାୟତ୍ ମୁତାବକ ଦୁଇଜଣଯାକ ବଦର୍ ଯୁଦ୍ଧରେ ଶହୀଦ ହୋଇଥିଲେ । ଆଉ ଗୋଟିଏ ରିଓ୍ୱାୟତ୍ ଏହା ମଧ୍ୟ ଅଛି ଜ୍‌ରତ୍ ସଫ୍‌ୱାନ୍ ବିନ୍ ବୈଜା ର:ଅ ବଦର୍ ଯୁଦ୍ଧରେ ଶହୀଦ୍ ହୋଇନଥିଲେ । ମୁସା ବିନ୍ ଉକ୍‌ବାଃଙ୍କ ରିଓ୍ୱାୟତ୍ ଅଛି କି ହଜ୍‌ରତ୍ ରାଫେ ର:ଅ ଓ ତାଙ୍କ ଭାଇ ବିଲାଲ୍ ବିନ୍ ମୁଅଲ୍ଲା ର:ଅ ଦୁଇଜଣଯାକ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ହଜ୍‌ରତ୍ ରାଫେଙ୍କୁ ଇକ୍‌ରମାଃ ବିନ୍ ଅବୁଜହଲ୍ ବଦର୍ ଯୁଦ୍ଧରେ ଶହୀଦ୍ କରିଥିଲେ ।
*(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୪୫୦, ରାଫେ ବିନ୍ ମୁଅଲ୍ଲା, ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିହା ବେରୁତ୍ ୧୯୯୦) (ଇସ୍ତିୟାବ୍ ଖଣ୍ଡ-୨, ପୃ-୪୮୪ ରୁ ୪୮୫, ରାଫେ ବିନ୍ ମୁଅଲ୍ଲା, ମୁଦ୍ରଣ ଦାରୁଲ୍ ଜୈଲ୍ ବେରୁତ ୧୯୯୨)*

ଆଉ ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଜୁଶ୍‌ଶମାଲୈନ୍ ଉମୈର୍ ବିନ୍ ଅବ୍‌ଦେ ଉମ୍‌ରୋ ର:ଅ । ତାଙ୍କର ଅସଲ ନାମ ଉମୈର୍ ର:ଅ ଥିଲା ଓ ତାଙ୍କ କୁନିୟତ୍ ଥିଲା ଅବୁ ମୁହମ୍ମଦ୍ । ଇବ୍‌ନେ ହୁଶାମ୍ ବର୍ଣ୍ଣନା କରୁଛନ୍ତି କି ଆପଣଙ୍କୁ ଜୁଶ୍‌ଶମାଲୈନ୍ କୁହାଯାଉଥିଲା । ଏହା ତାଙ୍କର ନାମ ନଥିଲା ବରଂ ତାଙ୍କର ଏକ ଉପାଧି ଥିଲା । କାରଣ ସେ ବାମ ହାତରେ ଅଧିକା କାମ କରୁଥିଲେ । ଦ୍ୱିତୀୟ ରିଓ୍ୱାୟତ୍‌ରେ ଆସୁଛି କି ସେ ଦୁଇ ହାତରେ କାମ କରିପାରୁଥିଲେ । ଏକ ପ୍ରକାରର ବ୍ୟବହାର କରୁଥିଲେ । ତେଣୁ ତାଙ୍କୁ ଜୁଲ୍‌ୟବୈନ ମଧ୍ୟ କୁହାଯାଉଥିଲା । ତାଙ୍କର ସମ୍ବନ୍ଧ କବିଲା ବନୁ ଖଜାଆ ସହିତ ଥିଲା । ସେ ବନୁ ଜୁହ୍ରୈରାଃର ବନ୍ଧୁ ଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ଖୈସମାଃଙ୍କ ଘରେ ରହିଲେ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ଯଜିଦ୍ ବିନ୍ ହାରିସ୍‌ଙ୍କ ସହିତ ମୁଆଖାତ୍ କାଏମ୍ କଲେ । ଏହି ଦୁଇଜଣ ସାହାବା ବଦର୍ ଯୁଦ୍ଧରେ ଶହୀଦ୍ ହୋଇଯାଇଥିଲେ । ସେ ବଦର୍ ଯୁଦ୍ଧରେ ଶହୀଦ୍ ହେଲେ ଯେପରି କି ତାଙ୍କର ଚର୍ଚ୍ଚା କରାଗଲା । ତାଙ୍କୁ ଉସାମାଃ ଯୁଶ୍‌ମୀ ଶହୀଦ୍ କରିଥିଲେ । ଶହୀଦ୍ ହେବା ସମୟରେ ତାଙ୍କ ବୟସ ୩୦ ବର୍ଷରୁ ଅଧିକା ଥିଲା । ତବକାତୁଲ୍ କୁବରାରେ ଅବୁ ଉସାମାଃ ଯୁଶ୍‌ମୀ ନାମ ଆସିଛି କି ସେ ହତ୍ୟା କରିଥିଲା । *(ତବ୍‌କାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୧୨୪ ରୁ ୧୨୫, ଜୁଲ୍‌ୟବୈନ୍... ବେରୁତ୍ ୧୯୯୦) (ହରତ୍ ଇବ୍‌ନେ ହୁଶାମ୍, ପୃ-୨୧୭, ଜୁଶ୍‌ଶମାଲୈନ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ)*

ପୁଣି ଯେଉଁ ସାହାବିଙ୍କ ଚର୍ଚ୍ଚା ଏଠାରେ କରାଯିବ ତାଙ୍କ ନାମ ହେଉଛି ହଜ୍‌ରତ୍ ରାଫେ ବିନ୍ ଯଜିଦ୍ ର:ଅ । ଗୋଟିଏ ରିଓ୍ୱାୟତ୍‌ରେ ତାଙ୍କ ନାମ ରାଫେ ବିନ୍ ଜୈନ୍ ର:ଅ ମଧ୍ୟ ବର୍ଣ୍ଣନା କରାଯାଇଛି । ହଜ୍‌ରତ୍ ରାଫେ ବିନ୍ ଯଜିଦ୍‌ଙ୍କ ସମ୍ପର୍କ ଅନ୍‌ସାରଙ୍କ କବିଲା ଅଓସ୍ ର ଶଖା ବନୁ ଜଉରା ବିନ୍ ଅବ୍‌ଦିଲ୍ ଅଶ୍‌ହଲ୍ ସହିତ ଥିଲା । ହଜ୍‌ରତ୍ ରାଫେ ର:ଅଙ୍କ ମା' ଅକ୍‌ରବ୍ ବିନ୍‌ତ ମୁଆଦ ପ୍ରସିଦ୍ଧ ସାହାବି ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ଭଉଣି ଥିଲା । ହଜ୍‌ରତ୍ ରାଫେଙ୍କର ଦୁଇଜଣ ପୁତ୍ର ଉସୈଦ୍ ଓ ଅବ୍‌ଦର୍ ରହ୍‌ମାନ୍ ଥିଲେ । ଏହି ଦୁଇଜଣଙ୍କ ମା'ଙ୍କ ନାମ ଅକ୍‌ରବ୍ ବିନ୍‌ତେ ସଲାମାଃ ଥିଲା । ହଜ୍‌ରତ୍ ରାଫେ ବଦର ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଗୋଟିଏ ରିଓ୍ୱାୟତ୍ ମୁତାବକ ସେ ବଦର୍ ଯୁଦ୍ଧ ଦିନ ସଇଦ୍ ବିନ୍ ଜୟଦ୍ ର:ଅଙ୍କ ଓଟରେ ବସିଥିଲେ । ସେ ଓ୍ୱହଦ୍ ଯୁଦ୍ଧରେ ଶହୀଦ୍ ହେଲେ ।
*(ତବ୍‌କାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୩୩୭, ରାଫେ ବିନ୍ ଯଜିଦ୍..... ୧୯୯୦) (ଉସଦୁଲ୍ ଗାବାଃ, ଖଣ୍ଡ-୨, ପୃ-୨୩୫, ରାଫେ ବିନ୍ ଜୈଦ୍...... ୨୦୦୩)*

ପୁଣି ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଜକ୍‌ୱାନ୍ ବିନ୍ ଅବ୍‌ଦେ କୈସ୍ ର:ଅ ତାଙ୍କ କୁନିୟତ ଥିଲା ଅବଦୁଲ୍ ସବା । ହଜ୍‌ରତ୍ ଜକ୍‌ୱାନଙ୍କ ସମ୍ପର୍କ ଅନ୍‌ସାରର କବିଲା ଖଜ୍‌ରଜ୍‌ର ଶାଖା ବନୁ ଜୁରୈକ୍ ସହିତ ଥିଲା । ସେ ବୟତେ ଉକ୍‌ବାଃ ଉଲା ଏବଂ ସାନିୟାରେ ଯୋଗ ଦେଇଥିଲେ । ତାଙ୍କର ଏକ ସ୍ୱତନ୍ତ୍ର ଓ ଚର୍ଚ୍ଚା କରିବା ଯୋଗ୍ୟ କଥା ଏହା କି ସେ ମଦିନାରୁ ହିଜ୍‌ରତ୍ କରି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ମକ୍କା ଯାଇଥିଲେ । ସେତେବେଳ ପର୍ଯ୍ୟନ୍ତ ଆଁ ହଜ୍‌ରତ୍ ସ:ଆ:ସ ମକ୍କାରେ ଥିଲେ । ତାଙ୍କୁ ଅନ୍‌ସାରୀ ମୁହାଜିର୍ କୁହାଯାଉଥିଲା । ସେ ମକ୍କାରେ ଯାଇ କିଛି ସମୟ ରହିଲେ । ବା ଏପରି ବୁଝିବାକୁ ହେବ ଯେ ସେ ହିଜ୍‌ରତ୍ କରି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଆସିଗଲେ । ସେ ବଦର୍ ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ଥିଲେ ଓ ଓ୍ୱହଦ୍ ଯୁଦ୍ଧରେ ସେ ଶହୀଦ୍ ହେଲେ । ତାଙ୍କୁ ଅବୁ ହକମ୍ ବିନ୍ ଅଖ୍‌ନସ୍ ଶହୀଦ୍ କରିଥିଲା । ହଜ୍‌ରତ୍ ଜକ୍‌ୱାନ୍ ବିନ୍ ଅବ୍‌ଦେ କୈସ୍‌ଙ୍କୁ ଅନ୍‌ସାରୀ ମୁହାଜିର୍ କୁହାଯାଏ ।
*(ଉସ୍‌ଦୁଲ୍ ଗାବାଃ, ଖଣ୍ଡ-୨, ପୃ-୨୧୦, ଜକ୍‌ୱାନ୍ ବିନ୍ ଅବ୍‌କେ କୈସ୍,.... ୨୦୦୩)*

ଅଲ୍ଲାମାଃ ଇବ୍‌ନେ ସାଆଦ୍ ତବ୍‌କାତେ କୁବ୍‌ରାରେ ଲେଖୁଛନ୍ତି କି ମଦିନା ହିଜ୍‌ରତ୍ କରିବା ବେଳେ ଯେବେ ମୁସଲ୍‌ମାନମାନେ ମଦିନା ନିମନ୍ତେ ବାହାରିଲେ, ସେତେବେଳେ କୁରୈଶ୍ ଭିଷଣ ନାରାଜ ଥିଲେ ଓ ଯେଉଁ ଯୁବକମାନେ ହିଜ୍‌ରତ୍ କରି ଯାଇସାରିଥିଲେ, ସେମାନଙ୍କ ଉପରେ ଭିଷଣ ରାଗିଲେ । ଅନ୍‌ସାରଙ୍କ ଏକ ଦଳ ଉକ୍‌ବାଃ ସାନିୟାରେ ରସୁଲୁଲ୍ଲାଃ ସ:ଆ:ସଙ୍କ ବୟତ୍ କରିଥିଲେ ଓ ତା'ପରେ ମଦିନା ଫେରିଯାଇଥିଲେ । ଯେତେବେଳେ ପ୍ରାରମ୍ଭିକ ମୁହାଜିର୍ ଦଳ କୁବାଠାରେ ପହଂଚିଗଲେ ସେତେବେଳେ ଏହି ଅନ୍‌ସାର୍‌ମାନେ

ରସୁଲେ କରିମ୍ ସ:ଆ:ସଙ୍କ ନିକଟକୁ ମକ୍କା ଚାଲିଗଲେ ଓ ଆପଣ ସ:ଆ:ସଙ୍କ ସାହାବିମାନଙ୍କ ସହିତ ମିଶି ହିଜରତ୍ କରି ମଦିନା ଚାଲି ଆସିଲେ । ଏହି କାରଣରୁ ଏମାନଙ୍କୁ ଅନ୍‌ସାରୀ ମୁହାଜିର୍ କୁହାଯାଏ । ଏହି ସାହାବାମାନଙ୍କ ମଧ୍ୟରେ ହଜ୍‌ରତ୍ ଜକ୍‌ୱାନ୍ ବିନ୍ ଅବ୍‌ଦେ କୈସ୍, ହଜ୍‌ରତ୍ ଅକ୍‌ବା ବିନ୍ ୱହଦ୍ ର:ଅ, ହଜ୍‌ରତ୍ ଅବ୍‌ବାସ୍ ବିନ୍ ଉବାବାଃ ର:ଅ ଏବଂ ହଜ୍‌ରତ୍ ଜିୟାଦ୍ ବିନ୍ ଲବିଦ୍ ର:ଅ ସାମିଲ୍ ଥିଲେ । ତା'ପରେ ବାକି ସବୁ ମୁସଲ୍‌ମାନମାନେ ମଦିନା ଚାଲିଯାଇଥିଲେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବୁବକର୍ ର:ଅ ଏବଂ ହଜ୍‌ରତ୍ ଅଲୀ ର:ଅ ବା ଯେଉଁମାନେ ଅସୁବିଧାରେ ଥିଲେ, କଏଦି ଥିଲେ । ରୋଗିଥିଲେ ବା ସେମାନେ ଦୃବଳ ଓ ବୃଦ୍ଧ ଥିଲେ ।

*(ତବକାତୁଲ୍ କୁବ୍‌ରା ଖଣ୍ଡ-୧, ପୃ-୧୭୫, .......୧୯୯୦)*

ସୁହୈଲ୍ ବିନ୍ ଅବି ସ୍ୱାଲେହ୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ ଯେବେ ରସୁଲେ କରିମ୍ ସ:ଆ:ସ ୱହଦ୍ ଯୁଦ୍ଧ ନିମନ୍ତେ ବାହାରିଲେ, ଆପଣ ସ:ଆ:ସ ଗୋଟିଏ ସ୍ଥାନ ଆଡ଼କୁ ଇସାରା କରି ସାହାବାମାନଙ୍କୁ ସମ୍ବୋଧନ କରି କହିଲେ କି ସେ ଆଡ଼କୁ କିଏ ଯିବ ? ବନି ଜୁରୈକ୍‌ର ଜଣେ ସାହାବି ହଜ୍‌ରତ୍ ଜକ୍‌ୱାନ୍ ବିନ୍ ଅବ୍‌ଦେ କୈସ୍ ଅବୁଲ୍ ସବା ଛିଡ଼ାହେଲେ ଓ କହିଲେ କି ମୁଁ ହେଉଛି ଜକ୍‌ୱାନ୍ ବିନ୍ ଅବ୍‌ଦେ କୈସ୍ ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ବସିବା ପାଇଁ ନିର୍ଦ୍ଦେଶ ଦେଲେ । ଆପଣ ସ:ଆ:ସ ଏକଥା ତିନିଥର କହିଲେ । ପୁଣି ଆପଣ ସ:ଆ:ସ ନିର୍ଦ୍ଦେଶ ଦେଲେ କି ଅମକ ଅମକ ସ୍ଥାନକୁ ଚାଲିଯାଅ । ଏହା ଶୁଣି ହଜ୍‌ରତ୍ ଜକ୍‌ୱାନ୍ ବିନ୍ ଅବ୍‌ଦେ କୈସ୍ ନିବେଦନ କଲେ କି ହେ ଅଲ୍ଲାଃଙ୍ ରସୁଲ୍ । ନିଶ୍ଚିତରୁପେ ମୁଁ ସେହି ସ୍ଥାନକୁ ଯିବି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ କି ଯିଏ କେହି ଏପରି ବ୍ୟକ୍ତିକୁ ଦେଖିବାକୁ ଚାହୁଁଛ ଯେ ସେ କାଲି ବୈକୁଣ୍ଠର ସବୁଜିମାରେ ପଦଚାରଣ କରୁଥିବ, ସେ ଏହି ବ୍ୟକ୍ତିଙ୍କୁ ଦେଖି ନିଅନ୍ତୁ । ଏହାପରେ ହଜ୍‌ରତ୍ ଜକ୍‌ୱାନ୍ ନିଜ ଘର ଲୋକଙ୍କଠାରୁ ବିଦାୟ ନେବାକୁ ଗଲେ । ତାଙ୍କ ସ୍ତ୍ରୀ ଓ ତାଙ୍କ ଝିଅମାନେ ତାଙ୍କୁ କହିଲେ କି ଆପଣ ଆମ ସମସ୍ତଙ୍କୁ ଛାଡ଼ି ଚାଲିଯାଉଛନ୍ତି ! ସେ ସେମାନଙ୍କଠାରୁ କିଛି ଦୁରକୁ ଚାଲିଯାଇ ସେମାନଙ୍କ ଆଡ଼କୁ ଚାହିଁ କହିଲେ କି ଏବେ କୟାମତ ଦିନ ସାକ୍ଷାତ ହେବ । ତା'ପରେ ୱହଦ୍ ଯୁଦ୍ଧରେ ହିଁ ସେ ଶହୀଦ୍ ହେବାର ସୌଭାଗ୍ୟ ପ୍ରାପ୍ତ କଲେ । *(ମାରେଫତୁସ୍ ସାହାବା ଲି ଅବି ନଈମ୍ ଖଣ୍ଡ-୨, ପୃ-୨୪୮, ଜକ୍‌ୱାନ୍ ବିନ୍ ଅବ୍‌ଦେ କୈସ୍ ବିନ୍ ଖାଲିଦ୍, ହଦିସ ୨୬୨୧, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨)*

ୱହଦ୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ:ଆ:ସ ସାହାବାମାନଙ୍କଠାରୁ ପଚାରି ବୁଝିଲେ କି ଜକ୍‌ୱାନ୍ ବିନ୍ ଅବ୍‌ଦେ କୈସଙ୍କ ସମ୍ବନ୍ଧରେ କେହି ଜାଣିଛ କି ? ହଜ୍‌ରତ୍ ଅଲୀ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ । ମୁଁ ଗୋଟିଏ ଘୋଡ଼ାଚାଳକଙ୍କୁ ଦେଖିଲି ଯେ ସେ ହଜ୍‌ରତ୍ ଜକ୍‌ୱାନ୍‌ଙ୍କ ପଛରେ ଗୋଡ଼ାଉଥିଲା ଓ ସେ ତାଙ୍କ ନିକଟରେ ପହଂଚି ଏ କଥା କହୁଥିଲା କି ଯଦି ତୁମେ ଆଜି ଜୀବନରୁ ବଂଚିଯିବ ତା'ହେଲେ ମୁଁ ବଂଚିପାରିବି ନାହିଁ । ସେ ପାଦଚଲା ହଜ୍‌ରତ୍ ଜକ୍‌ୱାନଙ୍କ ଉପରେ ଆକ୍ରମଣ କରି ଶହୀଦ୍ କରିଦେଲେ ଓ ସେ କହୁଥିଲେ ଦେଖ ମୁଁ ହେଉଛି ଇଲାଜ୍‌ଙ୍କ ପୁତ୍ର । ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରୁଛନ୍ତି କି ମୁଁ ତା' ଉପରେ ଆକ୍ରମଣ କଲି ଓ ତା'ର ଗୋଡ଼କୁ ତରବାରୀରେ ଆକ୍ରମଣରେ ଅଧା ଜଙ୍ଘ କାଟିଦେଲି । ପୁଣି ତାକୁ ଘୋଡ଼ାରୁ ଓହ୍ଲାଇଦେଇ ହତ୍ୟା କଲି । ହଜ୍‌ରତ୍ ଅଲୀ କହୁଛନ୍ତି କି ସେହି ବ୍ୟକ୍ତି ଜଣକ ଅବୁଲ୍ ହକମ୍ ବିନ୍ ଅଖ୍‌ନସ୍ ଥିଲା । *(କିତାବୁଲ୍ ମଗାଜି ଲିଲ୍‌ୱାକ୍‌ଦି, ଖଣ୍ଡ-୧, ପୃ-୨୪୫...... ବେରୁତ ୨୦୧୩)*

ପୁଣି ଏଠାରେ ଯେଉଁ ସାହାବିଙ୍କର ଚର୍ଚ୍ଚା କରାଯିବ ସେ ହେଉଛନ୍ତି ହଜ୍‌ରତ୍ ଖୱ୍ୱାତ୍ ବିନ୍ ଜୁବୈର୍ ଅନ୍‌ସାରୀ । ତାଙ୍କ କୁନିୟତ୍ ଅବୁ ଅବଦୁଲ୍ଲାଃ ଏବଂ ଅବୁ ସ୍ୱାଲେ ମଧ୍ୟ ଥିଲା । ହଜ୍‌ରତ୍ ଖୱ୍ୱାତ୍‌ଙ୍କ ସମ୍ବନ୍ଧ ବନୁ ସାଲବାଃ ସହିତ ଥିଲା । ହଜ୍‌ରତ୍ ଖୱ୍ୱାତ୍ ବିନ୍ ଜୁବୈର୍ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଜେବୈରଙ୍କ ଭାଇ ଥିଲେ ଯିଏ ଆଁ ହଜ୍‌ରତ୍ ସ:ଅଶ:ସଙ୍କ ନିର୍ଦ୍ଦେଶରେ ୱହଦ୍ ଯୁଦ୍ଧରେ ଗୋଟିଏ ଦର୍‌ରାଃର ସୁରକ୍ଷା ନିମନ୍ତେ ପଚାଶ ଜଣ ତୀର ଚାଳକଙ୍କ ତତ୍ୱାବଧାନରେ ସେଠାରେ ନିୟୋଜିତ ହୋଇଥିଲେ । ଅର୍ଥାତ୍ ତାଙ୍କ ଭାଇଙ୍କୁ ଏ ଦାୟିତ୍ୱ ଦିଆଯାଇଥିଲା । ହଜ୍‌ରତ୍ ଖୱ୍ୱାତ୍ ମଧ୍ୟମ ଉଚ୍ଚତାର ବ୍ୟକ୍ତି ଥିଲେ । ସେ ଚାଳିଶି ହିଜ୍‌ରୀରେ ୭୪ ବର୍ଷ ବୟସରେ ମଦିନାରେ ଦେହତ୍ୟାଗ କଲେ । ଗୋଟିଏ ରିୱ୍ୱାୟତ୍ ମୁତାବକ ମୃତ୍ୟୁ ବେଳକୁ ତାଙ୍କ ବୟସ ୯୪ ବର୍ଷ ହୋଇଥିଲା ସେ ମେହେଦି ଓ ୱସିମାର ଖିଜାବ୍ ଲଗାଉଥିଲେ । ହଜ୍‌ରତ୍ ଖୱ୍ୱାତ ମଧ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ବଦର ଯୁଦ୍ଧ ନିମନ୍ତେ ବାହାରିଥିଲେ କିନ୍ତୁ ରାସ୍ତାରେ ଏକ ପଥର ମୁନ ବାଜିବା ଦ୍ୱାରା ସେ କ୍ଷତାକ୍ତ ହୋଇଗଲେ । ତେଣୁ ତାଙ୍କୁ ରସୁଲୁଲ୍ଲାଃ ସ:ଆ:ସ ମଦିନା ପଠାଇଦେଲେ । କିନ୍ତୁ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ମାଲେ ଗନିମତ୍ ଅର୍ଥାତ୍ ବଦର ଯୁଦ୍ଧରେ ଜିତିଥିବା ଧନସମ୍ପତିର ଭାଗ ଦେଲେ । ଯେପରି ସେ ବଦର ଯୁଦ୍ଧରେ ସାମିଲ ହୋଇଥିବା ସାହାବିମାନଙ୍କ ମଧ୍ୟରେ ଥିଲେ । ସେ ୱହଦ୍, ଖଲକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧଗୁଡ଼ିକରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ଥିଲେ ।

ହଜ୍‌ରତ୍ ଖୱ୍ୱାତ୍ ର:ଅ ବର୍ଣ୍ଣନା କରୁଛନ୍ତି କି ଏକଦା ଆମ୍ଭେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ମର୍‌ରଜ୍ ଜହ୍‌ରା ନାମକ ସ୍ଥାନରେ ରହିଲୁ । ସେ କହୁଛନ୍ତି କି ମୁଁ ଆମ ସାମିୟାନାରୁ ବାହାରି ଦେଖିଲି ଯେ କିଛି ମହିଳା ଆପୋଷରେ କଥାବାର୍ତ୍ତା ହେଉଥିଲେ । ଏହା ଦେଖି ମତେ ଆଗ୍ରହ ହେଲା କି ଏମାନେ କଣ କହୁଛନ୍ତି । ସୁତରାଂ ମୁଁ ଫେରିଯାଇ ଗୋଟିଏ ଯୁବ୍‌ବା (ଅର୍ଥାତ୍ ଏକ କୋଟ୍ ସଦୃଶ ବସ୍ତ୍ର) ପିନ୍ଧି ସେମାନଙ୍କ ସହିତ ବସିପଡ଼ିଲି । ନିଜକୁ ଲୁଚାଇ ରଖି ମହିଳାଙ୍କ କଥା ଶୁଣିବା ପାଇଁ ସେଠାରେ ବସିପଡ଼ିଲି । ଏତିକି ବେଳେ ରସୁଲୁଲ୍ଲାଃ ସ:ଆ:ସ ନିଜ ସାମିୟାନାରୁ ବାହାରକୁ ବାହାରିଲେ । ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖି ଡ଼ରିଗଲି ଓ କହିଲି ମୋ ଓଟଟି କୁଆଡ଼େ ଚାଲିଯାଇଛି ମୁଁ ତାକୁ ଖୋଜୁଛି । ମୁଁ ଛିଡ଼ାହୋଇ ତତ୍‌କ୍ଷଣାତ୍ ଏହା କହିଲି । ଆପଣ ସ:ଆ:ସ ଆଗକୁ ଚାଲିଗଲେ । ମୁଁ ମଧ୍ୟ ଆପଣ ସ:ଆ:ସଙ୍କ ପଛେ ପଛେ ଚାଲିଲି । ଆପଣ ସ:ଆ:ସ ନିଜର ଚାଦର ମୋତେ ଧରାଇଦେଲେ, ଯାହାକୁ ଆପଣ ଘୋଡ଼ିହୋଇଥିଲେ ତା'ପରେ ବୁଦା ଆଡ଼କୁ ଚାଲିଗଲେ ଓ ନିତ୍ୟକର୍ମ ସାରିବା ପରେ ଆପଣ ୱଜୁ କଲେ ଓ ଫେରି ଆସିଲେ । ଆପଣ ସ:ଆ:ସଙ୍କ ଦାଢ଼ିରୁ ବୁନ୍ଦା ବୁନ୍ଦା ପାଣି ଟପକୁ ଥିଲା ଓ ତାହା ଆପଣଙ୍କ ଛାତିରେ ପଡୁଥିଲା । ପୁଣି ରସୁଲୁଲ୍ଲାଃ ସ:ଆ:ସ ମତେ ଥଟ୍ଟାରେ କହିଲେ ହେ ଅବୁ ଅବ୍‌ଦୁଲ୍ଲାଃ ! ସେହି ଓଟଟି କୁଆଡ଼େ ଗଲା ? ଏବେ ଓଟଟି ତ ହଜି ନଥିଲା ଓ ଏ ବିଷୟ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅନୁଭବ ହୋଇସାରିଥିଲା ଯେ ଇଏ ଏମିତି କଥା ଶୁଣିବା ପାଇଁ ବସିପଡ଼ିଥିଲେ । ଏହା ଠିକ୍ କଥା ନୁହେଁ । ସେ ଯାହା ହେଉ ସେ କହୁଛନ୍ତି କି ପୁଣି ଆମେ ସେଠାରୁ ଚାଲିଗଲୁ । ଏହି ଘଟଣା ପରେ ଯେବେ ମଧ୍ୟ ଆପଣ ସ:ଆ:ସ ମୋତେ ମିଳନ୍ତି, ସଲାମ୍ କରନ୍ତି ଓ କହନ୍ତି ଅବ୍‌ଦୁଲ୍ଲାଃ ସେହି ଓଟଟି କଣ କଲା ? ଯେବେ ଏହିପରି ବାରମ୍ବାର ହେଲା । ଆଁ ହଜ୍‌ରତ୍ ସ:ଆ:ସ ଏହି ପ୍ରସଙ୍ଗରେ ଥଟ୍ଟାରେ ମତେ ଛେଡ଼ନ୍ତି ତେଣୁ ମୁଁ ମଦିନାରେ ଲୁଚି ରହିଲି ଓ ମସ୍‌ଜିଦ ଏବଂ ନବୀ କରିମ୍ ସ:ଆ:ସଙ୍କ ମଯ୍‌ଲିସ୍‌ରୁ ଅଲଗା ରହିବାକୁ ଲାଗିଲି । ଯେବେ ଏପରି ଅନେକ ଦିନ ବିତିଗଲା ତା'ପରେ ମସ୍‌ଜିଦ୍ ଯାଇ ନମାଜ ପାଠ କଲି । ରସୁଲୁଲ୍ଲାଃ ସ:ଆ:ସ ନିଜ ଘରୁ ବାହାରକୁ ଆସିଲେ ଓ ଆପଣ ସ:ଆ:ସ ଦୁଇ ରେକାତ ନମାଜ ପଢ଼ିଲେ । ମୁଁ ଏକଥା ଭାବି ନମାଜକୁ ଲମ୍ବା କଲି କି, ଆପଣ ସ:ଆ:ସ ଚାଲିଯିବେ ଓ ମତେ ଛାଡ଼ିଦେବେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ଅବୁ ଅବ୍‌ଦୁଲ୍ଲାଃ ! ତୁମ ଉପରେ ଶାନ୍ତି ଦର୍ଷଣ ହେଉ । ସେହି ଓଟଟି ହଜିଜିବାର କ'ଣ ମାମଲା ? ଏଥିରେ ମୁଁ କହିଲି ମତେ ତା'ରାଣ ! ଯିଏ ଆପଣଙ୍କୁ ସତ୍ୟର ସହିତ ପ୍ରେରଣ କରିଛି ଯେବେଠାରୁ ମୁଁ ଇସ୍‌ଲାମ୍ ଗ୍ରହଣ କରିଛି ସେହି ଓଟ ହଜିନାହିଁ । ଏଥିରେ ଆପଣ ସ:ଆ:ସ ତିନିଥର କହିଲେ ଅଲ୍ଲାଃ ତୁମ ଉପରେ କରୁଣା କରନ୍ତୁ । ତା'ପରେ ଆପଣ ସ:ଆ:ସ କଦାପି ମତେ ସେ ସମ୍ବନ୍ଧରେ କିଛି କହିନାହନ୍ତି । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୩୬୨ରୁ ୩୬୪, ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍,.....୧୯୯୦) (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୧୯୦, ''ଖୱ୍ୱାତ୍ ବିନ୍ ଜୁବୈର୍,.....୨୦୦୩)* / ପ୍ରଥମତଃ ଯେପରି ଏ କଥା ବିଷୟରେ ମତେ ଲୁଚାଅନାହିଁ । ମତେ ଅସଲ କାହାଣି ଜଣାଅଛି । ଦ୍ୱିତୀୟତଃ ଏପରି ବସି ବିନା କାରଣରେ ଲୋକମାନଙ୍କ ମଜ୍‌ଲିସ୍‌ର କଥା ଶୁଣିବା ଭୁଲ୍ କଥା ।

ହଜ୍‌ରତ୍ ଖୱ୍ୱାତ୍ ର:ଅ ବର୍ଣ୍ଣନା କରୁଛନ୍ତି କି ଥରେ ମୁଁ ବେମାର ହୋଇଗଲି । ନବି କରିମ୍ ସ:ଆ:ସ ମତେ ଦେଖିବାକୁ ଆସିଲେ । ଯେବେ ମୁଁ ଭଲ ହେଲି ଆପଣ ସ:ଆ:ସ କହିଲେ ହେ ଖୱ୍ୱାତ୍ ! ତୁମ ସ୍ୱାସ୍ଥ୍ୟ ଠିକ୍ ହୋଇଗଲାଣି ତେଣୁ ତୁମେ ଅଲ୍ଲାଃଙ୍କ ସହିତ ଯାହା ପ୍ରତିଶୃତି କରିଛ ତାହା ପୁରଣ କର । ଏଥିରେ ମୁଁ କହିଲି ମୁଁ ତ ଅଲ୍ଲାଃଙ୍କ ସହିତ କିଛି ପ୍ରତିଶୃତି କରିନାହିଁ । ଏହା ଶୁଣି ଆପଣ ର:ଅ କହିଲେ ଏପରି କୌଣସି ରୋଗି ନାହାନ୍ତି ଯିଏ ବେମାର ପଡ଼ିବା ଅବସ୍ଥାରେ କୌଣସି ନଜର୍ (ଅର୍ଥାତ୍ ମାନସିକ) ନ ମନାସିଥିବ ବା କୌଣସି ନିୟତ୍ ନ କରିଥିବ । ସେ ନିଶ୍ଚିତ ଏହା କହିଥିବ ଯେ ହେ ଈଶ୍ୱର ମତେ ଭଲ କରିଦିଅ ମୁଁ ଏ କଥା କରିବି, ସେ କଥା କରିବି । ସୁତରାଂ ଅଲ୍ଲାଃ ତାଲା ସହିତ କରାଯାଇଥିବା ପ୍ରତିଶୃତିକୁ ନିର୍ବାହ କର । ଯାହା କିଛି ତୁମେ କହିଛ ତାହା ପୂରଣ କର । *(ମୁସ୍‌ତଦ୍‌ବରକ୍ ଅଲସ୍ ସହିହୀନ୍, ଖଣ୍ଡ-୩, ପୃ-୪୬୭..... ହଦିସ୍ ୫୭୫୦.....ବେରୁତ ୨୦୦୨)* ସୁତରାଂ ଏହା ହେଉଛି ଏପରି କଥା ଯାହା ଆମ ସମସ୍ତଙ୍କ ପାଇଁ ଧ୍ୟାନ ଦେବାର କଥା ।

ଖଲକ ଯୁଦ୍ଧ ଅବସରରେ ଯେବେ ଆଁ ହଜ୍‌ରତ୍ ସ:ଆ:ସ ବନୁ କୁରୈଜାଃର ପ୍ରତିଶୃତି ଭଙ୍ଗ ବିଷୟରେ ଖବର ପାଇଲେ, ସେତେବେଳେ ଆପଣ ସ:ଆ:ସ ଗୋଟିଏ ୱଫଦ୍ (ଅର୍ଥାତ୍ ପ୍ରତିନିଧି ଦଳ) କୁ ସେଠାକୁ ପଠାଇଲେ । ସମ୍ବନ୍ଧରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବଙ୍କ ଦ୍ୱାରା ରଚିତ ପୁସ୍ତକ ସିରତ୍ ଖାତମୁନ୍ ନବୀୟିନ୍‌ରେ ଏପରି ବର୍ଣ୍ଣିତ ହୋଇଅଛି କି ''ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଯେବେ ବନୁ କୁରୈଜାଃର ଏପରି ବିପଦପୂର୍ଣ୍ଣ ବିଶ୍ୱାସଘାତକତା ସମ୍ବନ୍ଧରେ ଖବର ମିଳିଲା ଏଥିରେ ଆପଣ ସ:ଆ:ସ ପ୍ରଥମେ ଦୁଇ ତିନିଥର ଗୁପ୍ତ ଭାବେ ଜୁବୈର୍ ଇବ୍‌ନିଲ୍ ଅୱ୍ୱାମ ର:ଅଙ୍କୁ ପରିସ୍ଥିତି ବିଷୟ ଜାଣିବା ପାଇଁ ପଠାଇଲେ ତା'ପରେ ପୁଣି ଯୋଜନାବଦ୍ଧରୂପେ ଅୱ୍ୱସ ଓ ଖଜ୍‌ରଜ୍ କବିଲାର ରଇସ୍ (ଅର୍ଥାତ୍ ମୁଖିଆ) ସାଆଦ୍ ବିନ୍ ମୁଆଜ୍ ର:ଅ ଓ ଆଉ କିଛି ପ୍ରଭାବଶାଳୀ ସାହାବାଙ୍କୁ ଏକ ୱଫଦ୍ ରୂପେ ବନୁ କୁରୈଜାଃ ଆଡ଼କୁ ପଠାଇଲେ । ସେମାନଙ୍କୁ ତାଗିଦ୍ କରି କହିଲେ କି ଯଦି କୌଣସି ପ୍ରକାରର ଚିନ୍ତାଜନକ ଖବର ମିଳେ ତେବେ ସେଠାରୁ ଫେରିଆସ ଖୋଲାଖୋଲି ରୂପେ ପ୍ରକାଶ କରିଦେବ ନାହିଁ ବରଂ ଇସାରା ଓ ଇଙ୍ଗିତରେ ବତାଇବ ଯଦ୍ୱାରା ଲୋକମାନଙ୍କ ମଧ୍ୟରେ ଶଂଶୟ ସୃଷ୍ଟି ନ ହେବ । ଯେତେବେଳେ ଏହି ଲୋକମାନେ ବନୁ କୁରୈଜାଃ ରହିବା ସ୍ଥାନରେ ପହଂଚିଲେ'' ଯେଉଁଠି ସେମାନଙ୍କର ଘର ଥିଲା । ''ଏବଂ ସେମାନଙ୍କ ରଇସ୍ କାଆଦ୍ ବିନ୍ ଅସଦ୍‌ଙ୍କ ନିକଟକୁ ଗଲେ, ସେହି ଅଭାଗା (ଅର୍ଥାତ୍ କାଆବ୍ ବିନ୍ ଅସଦ୍) ସେମାନଙ୍କ ସହିତ ଅତ୍ୟନ୍ତ ଅହଙ୍କାର ଦେଖାଇ ମିଳିଲା ଓ ସାଦୈନ୍ (ଅର୍ଥାତ୍ ସାଆଦ୍ ବିନ୍ ମୀଆଜ୍ ର:ଅ ଏବଂ ସାଆଦ୍ ବିନ୍ ଉବାଦାଃ ର:ଅ)''ଙ୍କ ତରଫରୁ ଚୁକ୍ତି ସମ୍ବନ୍ଧରେ କଥା ଶୁଣି ସେ ଓ ତା କବିଲା ଲୋକମାନେ ବିଗିଡ଼ି ଗଲେ ଓ କହିଲେ ଯାଅ ମୁହମ୍ମଦ (ସ:ଆ:ସ) ଓ ଆମ ମଧ୍ୟରେ କୌଣସି ଚୁକ୍ତି ହୋଇନାହିଁ ।''ସେମାନଙ୍କର ଏପରି କଥା ଶୁଣି ସାହାବାମାନଙ୍କର ଏହି ୱଫଦ୍ ସେଠାରୁ ଉଠି ଚାଲିଆସିଲା । ସାଆଦ୍ ବିନ୍ ମୁଆଜ୍ ଓ ସାଆଦ୍ ବିନ୍ ଉବାଦାଃ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ହାଜିର୍ ହୋଇ ଉଚିତ୍ ଶୈଳୀରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପରିସ୍ଥିତି ସମ୍ବନ୍ଧରେ ଖବର ଦେଲେ । *(ସିରତ୍ ଖାତମୁନ୍ ନବୀୟିନ୍...... ପୃ-୫୮୪ ରୁ ୫୮୫)*

ସାହାବାମାନଙ୍କର ଏପରି ୱଫଦ୍‌ରେ ସେମାନଙ୍କ ସହିତ ଖୱ୍ୱାତ୍ ବିନ୍ ଜୁବୈର୍ ମଧ୍ୟ ସାମିଲ୍ ଥିଲେ । *(ସିରତ୍ ଇବ୍‌ନେ ହୁଶାମ୍, ପୃ-୪୫୬.......୨୦୦୯)*

ଗୋଟିଏ ରିୱ୍ୱାୟତ୍‌ରେ ଆସୁଛି କି ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଖୱ୍ୱାତ୍ ର:ଅଙ୍କୁ

ନିଜ ଘୋଡ଼ାରେ ବସାଇ ବନୁ କୁରୈଜାଃ ନିକଟକୁ ପଠାଇଲେ ଓ ସେହି ଘୋଡ଼ାର ନାମ ଯନାହ୍ ଥିଲା । *(ମୁସ୍ତଦ୍‌ରକ୍ ଅଲସ୍ ସହିହୀନ୍...... ଖଣ୍ଡ-୩, ପୃ-୪୬୬.....ହଦିସ୍ ୫୭୪୭..... ବେରୁତ୍ ୨୦୦୨)*

ହଜ୍‌ରତ୍ ଖୱାତ୍ ର:ଅ ବର୍ଣ୍ଣନା କରୁଛନ୍ତି କି ଥରେ ଆମେ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ହଜ୍ କରିବାପାଇଁ ଗଲୁ । ସେହି କାଫିଲା (ଅର୍ଥାତ୍ ଦଳ)ରେ ଆମ ସହିତ ହଜ୍‌ରତ୍ ଉବୈଦାଃ ବିନ୍ ଜରାହ୍ ର:ଅ ଓ ହଜ୍‌ରତ୍ ଅବଦୁଲ୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ମଧ୍ୟ ଥିଲେ । ଲୋକମାନେ କହିଲେ ଆମକୁ ଜିରାତ୍ ର ପଦ ଶୁଣାଅ । (ଜିରାତ୍ ବିନ୍ ଖତାବ୍ କୁରୈଶ୍‌ର ଜଣେ କବି ଥିଲେ ଯିଏ ମକ୍କା ବିଜୟ ସମୟରେ ଇମାନ୍ ଆଣିଥିଲେ) । ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ କହିଲେ କି ଅବୁ ଅବ୍‌ଦୁଲ୍ଲାଃ ଅର୍ଥାତ୍ ଖୱାତ୍‌ଙ୍କୁ ନିଜର କବିତା ଶୁଣାଇବାକୁ ଦିଅ । ଏଥିରେ ମୁଁ ତାଙ୍କୁ କବିତା ଶୁଣାଇବାକୁ ଲାଗିଲି ଏପରିକି ସକାଳ ହୋଇଗଲା । ହଜ୍‌ରତ୍ ଉମର ର:ଅ କହଲେ କି ସେତିକି ଥାଉ ଏବେ ସକାଳ ହୋଇଗଲାଣି । *(ଅଲ୍ ଅସାବାଃ ଖଣ୍ଡ-୨, ପୃ-୨୯୨, ଖୱାତ୍ ବିନ୍ ଜୁବୈର୍ ର:ଅ, ମୁଦ୍ରଣ......ବେରୁତ୍ ୧୯୯୫) (ତବକାତୁଲ୍ କୁବ୍‌ରା, ଖଣ୍ଡ-୬, ପୃ-୧୦ ଜିରାର୍‌ବିନ୍ ଖତାବ୍....... ବେରୁତ ୧୯୯୦)*

ପୁଣି ଆଉଜଣେ ସାହାବିଙ୍କ ଚର୍ଚ୍ଚା କରାଯିବ ଯାହାଙ୍କ ନାମ ହେଉଛି ହଜ୍‌ରତ୍ ରବିୟା ବିନ୍ ଅକ୍‌ସମ୍ । ତାଙ୍କ କୁନିୟତ୍ ଥିଲା ଅବୁ ୟଜିଦ୍ । ହଜ୍‌ରତ୍ ରବିୟାଙ୍କ ଗଣନା ମୁହାଜିର୍ ସାହାବାମାନଙ୍କ ମଧ୍ୟରେ ହୋଇଥାଏ । ମଦିନ ହିଜ୍‌ରତ୍ କରିବା ପରେ ସେ ଆଉ କିଛି ସାହାବାମାନଙ୍କ ସହିତ ହଜ୍‌ରତ୍ ମୁବଶିର୍ ବିନ୍ ଅବଦୁଲ୍ ମୁନ୍‌ଜିର୍ ର:ଅଙ୍କ ଘରେ ରହିଥିଲେ । ବଦର ଯୁଦ୍ଧରେ ସାମିଲ୍ ହେବା ବେଳେ ତାଙ୍କର ବୟସ ୩୦ବର୍ଷ ହୋଇଥିଲା । ବଦର୍ ଯୁଦ୍ଧ ବ୍ୟତିତ ସେ ଓ୍ୱହଦ୍ ଓ ଖନ୍ଦକ ଯୁଦ୍ଧ, ସୁଲାହ୍ ହୁଦବିୟା ଏବଂ ଖୈବର୍ ଯୁଦ୍ଧରେ ମଧ୍ୟ ଯୋଗ ଦେଇଛନ୍ତି । ଖୈବର୍ ଯୁଦ୍ଧରେ ସେ ଶହୀଦ୍ ହେବାର ଗୌରବ ହାସଲ କରିଛନ୍ତି । ତାଙ୍କୁ ହାରି ନାମକ ଇହୁଦୀ ନଜାତ୍ ନାମକ ସ୍ଥାନରେ ଶହୀଦ୍ କରିଥିଲା । ନଜାତ୍ ହେଉଛି ଖୈବର୍‌ଠାରେ ଥିବା ଏକ କିଲାର ନାମ । ଶହୀଦ୍ ହେବା ସମୟରେ ତାଙ୍କୁ ୩୭ ବର୍ଷ ହୋଇଥିଲା ।

*(ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୨୫୭, ରବିୟା ବିନ୍ ଅକ୍‌ସମ୍............ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୬ରୁ୭୦...... ୧୯୯୦)*

ପୁଣି ଜଣେ ସାହବି ହେଉଛନ୍ତି ହଜ୍‌ରତ୍ ରିଫାଆ ବିନ୍ ଅମ୍‌ରୋ ବିନ୍ ଉମ୍‌ରୋ ଅଲ୍‌ଯିହ୍‌ନୀ ର:ଅ । ତାଙ୍କ ନାମ ଓ୍ୱଦିୟା ବିନ୍ ଉମ୍‌ରୋ ମଧ୍ୟ ବର୍ଣ୍ଣିତ ଅଛି । ହଜ୍‌ରତ୍ ରିଫାଆ ର:ଅ ବଦର ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ ଅନ୍‌ସାରଙ୍କ କବିଲା ବନୁ ନଜାର୍‌ର ବନ୍ଧୁଥିଲେ । *(ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୨୮୭, ରିଫାଆ ବିନ୍ ଉମ୍‌ରୋ ବିନ୍ ଅମ୍‌ରୋ ଅଲ୍‌ଯିହ୍‌ନୀ ର:ଅ........... ବେରୁତ୍୨୦୦୩)*

ପୁଣି ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଜୈଦ୍ ବିନ୍ ଓ୍ୱଦିୟା ର:ଅ । ହଜ୍‌ରତ୍ ଜୈଦ୍ ର:ଅଙ୍କ ସମ୍ବନ୍ଧ ଅନ୍‌ସାର୍‌ଙ୍କ କବିଲା ଖଜ୍‌ରଜ୍ ସହିତ ଥିଲା । ସେ ବୟତେ ଉକ୍‌ବାଃ, ବଦର ଓ ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଥିଲେ । ଏବଂ ଓ୍ୱହଦ୍ ଯୁଦ୍ଧରେ ଶହୀଦ୍ ହେବାର ଗୌରବ ହାସଲ କଲେ । *(ଉସଦୁଲ୍ ଗାବାଃ, ଖଣ୍ଡ-୨, ପୃ-୩୭୭ ଜୈଦ୍ ବିନ୍ ଓ୍ୱଦିୟା ର:ଅ........ ବେରୁତ ୨୦୦୩)*

ହଜ୍‌ରତ୍ ଜୈଦ୍ ର:ଅଙ୍କ ମା'ଙ୍କ ନାମ ଉମ୍ମେ ଜୈଦ୍ ବିନ୍‌ତ ହାରିସ୍ ଥିଲା । ତାଙ୍କ ପତ୍ନୀଙ୍କ ନାମ ଜୈନବ୍ ବିନ୍‌ତ ସହଲ୍ ଥିଲା । ଯାହାଙ୍କ ଗର୍ଭରୁ ତାଙ୍କର ତିନି ଜଣ ସନ୍ତାନ ଥିଲେ ସାଆଦ୍ ବିନ୍ ଜୈଦ୍, ଉମାମାଃ ଏବଂ ଉମ୍ମେ କୁଲ୍‌ସୁମ୍ । ତାଙ୍କ ପୁତ୍ର ସାଆଦ୍ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ ଇରାକ୍ ଚାଲି ଆସିଥିଲେ ଓ ସେଠାରେ ଅକର୍ କୌଫ୍ ନାମକ ସ୍ଥାନରେ ବାସିନ୍ଦା ହୋଇଗଲେ । ଅକର୍ କୌଫ୍ ହେଉଛି ଇରାକ୍‌ର ସହର ବାଗ୍‌ଦାଦ୍ ନିକଟରେ ଥିବା ଏକ ଗ୍ରାମର ନାମ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୧୦,* ଜୈଦ୍ ବିନ୍ ଓ୍ୱଦିୟା ର:ଅ*.........ବେରୁତ ୧୯୯୦)* (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୪, ପୃ-୧୫୫.........ବେରୁତ ୨୦୦୧)

ପୁଣି ଜଣେ ସାହାବି ହେଉଛନ୍ତି, ହଜ୍‌ରତ୍ ରିବିଇ ବିନ୍ ରାଫେ ଅନ୍‌ସାରୀ । ତାଙ୍କ ଦାଦା ଅର୍ଥାତ୍ ଜେଜେଙ୍କ ନାମ ସମ୍ବନ୍ଧରେ ମତଭେଦ ରହିଛି । ଗୋଟିଏ କଥନ ମୁତାବକ ତାଙ୍କ ନାମ ହାରିସ୍ ଥିଲା ଯେବେ କି ଅନ୍ୟ ରିୱାୟତ ମୁତାବକ ତାଙ୍କ ନାମ ଜୈଦ୍ ଥିଲା । ହଜ୍‌ରତ୍ ରିବିଇ ବିନ୍ ରାଫେଙ୍କ ସମ୍ବନ୍ଧ ବନୁ ଅଜ୍‌ଲାନ୍ ସହିତ ଥିଲା ଓ ସେ ବଦର ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୫୬ ରୁ ୩୫୭..........ବେରୁତ ୧୯୯୦) (ଉସଦୁଲ୍ ଗାବାଃ, ଖଣ୍ଡ-୨, ପୃ-୨୫୨...... ବେରୁତ ୨୦୦୩)*

ପୁଣି ଯେଉଁ ସାହାବିଙ୍କ ଚର୍ଚ୍ଚା ଏଠାରେ କରାଯିବ ସେ ହେଉଛନ୍ତି ହଜ୍‌ରତ୍ ଜୈଦ୍ ବିନ୍ ମୁଜୈନ୍ ର:ଅ । ତାଙ୍କ ବାପାଙ୍କ ନାମ ମୁଜେଅନ୍ ବିନ୍ କୈସ୍ ଥିଲା । ହଜ୍‌ରତ୍ ଜୈଦ୍‌ଙ୍କ ନାମ ୟଜିଦ୍ ବିନ୍ ଅଲ୍‌ମୁଜୈନ୍ ଥିଲା ବୋଲି ମଧ୍ୟ ବର୍ଣ୍ଣିତ ଅଛି । ତାଙ୍କର ସମ୍ବନ୍ଧ ଖଜ୍‌ରଜ୍ କବିଲା ସହିତ ଥିଲା । ହଜ୍‌ରତ୍ ଜୈଦ୍ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ ହୋଇଥିଲେ । ମଦିନା ହିଜ୍‌ରତ୍ କରିବା ସମୟରେ ଆଁ ହଜ୍‌ରତ୍ ହଜ୍‌ରତ୍ ଜୈଦ୍ ର:ଅ ଏବଂ ହଜ୍‌ରତ୍ ମିସ୍‌ତିହ୍ ବିନ୍ ଉସାସାଃଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । ତାଙ୍କ ସନ୍ତାନ ମଧ୍ୟରେ ପୁତ୍ର ଉମ୍‌ରୋ ଓ ପୁତ୍ରୀ ରମ୍‌ଲାଃ ଥିଲେ । *(ଉସଦୁଲ୍ ଗାବାଃ, ଖଣ୍ଡ-୨, ପୃ-୩୭୫,* ଜୈଦ୍ ବିନ୍ ଅଲ୍‌ମୁଜୈନ୍*...... ବେରୁତ ୨୦୦୩) (ତବ୍‌କାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୪୦୭, ୟଜଦ୍ ବିନ୍ ମୁଜୈନ୍...... ୧୯୯୦)*

ପୁଣି ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଇୟାଜ୍ ବିନ୍ ଜୁହେର୍ । ତାଙ୍କ କୁନିୟତ୍ ଅବୁ ସାଆଦ୍ ଥିଲା । ହଜ୍‌ରତ୍ ଇୟାଜଙ୍କ ମା'ଙ୍କ ନାମ ସଲ୍‌ମା ବିନ୍‌ତେ ଆମୀର୍ ଥିଲା । ତାଙ୍କର ସମ୍ବନ୍ଧ କବିଲା ଫିହର୍ ସହିତ ଥିଲା । ସେ ହବ୍‌ଶା ନିମନ୍ତେ କରାଯାଇଥିବା ଦ୍ୱିତୀୟ ହିଜ୍‌ରତ୍‌ରେ ସାମିଲ ଥିଲେ । ସେଠାରୁ ଫେରିଆସି ପୁଣି ମଦିନା ହିଜ୍‌ରତ୍ କଲେ ଓ ହଜ୍‌ରତ୍ କୁଲ୍‌ସୁମ୍ ବିନ୍ ହିଦମ୍‌ଙ୍କ ଘରେ ରହିଲେ । ସେ ବଦର୍, ଓ୍ୱହଦ୍ ଏବଂ ଖନ୍ଦକ୍ ସମେତ ସମସ୍ତ ଯୁଦ୍ଧରେ ଯୋଗଦେଇଛନ୍ତି । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍ ସମୟରେ ୩୦ ହିଜିରିରେ ମଦିନାଠାରେ ତାଙ୍କର ଦେହାନ୍ତ ହେଲା, ଆଉ ଗୋଟିଏ ରିୱାୟତ୍‌ରେ ଆସୁଛି କି, ତାଙ୍କର ଦେହାନ୍ତ ସିରିଆରେ ହୋଇଥିଲା । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୩୧୮ରୁ ୩୧୯, ଇୟାଜ୍ ବିନ୍ ଜୁହୈର୍, ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦) (ଉସ୍‌ଦୁଲ୍ ଗାବାଃ, ଖଣ୍ଡ-୪, ପୃ-୩୧୧, ଇୟାଜ୍ ବିନ୍ ଜୁହୈର, ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩)*

ପୁଣି ଜଣେ ସାହାବି ହେଉଛନ୍ତି, ହଜ୍‌ରତ୍ ରିଫାଆ ବିନ୍ ଉମ୍‌ରୋ ଅନ୍‌ସାରୀ ର:ଅ । ତାଙ୍କ କୁନିୟତ ଥିଲା ଅବୁ ଓ୍ୱଲିଦ୍ । ହଜ୍‌ରତ୍ ରିଫାଆଙ୍କ ସମ୍ବନ୍ଧ କବିଲା ବନୁ ଅଓଫ୍ ବିନ୍ ଖଜ୍‌ରଜ୍ ସହିତ ଥିଲା । ତାଙ୍କ ମା'ଙ୍କ ନାମ ଉମ୍ମେ ରିଫାଆ ଥିଲା । ସେ ସତୁରୀଜଣ ଅନ୍‌ସାରଙ୍କ ସହିତ ବୟତେ ଉକ୍‌ବା ସାନିୟାରେ ସାମିଲ ହୋଇଛନ୍ତି । ସେ ବଦର୍ ଓ ଓ୍ୱହଦ୍ ଯୁଦ୍ଧରେ ଯୋଗଦେଇଛନ୍ତି ଏବଂ ଓ୍ୱହଦ୍ ଯୁଦ୍ଧରେ ଶହୀଦ ହେବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୪୧୦ ରୁ ୪୧୧ ରିଫାଆ ବିନ୍ ଉମ୍‌ରୋ, ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦)*

ଆଉ ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଜିୟାଦ୍ ବିନ୍ ଉମ୍‌ରୋ ର:ଅ । ହଜ୍‌ରତ୍ ଜିୟାଦ୍‌ଙ୍କୁ ଇବ୍‌ନେ ବିଶର୍ ମଧ୍ୟ କୁହାଯାଉଥିଲା । ସେ ଅନ୍‌ସାରଙ୍କ ବନ୍ଧୁଥିଲେ । ହଜ୍‌ରତ୍ ଜିୟାଦ୍ ବଦର୍ ଯୁଦ୍ଧରେ ସାମିଲ ହୋଇଥିଲେ । ତାଙ୍କ ଭାଇ ହଜ୍‌ରତ୍ ଜମ୍‌ରାଃ ମଧ୍ୟ ବଦର୍ ଯୁଦ୍ଧରେ ଯୋଗ ଦେଇଥିଲେ । ତାଙ୍କ ସମ୍ବନ୍ଧ କବିଲା ବନୁ ସାଇଦାଃ ବିନ୍ କାଆବ୍ ସହିତ ଥିଲା । ଆଉ ଗୋଟିଏ କଥନ ମୁତାବକ ସେ ବନୁ ସାଇଦାଃ ବିନ୍ କାଆବ୍ ବିନ୍ ଅଲ୍‌ଖଜ୍‌ରଜ୍‌ଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ ଥିଲେ । *(ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୩୮, ''ଜିୟାଦ୍ ବିନ୍ ଉମ୍‌ରୋ ର:ଅ'', ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୨, ପୃଷ୍ଠା-୪୮୩, ଜିୟାଦ୍ ବିନ୍ ଉମ୍‌ରୋ ର:ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫)*

ପୁଣି ଯେଉଁ ସାହାବିଙ୍କର ଏଠାରେ ଚର୍ଚ୍ଚା କରାଯିବ, ତାଙ୍କ ନାମ ହେଉଛି ହଜ୍‌ରତ୍ ସାଲିମ୍ ବିନ୍ ଉମୈର୍ ବିନ୍ ସାବିତ୍ । ହଜ୍‌ରତ୍ ସାଲିମ୍‌ଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ବନୁ ଉମ୍‌ରୋ ବିନ୍ ଅଓଫ୍ ସହିତ ଥିଲା । ସେ ବୟତେ ଉକ୍‌ବାରେ ସାମିଲ ହୋଇଥିଲେ । ହଜ୍‌ରତ୍ ସାଲିମ୍ ବଦର୍, ଓ୍ୱହଦ୍ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ । *(ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୮୭, ''ସାଲିମ୍ ବିନ୍* ଉମୈର୍*'', ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)*

ତବୁକ୍ ଯୁଦ୍ଧ ଅବସରରେ ଯେଉଁ ଗରିବ ସାହାବିମାନେ ହଜୁର୍ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲେ ଓ ସେମାନେ ତବୁକ୍ ଯୁଦ୍ଧରେ ସାମିଲ ହେବା ପାଇଁ ଚାହୁଁଥିଲେ କିନ୍ତୁ ସବାରି ନଥିବା ଯୋଗୁଁ କାନ୍ଦୁଥିଲେ, ସେମାନଙ୍କ ମଧ୍ୟରେ ସାଲିମ୍ ମଧ୍ୟ ସାମିଲ ହୋଇଥିଲେ । ଏମାନେ ସାତଜଣ ଗରିବ ସାହାବି ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସିଲେ ସେତେବେଳେ ଆପଣ ସ:ଆ:ସ ତବୁକ୍ ନିମନ୍ତେ ପ୍ରସ୍ତୁତ ହେଉଥିଲେ । ସେହି ସାହାବିମାନେ କହିଲେ କି, ସବାରି ଦିଅନ୍ତୁ ଏହା ଶୁଣି ଆପଣ ସ:ଆ:ସ ମୋ ନିକଟରେ କୌଣସି ସବାରି ନାହିଁ ଯାହା ଉପରେ ତୁମମାନଙ୍କୁ ଆରୋହଣ କରାଇବି । ସେମାନେ ସେଠାରୁ ଫେରିଗଲେ ଦୁଃଖରେ ମ୍ରିୟମାଣ ହୋଇ ଆଖିରୁ ଅଶ୍ରୁ ବୋହୁଥିଲା କି, ଖର୍ଚ୍ଚ କରିବାପାଇଁ ତାଙ୍କ ପାଖରେ କିଛି ନଥିଲା । ଇବ୍‌ନେ ଅବାସ୍ ର:ଅ ରିୱାୟତ କରୁଛନ୍ତି କି, ଏମାନଙ୍କ ପାଇଁ ନିମ୍ନଲିଖିତ ଆୟାତଟି ଅବତୀର୍ଣ୍ଣ ହୋଇଛି *ଓ୍ୱଲା ଅଲଲ୍ ଲଜିନା ଇଜା........ ୟଜିଦୁ ମା ୟୁନ୍‌ଫିକୁନ୍ । (ତୌବା: ୯୨)* ଅର୍ଥାତ୍ ସେମାନଙ୍କ ବିରୁଦ୍ଧରେ (ମଧ୍ୟ କୌଣସି ଅଭିଯୋଗ) ନାହିଁ, ଯେଉଁମାନେ ତୁମ୍ଭ ନିକଟକୁ ସେତେବେଳେ ଆସିଥିଲେ ଯେତେବେଳେ ଯୁଦ୍ଧ ଘୋଷଣା କରାଯାଇଥିଲା; ସେମାନେ ଏଥି ସକାଶେ ଆସିଥିଲେ ଯେ, ତୁମ୍ଭେ ସେମାନଙ୍କ ସକାଶେ କୌଣସି ବାହନର ବ୍ୟବସ୍ଥା କରିଦେବ; ତୁମ୍ଭେ ଉତର ଦେଇଥିଲ ଯେ ଆମ୍ଭ ନିକଟରେ ଏପରି କିଛି ନାହିଁ ଯାହା ଉପରେ ତୁମମାନଙ୍କୁ ଆରୋହଣ କରାଇବୁ; (ଏହା ଶୁଣି) ସେମାନେ ଫେରି ଯାଇଥିଲେ, ଏବଂ ଦୁଃଖରେ ସେମାନଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଉଥିଲା ଯେ, ହାୟ ! ସେମାନଙ୍କ ନିକଟରେ (ଅଲ୍ଲାଃଙ୍କ ମାର୍ଗରେ) ବ୍ୟୟ କରିବାକୁ କିଛି ନଥିଲା । ଇବ୍‌ନେ ଅବାସ୍ କହୁଛନ୍ତି କି, ଏହି ଆୟାତରେ ଯେଉଁ ଲୋକମାନଙ୍କ ବିଷୟରେ ଚର୍ଚ୍ଚା କରାଯାଇଛି ସେମାନଙ୍କ ମଧ୍ୟରେ ଏହି ସାଲିମ୍ ବିନ୍ ଉମେର୍ ର:ଅ ଏବଂ ସାଲ୍‌ବା ବିନ୍ ଜୟେଦ୍ ର:ଅ ସାମିଲ ଥିଲେ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୬୬,* ସାଲିମ୍ ବିନ୍ ଉମେର୍ ର:ଅ, *ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୮୭,* ସାଲିମ୍ ବିନ୍ ଉମେର୍ ର:ଅ, *ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)*

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ସୁରତ୍ ତୌବା ର ଉକ୍ତ ଆୟାତ୍‌ର ବ୍ୟାଖ୍ୟା କରି ବର୍ଣ୍ଣନା କରୁଛନ୍ତି କି, ''ଏହି ଆୟାତ୍ ସାଧାରଣ ଲାଗୁଥିଲେ ମଧ୍ୟ ସେଥିରେ ଯେଉଁ ବ୍ୟକ୍ତିମାନଙ୍କ ପ୍ରତି ଇସାରା କରାଯାଇଛି ସେମାନେ ସାତଜଣ ଗରିବ ମୁସଲ୍‌ମାନ ଥିଲେ ଯେଉଁମାନେ ଜେହାଦ୍ କରିବାପାଇଁ ବ୍ୟାକୁଳ ଥିଲେ କିନ୍ତୁ ନିଜ ମନର ଇଚ୍ଛାକୁ ପୁରଣ କରିବାପାଇଁ ତାଙ୍କ ପାଖରେ ସାମାନ୍ ନଥିଲା । ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ ନିବେଦନ କଲେ କି, ଆମ ପାଇଁ ବାହନର ବ୍ୟବସ୍ଥା କରିଦିଅନ୍ତୁ ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି, ଦୁଃଖର ସହିତ କହିବାକୁ ପଡୁଛି ଯେ ମୁଁ କୌଣସି ପ୍ରକାରର ବ୍ୟବସ୍ଥା କରିପାରିବି ନାହିଁ ଏଥିରେ ସେମାନଙ୍କୁ ବହୁତ ଦୁଃଖ ଲାଗିଲା ଫଳତଃ

ସେମାନଙ୍କ ଆଖିରୁ ଅଶ୍ରୁ ବୋହିବା ଆରମ୍ଭ ହୋଇଗଲା ଓ ସେମାନେ ଫେରି ଚାଲିଗଲେ । ସେ କହୁଛନ୍ତି କି, ସେମାନଙ୍କ ଚାଲିଯିବା ପରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ତିନୋଟି ଓଟ ଦେଲେ ଏବଂ ଆଉ ଚାରୋଟି ଅନ୍ୟ ମୁସଲ୍‌ମାନମାନେ ଦେଲେ ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋଟିଏ ଗୋଟିଏ ଓଟ ପ୍ରଦାନ କଲେ ।'' ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି କି, ''ପବିତ୍ର କୋରାନ ଏହି ଘଟଣାକୁ ଏଥିପାଇଁ ବର୍ଣ୍ଣନା କରିଛି ଯେ, ସେହି ଗରିବ ମୁସଲ୍‌ମାନମାନଙ୍କ ସତ୍ୟନିଷ୍ଠାର ମୁକାବିଲାରେ ଏପରି ଧନୀ ଓ ଯାତ୍ରା କରିବାର ସାମର୍ଥ୍ୟ ରଖିଥିବା ଲୋକମାନେ ମଧ୍ୟ ଥିଲେ କିନ୍ତୁ ଛୋଟ ଛୋଟ ବାହାନା କରି ରହିଯାଉଥିଲେ'' । ପୁଣି ଆଗକୁ କହୁଛନ୍ତି କି, ''ଏହି ଆୟାତରୁ ଏହା ମଧ୍ୟ ଜଣାଯାଉଛି ଯେ, ଯେଉଁ ଲୋକମାନେ ମଦିନାରେ ପଛରେ ରହିଯାଇଥିଲେ ସେମାନେ ସମସ୍ତେ ମୁନାଫିକ୍ ନଥିଲେ ବରଂ ସେମାନଙ୍କ ମଧ୍ୟରେ ନିଷ୍ଠାବାନ ମୁସଲ୍‌ମାନମାନେ ମଧ୍ୟ ଥିଲେ କିନ୍ତୁ ସେମାନେ (ଯୁଦ୍ଧ କରିବା ପାଇଁ) ଏଥିଯୋଗୁଁ ଯାଇପାରିନଥିଲେ ଯେ ସେମାନଙ୍କ ପାଖରେ ଯିବାପାଇଁ ସାଧନ ନଥିଲା'' *(ଦରୁସ୍ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ (ଅଣମୁଦ୍ରିତ) ତଫ୍‌ସିର୍ ସୁରାଃ ତୌବା ଆୟାତ ସଂଖ୍ୟା ୯୨ ଅନ୍ତର୍ଗତ)*

ସେହି ଆୟାତ୍‌ର ବ୍ୟାଖ୍ୟା କରି ଆପଣ ର:ଅ ଆହୁରି କହୁଛନ୍ତି କି, ''ଅବୁ ମୁସା ସେହି ଲୋକମାନଙ୍କର ସର୍ଦ୍ଦାର ଥିଲେ ଯେତେବେଳେ ସେମାନଙ୍କୁ ପଚରାଗଲା ଯେ, ଆପଣ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ କଣ ମାଗିଥିଲେ? ଏଥିରେ ସେ କହିଲେ ଈଶ୍ୱରଙ୍କ ରାଣ! ଆମେ ଓଟ ମାଗିନଥିଲୁ, ଘୋଡ଼ା ମାଗିନଥିଲୁ ଆମେ ତ କେବଳ ଏତିକି କହିଥିଲୁ ଯେ ଆମେ ଖାଲି ପାଦରେ ଅଛୁ ।'' ତାଙ୍କ ଗୋଡ଼ରେ ଜୋତା ମଧ୍ୟ ନଥିଲା ''ଓ ଏତେ ଲମ୍ବା ଯାତ୍ରା ଖାଲି ପାଦରେ ଚାଲି ପାରିବୁ ନାହିଁ'' ଗୋଡ଼ କ୍ଷତାକ୍ତ ହୋଇଯିବ ତେଣୁ ଯୁଦ୍ଧ ଲଢ଼ିପାରିବୁ ନାହିଁ । ''ଯଦି ଆମକୁ କେବଳ ହଳେ ହଳେ ଜୋତା ମିଳିଯିବ ତେବେ ଆମେ ଜୋତା ପିନ୍ଧି ଦୌଡ଼ି ଦୌଡ଼ି ଯାଇ ନିଜ ଭାଇମାନଙ୍କ ସହିତ ଏହି ଯୁଦ୍ଧରେ ଯୋଗଦେବା ପାଇଁ ପହଂଚିଯିବୁ'' *(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନୁୱାରୁଲ୍ ଉଲୁମ୍ ଖଣ୍ଡ-୨୦, ପୃ-୩୬୧)*

ଏହା ଗରିବ ଲୋକମାନଙ୍କ ଅବସ୍ଥା ଥିଲା ଓ ସେମାନଙ୍କର ମନୋଭାବ ଓ ଉତ୍ସାହ ଏପରି ଥିଲା । ହଜ୍‌ରତ୍ ସାଲିମ୍ ବିନ୍ ଉମୈର୍ ର:ଅ ହଜ୍‌ରତ୍ ମାୱିୟା ର:ଅଙ୍କ ସମୟ ପର୍ଯ୍ୟନ୍ତ ଜୀବିତ ରହିଲେ । *(ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୮୭, ''ସାଲିମ୍ ବିନ୍ ଉମୈର୍ ର:ଅ', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)*

ପୁଣି ଆଉ ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ସୁରାକା ବିନ୍ କାଆବ୍ ର:ଅ । ହଜ୍‌ରତ୍ ସୁରାକାଙ୍କ ସମ୍ବନ୍ଧ କବିଲା ବନୁ ନଜାର୍‌ଙ୍କ ସହିତ ଥିଲା । ତାଙ୍କ ମା'ଙ୍କ ନାମ ଉମୈର୍ ଉମୈରାଃ ବିନ୍‌ତ ନୁମାନ୍ ଥିଲା । ହଜ୍‌ରତ୍ ସୁରାକା ବଦର୍, ୱହଦ୍ ଓ ଖନ୍ଦକ୍ ସମେତ ସମସ୍ତ ଯୁଦ୍ଧରେ ହଜୁର୍ ସ:ଆ:ସଙ୍କ ସହିତ ଯୋଗ ଦେଇଥିଲେ । ହଜ୍‌ରତ୍ ସୁରାକା ବିନ୍ କାଆବ୍ ର:ଅ ହଜ୍‌ରତ୍ ମାୱିୟା ର:ଅଙ୍କ ଯୁଗରେ ମୃତ୍ୟୁବରଣ କଲେ । କଲ୍‌ବିଙ୍କ ରିୱାୟତ୍ ମୁତାବକ ହଜ୍‌ରତ୍ ସୁରାକା ୟମାମା ଯୁଦ୍ଧରେ ଶହୀଦ ହୋଇଥିଲେ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭୧*, ସୁରାକା ବିନ୍ କାଆବ୍ ର:ଅ, *ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୪୧୨,* ''ସୁରାକା ବିନ୍ କାଆବ୍ ର:ଅ'*, ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)*

ପୁଣି ଯେଉଁ ସାହାବିଙ୍କର ଏଠାରେ ଚର୍ଚ୍ଚା ହେବ ତାଙ୍କ ନାମ ହେଉଛି ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍ ର:ଅ । ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍ ର:ଅ, ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜଉନ୍ ର:ଅଙ୍କ ନିଜ ଭାଇ ଥିଲେ । ସେ ହବ୍‌ଶା ଆଡ଼କୁ ହିଜ୍‌ରତ୍ କରିଥିବା ପ୍ରାଥମିକ ମୁହାଜିର୍‌ମାନଙ୍କ ମଧ୍ୟରେ ଥିଲେ । ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍ ର:ଅ ବଦର୍ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ପାଇଥିଲେ । *(ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୯୯, ''ସାଇବ୍ ବିନ୍ ମଜ୍‌ଉନ୍ ର:ଅ, ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)*

ଆଁ ହଜ୍‌ରତ୍ ସ:ଆ:ସ ଯେବେ ବୁଆତ୍ ଯୁଦ୍ଧ ନିମନ୍ତେ ବାହାରିଲେ, କିଛି ରିୱାୟତ ମୁତାବକ ସେତେବେଳେ ଆପଣ ସ:ଆ:ସ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍ ର:ଅଙ୍କୁ ଓ ଆଉ କେତେକଙ୍କ ମୁତାବକ ସାଇବ୍ ବିନ୍ ଉସ୍‌ମାନ୍ ର:ଅଙ୍କୁ ନିଜ ପଛରେ ଅମୀର୍ ନିଯୋଜିତ କଲେ ଓ ଆଉଗୋଟେ ରିୱାୟତରେ ଅସୁଛି କି, ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍ ର:ଅ ନାମ ମଧ୍ୟ ମିଳୁଛି । *(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୧୭୪...... ମୁଦ୍ରଣ ଦାରୁଲ୍ କୁତବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୨)*

ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍ ର:ଅଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ବାଣିଜ୍ୟ କରିବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ ହୋଇଛି । ସୁତରାଂ ସୁନନେ ଅବି ଦାଉଦ୍‌ର ଗୋଟିଏ ରିୱାୟତ ଅଛି ଯେ, ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍ ର:ଅ ବର୍ଣ୍ଣନା କରୁଛନ୍ତି କି, ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଯେବେ ଉପସ୍ଥିତ ହେଲି ସେତେବେଳେ ସାହାବାମାନେ ଆପଣ ସ:ଆ:ସଙ୍କ ସମ୍ମୁଖରେ ମୋ କଥା କହି ମୋତେ ପ୍ରଶଂସା କରିବା ଆରମ୍ଭ କରିଦେଲେ । ଏଥିରେ ଆପଣ ସ:ଆ:ସ କହିଲେ ମୁଁ ତାଙ୍କୁ ତୁମଠାରୁ ଅଧିକା ଜାଣିଛି । ମୁଁ କହିଲି *ସଦକ୍‌ତା ବିଅବି ଅନ୍‌ତା ୱ ଉମ୍ମି- କୁନ୍‌ତ ଶରିକି ମନ୍‌ଅମସ୍ ଶରିକ୍ । କୁନ୍‌ତା ଲା ତୁଦାରି ୱଲା ତୁମାରି* ଅର୍ଥାତ୍ ମୋ ମା'ବାପା ଆପଣ ସ:ଆ:ସଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ! ଆପଣ ସ:ଆ:ସ ସତ୍ୟ କହିଛନ୍ତି । ଆପଣ ସ:ଆ:ସ ବାଣିଜ୍ୟ କରିବାରେ ମୋ ସହିତ ସାମିଲ ଥିଲେ ଓ କେଡ଼େ ହିଁ ଉତମ ଭାଗିଦାରୀ ଥିଲେ । ଆପଣ ସ:ଆ:ସ ନା'ତ ବିରୋଦ୍ଧ କରନ୍ତି ନା ହିଁ ଝଗଡ଼ା କରୁଥିଲେ । *(ସୁନନେ ଅବି ଦାଉଦ୍, କିତାବୁଲ୍ ଅଦବ.....ହଦିସ୍ ୪୮୩୬)*

ସିରତ ଖାତମୁନ୍ ନବୀୟିନ୍‌ରେ ଉକ୍ତ ଘଟଣାଟି ଏପରି ବର୍ଣ୍ଣନା କରାଯାଇଛି କି,''ମକ୍କାରୁ ବାଣିଜ୍ୟ କରିବାକୁ ବଣିକ ଦଳ ବିଭିନ୍ନ ଇଲାକାକୁ ଯାଉଥିଲେ । ଦକ୍ଷିଣରେ ୟମନ୍ ଆଡ଼କୁ ଉତରରେ ସିରିଆ ଆଡ଼କୁ ନିୟମତ ରୂପେ ବାଣିଜ୍ୟ କାରୋବାର ଜାରିଥିଲା । ଏତତ୍‌ବ୍ୟତିତ ବହ୍‌ରୈନ୍ ଇତ୍ୟାଦି ସହିତ ମଧ୍ୟ ବାଣିଜ୍ୟ କରାଯାଉଥିଲା । ଆଁ ହଜ୍‌ରତ୍ ସ:ଆ:ସ ସାଧାରଣତଃ ଉପୋରକ୍ତ ସବୁ ଦେଶଗୁଡ଼ିକ ସହିତ ବାଣିଜ୍ୟ କରିବା ପାଇଁ ଯାଉଛନ୍ତି । ପ୍ରତ୍ୟେକ ଥର ଅତ୍ୟନ୍ତ ଦିୟାନତ୍, ଅମାନତ୍ (ଅର୍ଥାତ୍ ସତ୍ୟନିଷ୍ଠା ଓ ସତ୍ୟତା) ଏବଂ ସୁନ୍ଦରତାର ସହିତ ବାଣିଜ୍ୟ ଆମ୍ଭର ବ୍ୟବହାରକୁ ନିର୍ବାହକରି ନିଜର କର୍ତବ୍ୟ ସମ୍ପାଦନ କରିଛନ୍ତି । ମକ୍କାରେ ମଧ୍ୟ ଯେଉଁ ଲୋକମାନଙ୍କ ସହିତ ଆପଣ ସ:ଆ:ସଙ୍କ ମାମଲା ହୋଇଛି । ସେମାନେ ସମସ୍ତେ ଆପଣ ସ:ଆ:ସଙ୍କ ପ୍ରଶଂସାରେ ଶତମୂଖ ହୋଇଛନ୍ତି । ସୁତରାଂ ସାଇବ୍ ନାମକ ଏକ ସାହାବି ଥିଲେ'' (ଯାହାଙ୍କ ଚର୍ଚ୍ଚା ଏଠାରେ ଚାଲିଛି) ''ସେ ଯେତେବେଳେ ଇସ୍‌ଲାମ ଗ୍ରହଣ କଲେ କିଛି ଲୋକମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମୁଖରେ ତାଙ୍କର ପ୍ରଶଂସା ଗାନ କଲେ । ଆପଣ ସ:ଆ:ସ କହିଲେ ମୁଁ ତାଙ୍କୁ ତୁମଠାରୁ ଅଧିକା ଜାଣିଛି ।'' ସାଏବ୍ ର:ଅ ନିବେଦନ କଲେ ''ହଁ ହେ ଅଲ୍ଲାଃଙ୍କ ରସୁଲ୍! ଆପଣଙ୍କ ଉପରେ ମୋ ମା'ବାପା ଉତ୍ସର୍ଗ ହୁଅନ୍ତୁ । ଆପଣ ସ:ଆ:ସ ବାଣିଜ୍ୟରେ ମୋ ସଙ୍ଗେ ଏକଦା ଭାଗିଦାରୀ ଥିଲେ ଓ ଆପଣ ସ:ଆ:ସ ସର୍ବଦା ଅତ୍ୟନ୍ତ ସ୍ୱଷ୍ଟ ମାମଲା ରଖିଛନ୍ତି ।'' *(ସିରତ୍ ଖାତମୁନ୍ ନବୀୟିନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃ-୧୦୬)*

ପୁଣି ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଆସିମ୍ ବିନ୍ କୈସ୍ ର:ଅ । ହଜ୍‌ରତ୍ ଆସିମ୍ ବିନ୍ କୈସ୍ ର:ଅଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ସାଲବା ବିନ୍ ଉମ୍‌ରୋ ସହିତ ଥିଲା । ସେ ବଦର ଏବଂ ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । *(ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃ-୧୧୩, ଆସିମ୍ ବିନ୍ କୈସ୍........୨୦୦୩)*

ଆଉଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ତୁଫୈଲ୍ ବିନ୍ ମାଲିକ୍ ବିନ୍ ଖନ୍‌ସାଆ ର:ଅ । ହଜ୍‌ରତ୍ ତୁଫୈଲ୍‌ଙ୍କ ସମ୍ବନ୍ଧ କବିଲା ଖଜ୍‌ରଜ୍‌ର ଶାଖା ବନୁ ଉବୈଦ୍ ବିନ୍ ଅଦି ସହିତ ଥିଲା । ହଜ୍‌ରତ୍ ତୁଫୈଲ୍ ର:ଅ ବୟତେ ଉକ୍‌ବା, ବଦର୍ ଯୁଦ୍ଧ ଏବଂ ୱହଦ୍ ଯୁଦ୍ଧରେ ସାମିଲ ଥିଲେ । ତାଙ୍କର ବିବାହ ଇଦାମୁ ବିନ୍‌ତ କୁର୍ତଙ୍କ ସହିତ ହୋଇଥିଲା । ଯାହାଙ୍କ ଠାରୁ ଆପଣ ର:ଅଙ୍କର ଦୁଇ ଜଣ ପୁତ୍ର ଅବ୍‌ଦୁଲ୍ଲାଃ ଓ ରବିଇ ଜନ୍ମ ହୋଇଛନ୍ତି । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୦ ରୁ ୪୩୧, ତୁଫୈଲ୍ ବିନ୍ ମାଲିକ.........୧୯୯୦) (ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୭୯, ''ତୁଫୈଲ୍ ବିନ୍ ମାଲିକ ବିନ୍ ଖୁନ୍‌ସାଆ........୨୦୦୩)*

ପୁଣି ଜଣେ ସାହାବିଙ୍କର ଏଠାରେ ଚର୍ଚ୍ଚା କରାଯିବ ତାଙ୍କ ନାମ ହେଉଛି ହଜ୍‌ରତ୍ ତୁଫୈଲ୍ ବିନ୍ ନୁମାନ୍ ର:ଅ । ହଜ୍‌ରତ୍ ତୁଫୈଲ୍ ବିନ୍ ନୁମାନ୍‌ଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଖଜ୍‌ରଜ୍ ସହିତ ଥିଲା । ତାଙ୍କ ମା'ଙ୍କ ନାମ ଖନ୍‌ସାଆ ବିନ୍‌ତ ରିୟାବ ଥିଲା ଯିଏ ହଜ୍‌ରତ୍ ଯାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅଙ୍କ ଫୁଫି (ଅର୍ଥାତ୍ ପିଇସି) ଥିଲେ ହଜ୍‌ରତ୍ ତୁଫୈଲଙ୍କର ଗୋଟିଏ ଝିଅ ଥିଲା ଯାହାଙ୍କ ନାମ ରୁବଇ ଥିଲା । ହଜ୍‌ରତ୍ ତୁଫୈଲ୍ ବୟତେ ଅକ୍‌ବାଃ ଏବଂ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ହଜ୍‌ରତ୍ ତୁଫୈଲ୍ ୱହଦ୍ ଯୁଦ୍ଧରେ ମଧ୍ୟ ସାମିଲ ହୋଇଥିଲେ ସେହି ଯୁଦ୍ଧ ଦିନ ତାଙ୍କୁ ତେରଟି କ୍ଷତ ପହଂଚିଥିଲା । ସେ ଖନ୍ଦକ ଯୁଦ୍ଧରେ ମଧ୍ୟ ସାମିଲ ହୋଇଥିଲେ ଓ ସେହି ଯୁଦ୍ଧରେ ଶହୀଦ୍ ହେବାର ସୌଭାଗ୍ୟ ପ୍ରାପ୍ତ କଲେ । ୱହଶି ବିନ୍ ହରବ୍ ତାଙ୍କୁ ଶହୀଦ୍ କଲା । ପରେ ୱହଶଶି ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇମାନ୍ ନେଇ ଆସିଥିଲା । ୱହ୍‌ଶି ଏକଥା କହୁଥିଲା କି ଅଲ୍ଲାଃ ତାଲା ହଜ୍‌ରତ୍ ହମ୍‌ଜାଃଙ୍କୁ ଏବଂ ତୁଫୈଲ୍ ବିନ୍ ନୁମାନ୍‌ଙ୍କୁ ମୋ ହାତରେ ସମ୍ମାନ ଦେଇଛନ୍ତି । କିନ୍ତୁ ମତେ ତାଙ୍କ ହାତରେ ଅପମାନିତ କଲେ ନାହିଁ । ଅର୍ଥାତ୍ ମୁଁ କୁଫର (ଅର୍ଥାତ୍ ଅମାନ୍ୟକାରୀ) ଅବସ୍ଥାରେ ହତ୍ୟା ହୋଇନାହିଁ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୧*, ତୁଫୈଲ୍ ବିନ୍ ନୁମାନ୍,....... *୧୯୯୦) (ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୭୯ ରୁ ୮୦,* ''ତୁଫୈଲ୍ ବିନ୍ ମାଲିକ୍'', ତୁଫୈଲ୍ ବିନ୍ ନୁମାନ...... *୨୦୦୩)*

ଆଉଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଜହାକ୍ ବିନ୍ ଅବ୍‌ଦେ ଉମ୍‌ରୋ ତାଙ୍କର ସମ୍ବନ୍ଧ ବନୁ ଦୀନାର୍ ବିନ୍ ନଜ୍ଜାର ସହିତ ଥିଲା । ତାଙ୍କ ବାପାଙ୍କ ନାମ ଅବ୍‌ଦେ ଉମ୍‌ରୋ ଓ ତାଙ୍କ ମା'ଙ୍କ ନାମ ସୁମୈରା ବିନ୍‌ତେ କୈସ୍ ଥିଲା । ସେ ଓ ତାଙ୍କ ଭାଇ ହଜ୍‌ରତ୍ ନୁମାନ୍ ବିନ୍ ଅବ୍‌ଦେ ଉମ୍‌ରୋ ର:ଅ ବଦର ଓ ୱହଦ୍ ଯୁଦ୍ଧରେ ସାମିଲ ହୋଇଛନ୍ତି । ହଜ୍‌ରତ୍ ନୁମାନ୍ ୱହଦ୍ ଯୁଦ୍ଧରେ ଶହୀଦ ହେଲେ । ତାଙ୍କର ତୃତୀୟ ଭାଇ କୁତ୍‌ବା ବିନ୍ ଅବ୍‌ଦେ ଉମରା ବୈିରେ ମାଉନା ଘଟଣା ଦିନ ଶହୀଦ୍ ହୋଇଥିଲେ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୯୪*, ଜହାକ୍ ବିନ୍ ଅବ୍‌ଦେ ଉମ୍‌ରୋ, *ନୁମାନ୍ ବିନ୍ ଅବ୍‌ଦେ ଉମ୍‌ରୋ....... ୧୯୯୦)*

ପୁଣି ଆଉ ଜଣେ ସାହାବି ଅଛନ୍ତି ତାଙ୍କ ନାମ ହେଉଛି ଜହାକ୍ ବିନ୍ ହାରିସା ର:ଅ । ହଜ୍‌ରତ୍ ଜହାକ୍ ଅନ୍‌ସାରଙ୍କ କବିଲା ଖଜ୍‌ରଜ୍ ସହିତ ସମ୍ବନ୍ଧ ରଖିଥିଲେ । ତାଙ୍କ ବାପାଙ୍କ ନାମ ହାରିସା ଓ ମା'ଙ୍କ ନାମ ହିନ୍ଦ ବିନ୍‌ତ ମାଲିକ୍ ଥିଲା ।

ହଜ୍‌ରତ୍ ଜହାକ୍ ର:ଅ ସତୁରି ଜଣ ସାହବି ମାନଙ୍କ ସହିତ ବୟତେ ଅକ୍‌ବାଃରେ ସାମିଲ୍ ହୋଇଥିଲେ । ସେ ବଦର୍ ଯୁଦ୍ଧରେ ମଧ୍ୟ ସାମିଲ ହୋଇଛନ୍ତି । ତାଙ୍କ ପୁତ୍ରଙ୍କ ନାମ ୟଜିଦ୍ ଥିଲା ଯିଏ ତାଙ୍କ ପତ୍ନୀ ଉମାମାଃ ବିନ୍‌ତ ମୁହରିସ୍‌ଙ୍କ ଗର୍ଭରୁ ଜନ୍ମ ହୋଇଥିଲେ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୩, ଜହାକ୍ ବିନ୍ ହାରିସା....... ୧୯୯୦) (ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୪୬, 'ଜହାକ୍ ବିନ୍ ହାରିସା....... ୨୦୦୩)*

ପୁଣି ଜଣେ ସାହାବିଙ୍କ ନାମ ହେଉଛି ହଜ୍‌ରତ୍ ଖଲ୍ଲାଦ୍ ବିନ୍ ସୁୱେଦ୍ ର:ଅ । ସେ ଅନ୍‌ସାରୀ ଥିଲେ । ହଜ୍‌ରତ୍ ଖଲ୍ଲାଦ୍‌ଙ୍କ ସମ୍ବନ୍ଧ ଖଜ୍‌ରଜ୍ କବିଲାର ଶାଖା ବନୁ ହାରିସ୍ ସହିତ ଥିଲା । ତାଙ୍କ ମା'ଙ୍କ ନାମ ଉମ୍‌ରାଃ ବିନ୍‌ତ ସାଆଦ୍ ଥିଲା । ତାଙ୍କର ଜଣେ ପୁଅ ହଜ୍‌ରତ୍ ସାଇବ୍‌ଙ୍କୁ ନବି କରିମ୍ ସ:ଆ:ସଙ୍କ ସଙ୍ଗତ ଲାଭ ହୋଇଛି । ପରେ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ୟମନ୍‌ର ଆମିଲ୍ (ଅର୍ଥାତ୍ କାର୍ଯ୍ୟନିର୍ବାହୀ ଅଧକ୍ଷକ) ରୂପେ ନିଯୋଜିତ କରିଥିଲେ ।

ଦ୍ୱିତୀୟ ପୁତ୍ରଙ୍କ ନାମ ହକମ୍ ବିନ୍ ଖଲ୍ଲାଦ୍ ଥିଲା । ଏହି ଦୁଇଜଣ ପୁତ୍ରଙ୍କ ମା'ଙ୍କ ନାମ ଲୈଲା ବିନ୍ତ ଉବାବାଃ ଥିଲା । ହଜ୍‌ରତ୍ ଖଲ୍ଲାଦ୍ ବୟତେ ଅକ୍‌ବାଃରେ ସାମିଲ୍ ହୋଇଥିଲେ । ସେ ବଦର୍, ଓ୍ୱଲଦ୍ ଏବଂ ଖନ୍ଧକ ଯୁଦ୍ଧରେ ସାମିଲ୍ ହୋଇଛନ୍ତି । ବନୁ କୁରୈଜାଃ ଯୁଦ୍ଧରେ ଜଣେ ଇହୁଦୀ ମହିଳା ଯାହା ନାମ ବୁନାନାଃ ଥିଲା, ସେ ଉପରୁ ତାଙ୍କ ଉପରକୁ ଭାରି ପଥର ପକାଇ ପକାଇଦେଲା ଫଳତଃ ତାଙ୍କର ମୁଣ୍ଡ ଫାଟି ଗଲା ଓ ସେ ଶହୀଦ୍ ହୋଇଗଲେ । ଏଥିରେ ନବୀ କରିମ୍ ସ:ଆ:ସ କହିଲେ କି ଖଲ୍ଲାଦ୍‌ଙ୍କ ନିମନ୍ତେ ଦୁଇଟି ଶହୀଦ୍‌ର ପୁରସ୍କାର ରହିଛି । ରସୁଲେ କରିମ୍ ସ:ଆ:ସ ସେହି ମହିଳାକୁ କିସାସ (ଅର୍ଥାତ୍ ମୃତ୍ୟୁ ବଦଳରେ ମୃତ୍ୟୁ ପାଇବା) ରୂପେ ହତ୍ୟା କରାଇଥିଲେ ।

*(ତବ୍‌କାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୪୦୧ ରୁ ୪୦୨, ଖଲ୍ଲାଦ୍ ବିନ୍ ସୁଓ୍ୱେଦ୍...... ୧୯୯୦)*

ସିରତ୍ ଖାତମୁନ୍ ନବୀୟିନ ସ:ଆ:ସ ପୁସ୍ତକରେ ଉକ୍ତ ଘଟଣାଟି ଏପରି ବର୍ଣ୍ଣିତ ଅଛି କି, ''ସେମାନଙ୍କ କିଲା କାନ୍ଥ ତଳେ ଆରାମ୍ କରିବା ପାଇଁ କିଛି ମୁସଲ୍‌ମାନ ବସି ପଡ଼ିଥିଲେ । ତାଙ୍କ ଉପରେ ଜଣେ ଇହୁଦୀ ମହିଳା ଯାହାର ନାମ ବୁନାନାଃ ଥିଲା, ସେ କିଲା ଉପରୁ ଏକ ଭାରି ପଥର ଫିଙ୍ଗିଦେଲା ଫଳତଃ ତାଙ୍କ ମଧ୍ୟରୁ ଖଲ୍ଲାଦ୍ ଶହୀଦ୍ ହୋଇଗଲେ ଓ ବାକି ମୁସଲ୍‌ମାନ ବଂଚିଗଲେ ।'' *(ସିରତ୍ ଖାତମୁନ୍ ନବୀୟିନ୍ ସ:ଆ:ସ........ପୃ-୫୯୮)*

ପୁଣି ଏକଥା ମଧ୍ୟ ଆସୁଛି କି ହଜ୍‌ରତ୍ ଖଲ୍ଲାଦ୍ ର:ଅଙ୍କ ମା'ଙ୍କୁ ଯେବେ ତାଙ୍କ ଶହାଦତ୍ ବିଷୟରେ ଏତେଲା ମିଳିଲା, ସେ ନକାବ୍ ଘୋଡ଼ି ଆସିଲେ । ତାଙ୍କୁ କୁହାଗଲା କି ଖଲ୍ଲାଦ୍‌ଙ୍କୁ ଶହୀଦ୍ କରିଦିଆଯାଇଛି ଓ ଆପଣ ନକାବ୍ ପିନ୍ଧି ଆସିଛନ୍ତି ଏହା ଶୁଣି ସେ କହିଲେ କି ଖଲ୍ଲାଦ୍ ର:ଅ ତ ମୋ ଠାରୁ ଅଲଗା ହୋଇଗଲା । କିନ୍ତୁ ମୁଁ ମୋ ଲଜ୍ଜାକୁ ନିଜଠାରୁ ଅଲଗା କରିବାକୁ ଦେବିନାହିଁ । ଯେଉଁ ଖୋଲା ପ୍ରଥା ଥିଲା ତାହା ଏପରି ହେବ ନାହିଁ । ପର୍ଦା ହେଉଛି ଲଜ୍ଜା ତାହା ତ କାଏମ୍ ରହିବ ।

ହଜ୍‌ରତ୍ ଖଲ୍ଲାଦ୍ ର:ଅଙ୍କ ଶହୀଦ୍ ବିଷୟରେ ବ୍ୟାଖ୍ୟା ରୂପକ ଆଗକୁ ଏହିପରି ମଧ୍ୟ ଆସୁଛି ଯେ ହଜ୍‌ରତ୍ ଖଲ୍ଲାଦ୍ ର:ଅଙ୍କ ଶହାଦତ୍ ରେ ନବୀ କରିମ୍ ସ:ଆ:ସ କହିଲେ ଯେ ତାଙ୍କ ପାଇଁ ଦୁଇ ଦୁଇଟି ଶହୀଦ୍ ହେବାର ପୁରସ୍କାର ରହିଛି । ଯେପରି କି ପୂର୍ବରୁ ଏକଥା ଚର୍ଚ୍ଚା ସରିଛି । କିନ୍ତୁ ଅଧିକା ଏଥିରେ ଏହା ଅଛି କି, ଯେବେ ନିବେଦନ କରାଗଲା ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ଏପରି କାହିଁକି ? ଆପଣ ସ:ଆ:ସ କହିଲେ କାରଣ ତାଙ୍କୁ ଅହ୍‌ଲେ କିତାବ୍ (ଅର୍ଥାତ ଐଶି ପୁସ୍ତକକୁ ମାନୁଥିବା ସଂମ୍ପ୍ରଦାୟ) ହତ୍ୟା କରିଛି । *(ତବ୍‌କାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୪୦୨, ଖଲ୍ଲାଦ୍ ବିନ୍ ସୁଓ୍ୱେଦ୍....... ୧୯୯୦)*

ଆଉ ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଅଓସ୍ ବିନ୍ ଖୌଲି ଅନ୍‌ସାରୀ ତାଙ୍କ କୁନିୟତ୍ ଅବୁ ଲୈଲା ଥିଲା । ତାଙ୍କର ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଖଜ୍‌ରଜର ଶାଖା ବନୁ ସାଲିମ୍ ବିନ୍ ଗନମ୍ ବିନ୍ ଅଓଫ୍ ସହିତ ଥିଲା । ତାଙ୍କ ମା'ଙ୍କ ନାମ ଯମିଲା ବିନ୍ତ ଉବେି ଥିଲା ଯିଏ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲ୍‌ର ଭଉଣୀ ଥିଲେ । ତାଙ୍କର ଜଣେ ଝିଅ ଥିଲେ ଯାହାଙ୍କ ନାମ ଫୁସ୍‌ହମ୍ ଥିଲା । ସେ ବଦର୍ , ଓ୍ୱହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ତାଙ୍କର ମୁଆଖାତ୍ ହଜ୍‌ରତ୍ ଶୁଯାଅ ବିନ୍ ଓ୍ୱହବ୍ ଅଲ୍‌ଅସ୍‌ଦି ର:ଅଙ୍କ ସହିତ କରାଇଥିଲେ । ହଜ୍‌ରତ୍ ଅଓସ୍ ବିନ୍ ଖୌଲିଙ୍କ ଗଣନା 'କାମିଲୈନ୍' ଙ୍କ ମଧ୍ୟରେ ହୋଇଥାଏ । ଯାହିଲିୟତ୍ ଏବଂ ଇସ୍‌ଲାମ୍‌ର ପ୍ରାରମ୍ଭ ସମୟରେ 'କାମିଲ୍' ସେହି ବ୍ୟକ୍ତିକୁ କୁହାଯାଉଥିଲା ଯିଏ ଆରବୀ ଭାଷା ଲେଖିବା ଓ ପଢ଼ିବା ଜାଣିଥାଏ । ତୀର ଚାଲଣା ବହୁତ ଭଲଭାବେ କରିଥାଏ ଓ ପାଣି ପହଁରା ଜାଣିଥାଏ । ଭଲ ଭାବେ ପହଁରି ପାରୁଥିବ । ଏହି ତିନୋଟି ଗୁଣ ଯାହା ପାଖରେ ଥାଏ ତାକୁ କାମିଲ୍ କୁହାଯାଏ ଏହି ସବୁ ବିଶେଷ ଗୁଣ ଗୁଡ଼ିକ ହଜ୍‌ରତ୍ ଅଓସ୍ ବିନ୍ ଖୌଲିଙ୍କ ନିକଟରେ ମହଜୁଦ୍ ଥିଲା । *(ଉସ୍‌ଦୁଲ୍ ଗାବାଃ, ଖଣ୍ଡ-୧, ପୃ-୩୨୦, ଅଓସ୍ ବିନ୍ ଖୌଲି.... ୨୦୦୩) (ତବ୍‌କାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୪୦୯ ରୁ ୪୧୦, ଅଓସ୍ ବିନ୍ ଖୌଲି..... ୧୯୯୦)*

ହଜ୍‌ରତ୍ ନାଜିୟା ବିନ୍ ଆଜମ୍ ରିଓ୍ୱାୟତ୍ କରୁଛନ୍ତି କି, ଯେବେ ହୁଦବିୟା ଅବସରରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ସ୍ୱଳ୍ପ ପାଣି ସମ୍ବନ୍ଧରେ ଅଭିଯୋଗ କରାଗଲା ସେତେବେଳେ ସେ ମତେ ଡ଼ାକି ନିଜ ତରକଶ୍ (ତୀର ରଖିବା ସ୍ଥାନ)ରୁ ଗୋଟିଏ ତୀର ବାହାର କରି ମତେ ଦେଲେ । ପୁଣି ଗୋଟିଏ ଡ଼ୋଲ୍ (ପାଣି ବାହାର କରିବାର ପାତ୍ର) କୂଅପାଣିରୁ ମଗାଇଲେ । ମୁଁ ପାଣି ନେଇ ଆସିଲି । ଆପଣ ସ:ଆ:ସ ଓ୍ୱଜୁ କଲେ ଓ ପୁଣି କୁଳି କରି ଡ଼ୋଲ ଭିତରେ ପକାଇଲେ, ଯେବେ କି ଲୋକମାନେ ଗରମରେ ତଡ଼ଫଡ଼ ହେଉଥିଲେ । ମୁସଲ୍‌ମାନମାନଙ୍କ ନିକଟରେ ଗୋଟିଏ କୂଅ ଥିଲା କାରଣ ମୁଶ୍‌ରିକ୍‌ମାନେ ବଲ୍‌ଦହ୍ ନାମକ ସ୍ଥାନରେ ଶିଘ୍ର ପହଂଚି ସେଠାରେ ଥିବା ପାଣି ଭଣ୍ଡାରକୁ କବ୍‌ଜା କରିନେଇଥିଲେ । ପୁଣି ଆପଣ ସ:ଆ:ସ ମତେ କହିଲେ କି ଏହି ଡ଼ୋଲଟିକୁ କୂଅ ଭିତରେ ଢ଼ାଳିଦିଅ ଯାହାର ପାଣି ଶୁଖିଯାଇଥିଲା ଓ ତା ପାଣିରେ ତୀର ପୋତି ଦିଅ । ମୁଁ ଏହିପରି କଲି । ମତେ ତା' ରାଣ ! ଯିଏ ଆପଣ ସ:ଆ:ସଙ୍କୁ ସତ୍ୟ ସହିତ ପ୍ରେରଣ କରିଛି । ମୁଁ ବହୁ କଷ୍ଟରେ ବାହାରକୁ ଆସିଲି । ଅର୍ଥାତ୍ ଅଚାନକ ସେଠାରେ ପାଣି ଝର ଫୁଟି ପଡ଼ିଲା । ମତେ ଚାରିଆଡ଼ୁ ପାଣି ଘେରି ଯାଇଥିଲା । ପାଣି ଏପରି ଫୁଟୁଥିଲା ଯେପରି ଦେଗିଚି ଫୁଟୁଥାଏ । ଏପରିକି ପାଣି ଉପରକୁ ଉଠି ଉଠି (କୂଅ) ମୁହଁ ସହିତ ସମାନ ହୋଇଗଲା । ଲୋକମାନେ କୂଅ କଡ଼ରୁ ପାଣି ପୁରାଉଥିଲେ ଏପରିକି ସେମାନଙ୍କ ମଧ୍ୟରୁ ଶେଷ ବ୍ୟକ୍ତି ଜଣକ ମଧ୍ୟ ନିଜର ଶୋଷ ମେଟାଂଇଲା । ସେହିଦିନ ମୁନାଫିକ୍‌ମାନଙ୍କର ଗୋଟିଏ ଦଳ ସେଠାରେ ଥିଲା । ସେମାନଙ୍କ ମଧ୍ୟରେ ଅବ୍‌ଦୁଲ୍ଲାଃ ବିନ୍ ଉବେି ସଲୁଲ୍ ମଧ୍ୟ ଥିଲା ଯିଏ ଅଓସ୍ ବିନ୍ ଖୌଲିଙ୍କ ମାମୁଁ ଥିଲା । ହଜ୍‌ରତ୍ ଅଓସ୍ ବିନ୍ ଖୌଲି ର:ଅ ତାକୁ କହିଲେ କି ହେ ଅବୁଲ୍ ହୁବାବଃ ! ତୁମ ଉପରେ ଅଭିଷାପ ! ଏବେ ତ ଏହି ଚମତ୍କାରକୁ ମାନି ନିଅ ଯାହାକୁ ତୁମେ ନିଜେ ଦେଖିନେଲ । ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟତାକୁ ମାନି ନିଅ । କଣ ଆ ପରେ ଆଉ କିଛି ବାକି ରହିଛି ? ଏଥିରେ ସେ ଉତର ଦେଲା ମୁଁ ଏହିପରି ବହୁତ ଜିନିଷ ଦେଖିସାରିଛି । ଏହା ଶୁଣି ହଜ୍‌ରତ୍ ଅଓସ୍ ବିନ୍ ଖୌଲି ର:ଅ କହିଲେ ଈଶ୍ୱର ତୁମର ଅମଙ୍ଗଳ କରନ୍ତୁ ଓ ତୁମ ରାୟକୁ ଅମଙ୍ଗଳ ପ୍ରମାଣିତ କରନ୍ତୁ । ଅବ୍‌ଦୁଲ୍ଲାଃ ସ:ଆ:ସ ତାକୁ କହିଲେ ହେ ଅବୁଲ୍ ହବାବ୍ ! ଆଜି ତୁମେ ଯାହା ଦେଖିଛ, ଏହା ପୂର୍ବରୁ ଏପରି କେବେ ଦେଖିଛ ? ସେ କହିଲା କି ମୁଁ ପୂର୍ବରୁ କେବେ ଏପରି ଦେଖିନାହିଁ । ରସୁଲୁଲ୍ଲାଃ ସ:ଆ:ସ କହିଲେ ତେବେ ତୁମେ ଏପରି କାହିଁକି କହିଲେ ଅର୍ଥାତ୍ ସେ ଯେଉଁ କଥା ନିଜ ଭଣଜାଙ୍କୁ କହିଥିଲେ । ଅବ୍‌ଦୁଲ୍ଲାଃ ବିନ୍ ଉବେି କହିଲା ଅସ୍‌ତଗ୍‌ଫିରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କଠାରୁ କ୍ଷମା ଚାହୁଁଛି) । ଅବ୍‌ଦୁଲ୍ଲାଃ ବିନ୍ ଉବେିଙ୍କ ପୁତ୍ର ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ନିବେଦନ କଲେ ହେ ଅଲ୍ଲାଃଙ୍କ ରସୁଲ ! ଆଙ୍କ ପାଇଁ (ଅର୍ଥାତ୍ ଅବ୍‌ଦୁଲ୍ଲାଃ ବିନ୍ ଉବେି) ମଗ୍‌ଫିରତ୍‌ର ଦୁଆ କରନ୍ତୁ । ସୁତରାଂ ରସୁଲୁଲ୍ଲାଃ ସ:ଆ:ସ ମଗ୍‌ଫିରତ୍ର ଦୁଆ କଲେ । (ସୁବୁଲଲ୍ ହୁଦା, ଖଣ୍ଡ-୧, ପୃ-୨୮୪......ବେରୁତ ୧୯୯୯)

ହଜ୍‌ରତ୍ ଅଲୀ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଅବାସ୍ ର:ଅ ରିଓ୍ୱାୟତ୍ କରୁଛନ୍ତି କି, ରସୁଲୁଲ୍ଲାଃ ସ:ଆ:ସ ଯେବେ ଉମରାଃ କରିବା ପାଇଁ ମକ୍କା ଯିବାର ମନସ୍ଥ କଲେ ସେତେବେଳେ ଆପଣ ସ:ଆ:ସ ଅଓସ୍ ବିନ୍ ଖୌଲି ଓ ଅବୁ ରାଫେ ର:ଅଙ୍କୁ ହଜ୍‌ରତ୍ ଅବାସ୍‌ଙ୍କ ନିକଟକୁ ବାର୍ତା ପଠାଇଲେ ଯେ ସେ ହଜ୍‌ରତ୍ ମୈମୁନାଃ ର:ଅଙ୍କ ବିବାହ ତାଙ୍କ ସହିତ କରାଇଦିଅନ୍ତୁ । ରାସ୍ତାରେ ଏହି ଦୁଇଜଣଙ୍କ ଓଟ ହଜିଗଲା । ସେମାନେ କିଛି ଦିନ ବତ୍‌ନେ ରାବେଗ୍ ଅର୍ଥାତ୍ ରାବେଗ୍ ନାମକ ସ୍ଥାନ ଯାହା ହୁଜ୍‌ଫାଠାରୁ ଦଶ ମାଇଲ୍ ଦୂରତାରେ ଅବସ୍ଥିତ ସେଠାରେ ରହିଲେ । ଏପରିକି ନବି କରିମ୍ ସ:ଆ:ସ ଆସି ପହଂଚିଲେ । ପୁଣି ସେହି ଦୁଇଜଣଙ୍କୁ ସେମାନଙ୍କ ଓଟ ମିଳିଗଲା । ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ମକ୍କା ଗଲେ । ଆପଣ ସ:ଆ:ସ ହଜ୍‌ରତ୍ ଅବାସ୍‌ଙ୍କ ନିକଟକୁ ବାର୍ତା ପଠାଇଲେ । ହଜ୍‌ରତ୍ ମୈମୁନାଃ ର:ଅ ନିଜର ମାମଲା ହଜ୍‌ରତ୍ ଅବାସ୍ ର:ଅଙ୍କଠାରେ ନ୍ୟସ୍ତ କରିଥିଲେ ନବୀ କରିମ୍ ସ:ଆ:ସ ହଜ୍‌ର୍ ଅବାସଙ୍କ ଘରକୁ ଗଲେ ଓ ହଜ୍‌ର୍ ଅବାସ୍ ର:ଅ ନବୀ କରିମ୍ ସ:ଆ:ସଙ୍କ ସହିତ ହଜ୍‌ରତ୍ ମୈମୁନାଃ ର:ଅଙ୍କ ବିବାହ କରାଇଦେଲେ । *(ଶରହ୍ ଅଲ୍ଲାମାଃ ଜର୍‌କାନି, ଖଣ୍ଡ-୪, ପୃ-୪୨୩, ମୈମୁନାଃ ଉମ୍ମୁଲ୍ ମୁମିନିନ୍....... ୧୯୯୬) (ମୁଅଯମୁଲ ବୁଲ୍‌ଦାନ୍, ଖଣ୍ଡ-୩, ପୃ-୧୨.......ବେରୁତ)*

ଯେବେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ହେଲା । ସେତେବେଳେ ହଜ୍‌ରତ୍ ଅଓ୍ୱସ୍ ବିନ୍ ଖୌଲି ର:ଅ ହଜ୍‌ରତ୍ ଅଲୀ ଇବ୍‌ନ ଅବିତାଲିବ୍ ର:ଅଙ୍କୁ କହିଲେ ଯେ, ମୁଁ ଆପଣଙ୍କୁ ଅଲ୍ଲାଃଙ୍କ ରାଣ ଦେଇ କହୁଛି ଯେ, ଆମକୁ ମଧ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ସୁଯୋଗ ଦିଅନ୍ତୁ । ସୁତରାଂ ହଜ୍‌ରତ୍ ଅଲୀ ର:ଅ ତାଙ୍କୁ ଅନୁମତି ଦେଲେ ।

ଏହାର ଆଉ ଗୋଟିଏ ରିଓ୍ୱାୟତ୍‌ରେ ଏପରି ରହିଛି କି, ଯେବେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ହେଲା ଓ ଆପଣ ସ:ଆ:ସଙ୍କୁ ସ୍ନାନ କରାଇବାର ବ୍ୟବସ୍ଥା କରାଗଲା ସେତେବେଳେ ଅନ୍‌ସାରମାନେ ଆସି କହିଲେ କି, ଅଲ୍ଲାଃ ଅଲ୍ଲାଃ ! ଆମେମାନେ ଆପଣ ସ:ଆ:ସଙ୍କ ଅଜା ଘରର ଲୋକେ ତେଣୁ ଆମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଙ୍କୁ ଆପଣ ସ:ଆ:ସଙ୍କ ନିକଟରେ ହାଜିର ହେବା ଉଚିତ୍ । ଅନ୍‌ସାରମାନଙ୍କୁ କୁହାଗଲା ଯେ, ତୁମେମାନେ ନିଜ ଭିତରୁ ଜଣେ ବ୍ୟକ୍ତିଙ୍କୁ ଚୟନ କରିନିଅ । ଏଥିରେ ସେମାନେ ହଜ୍‌ରତ୍ ଅଓସ୍ ବିନ୍ ଖୌଲୀ ର:ଅଙ୍କୁ ଚୟନ କଲେ ଓ ଭିତରକୁ ଆସି ଆପଣ ସ:ଆ:ସଙ୍କୁ ଗୁସଲ୍ ଦେଲେ ଏବଂ ତଦ୍‌ଫିନ୍‌ରେ ଯୋଗଦେଲେ । ହଜ୍‌ରତ୍ ଅଓସ୍ ର:ଅ ମଜ୍‌ବୁତ ଲୋକଥିଲେ ତେଣୁ ପାଣିର ଘମ ନିଜ ହାତରେ ଉଠାଇ ଆଣୁଥିଲେ ଓ ଏହିପରି ପାଣି ଯୋଗାଉଥିଲେ । *(ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୩୨୦,* ଅଓସ୍ ବିନ୍ ଖୌଲୀ...... *ବେରୁତ୍ ୨୦୦୩) (ଅସାବା ଖଣ୍ଡ-୧, ପୃ-୨୯୯,* ଅଓସ୍ ବିନ୍ ଖୌଲୀ *......ବେରୁତ୍ ୧୯୯୫)*

ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଯେ, ହଜ୍‌ରତ୍ ଅଲୀ ର:ଅ, ହଜ୍‌ରତ୍ ଫଜଲ୍ ବିନ୍ ଅବାସ୍ ର:ଅ ତାଙ୍କ ଭାଇ କୁଶମ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ ଶୁକ୍‌ରାନ୍ ଏବଂ ହଜ୍‌ରତ୍ ଅଓସ୍ ବିନ୍ ଖୌଲୀ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ କବର ଭିତରକୁ ଓହ୍ଲାଇ ଥିଲେ । *(ସୁନନେ ଇବ୍‌ନେ ମାଜା କିତାବୁଲ୍ ଜନାଇଜ୍ ହଦିସ୍ ୧୬୨୮)* ଅର୍ଥାତ୍ ମର ଶରୀରକୁ ଲହ୍‌ଦ ଭିତରେ ରଖିବାପାଇଁ ଓହ୍ଲାଇ ଥିଲେ । ହଜ୍‌ରତ୍ର ଅଓସ୍ ବିନ୍ ଖୌଲୀ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି, ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ହାଜିର୍ ହେବାରେ ଆପଣ ସ:ଆ:ସ କହିଲେ ହେ ଅଓସ୍ ! ଯିଏ ଅଲ୍ଲାଃ ତାଲାଙ୍କ ନିମନ୍ତେ ବିନମ୍ରତା ଗ୍ରହଣ କରିଥାଏ ଅଲ୍ଲାଃ ତାଲା ତା ପଦମର୍ଯ୍ୟାଦାକୁ ବଢ଼ାଇଥାଏ ଓ ଯିଏ ଗର୍ବ ଅହଙ୍କାର କରିଥାଏ ଅଲ୍ଲାଃ ତାଲା ତାକୁ ଅପମାନିତ କରିଥାଏ । *(ମାରେଫତୁସ୍ ସାହାବା ଲିଅବି ନଇମ୍ ଖଣ୍ଡ-୧, ପୃ-୨୭୯....... ବେରୁତ ୨୦୦୨)*

ସୁତରାଂ ଏହା ବହୁତ ଜରୁରୀ ଶିକ୍ଷା ଯାହାକୁ ଆମେ ସର୍ବଦା ମନେ ରଖିବା ଉଚିତ୍ । ହଜ୍‌ରତ୍ ଖୌଲୀଙ୍କ ଦେହାନ୍ତ ମଦିନାରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍ ସମୟରେ ହୋଇଛି । *(ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୩୨୧ ''ଅଓସ୍ ବିନ୍ ଖୌଲୀ', ମୁଦ୍ରଣ ଦାରୁଲ୍ କୁତ୍‌ବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)*

ଅଲ୍ଲାଃ ତାଲା ଏହି ସବୁ ବ୍ୟୟଜ୍ୟୋଷ୍ଟ ସାହାବାମାନଙ୍କ ପଦମର୍ଯ୍ୟାଦା ଦିନକୁ ଦିନ ବଢ଼ିଚାଲୁ ।

⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

## ''ରସୁଲ୍ ଓ ନବିମାନଙ୍କର ଶାନ୍ (ଅର୍ଥାତ୍ ମହିମା) ଏପରି ନଥାଏ ଯେ, ସେମାନଙ୍କ ଉପରେ ଯାଦୁର କିଛି ପ୍ରଭାବ ପଡ଼ିପାରେ''

ଯେବେ ସେବକଙ୍କର ଏପରି ପଦମର୍ଯ୍ୟାଦା ତେବେ ମୁନିବଙ୍କ ସମ୍ବନ୍ଧରେ ଏପରି ଭାବିବା ଯେ, ଆପଣ ସ:ଆ:ସ ନଉଜୁବିଲ୍ଲାଃ (ଅର୍ଥାତ୍ ଈଶ୍ୱରଙ୍କ ଶରଣ) ଜଣେ ଇହୁଦୀଙ୍କ ବଶୀକରଣର ଲକ୍ଷ୍ୟ ହୋଇଯାଇଥିଲେ, ଏହା କିପରି ଗ୍ରହଣ କରାଯାଇପାରେ ?

ପବିତ୍ର କୋରାନ୍ ନବୀମାନଙ୍କ ଉପରେ ଯାଦୁ କରାଯିବାର କାହାଣୀକୁ ଦୂରରୁ ଧକ୍କା ଦେଇଥାଏ, ରଦ୍ଦ କରିଥାଏ । ମଣିଷର ବୁଦ୍ଧି ତାହା ଗ୍ରହଣ କରିବାପାଇଁ ଅସ୍ୱୀକାର କରିଥାଏ । ହଦୀସ୍‌ର ବାଣୀଗୁଡ଼ିକ ଏହି ବ୍ୟାଖ୍ୟାକୁ ମିଥ୍ୟା ପ୍ରମାଣିତ କରୁଅଛି ।

ଏବଂ ନିଜେ ରସୁଲୁଲ୍ଲାଃ ସ:ଆ:ସ ଯାଦୁ କାହାଣୀର ଘଟଣାକୁ ଖଣ୍ଡନ କରୁଛନ୍ତି

ଆଖି ବନ୍ଦ କରି ବୁଖାରୀ ଓ ମୁସଲୀମ୍ ହଦିସ୍ ଗୁଡ଼ିକୁ ମାନିଚାଲିବା ହେଉଛି ଆମ ନିୟମର ବୁରୋଦ୍ଧ

ଯେଉଁ ହଦିସ୍ ଗୁଡ଼ିକ ପବିତ୍ର କୋରାନ୍‌ର ଖିଲାପ ଥାଏ, ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନର ଖିଲାପ କରିଥାଏ, ତାକୁ ଆମେ କେବେ ମାନି ପାରିବୁ ?

କୌଣସି ହଦିସ୍ ପବିତ୍ର କୋରାନ୍ ବା ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନ ଓ ଇଜ୍ଜତକୁ ଧକ୍କା ଦେଇଥାଏ ତେବେ ତାହା ରଦ୍ଦ କରିବା ଯୋଗ୍ୟ ବା ଏହାର ଆଉ କିଛି ବ୍ୟାଖ୍ୟା ରହିଛି ।

ଜଣା ନାହିଁ ସେମାନଙ୍କୁ କ'ଣ ହୋଇଯାଇଛି ଯେ, ଯେଉଁ ନିରିହ ନବୀ ସ:ଆ:ସଙ୍କୁ ସବୁ ନବୀମାନେ ସଇତାନର ସ୍ପର୍ଶରୁ ପବିତ୍ର ଅଭିହିତ କରିଛନ୍ତି ଏମାନେ ତାଙ୍କ ମହିମାରେ ଏପରି ସଦ୍ଧ ବ୍ୟବହାର କରିଛନ୍ତି ।

ଅଲ୍‌ହମ୍‌ଦୋ ଲିଲ୍ଲାଃ ଯେ ଆମେ ଏ ଯୁଗର ଇମାମ୍‌କୁ ମାନି ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ ମଧ୍ୟ ବୁଝିପାରୁଛେ ଓ ଚିହ୍ନିପାରୁଛେ

***ଅଲ୍ଲାହୁମ୍ମା ସଲ୍ଲୀ ଅଲା ମୁହମ୍ମଦୀନ୍ ୱ୍ଆଲା ଆଲୀ ମୁହମ୍ମଦୀନ୍ ୱ୍-ବାରିକ୍ ୱ୍-ସଲ୍ଲୀମ୍ ଇନ୍ନକା ହମୀଦୁମ୍ ମଜୀଦ୍ ।***

କ'ଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ କୌଣସି ଯାଦୁର ପ୍ରଭାବ ହୋଇଥିଲା ?

ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ଉପରେ ଇହୁଦୀଙ୍କ ତରଫରୁ କରାଯାଇଥିବା ଯାଦୁର ଆଶଙ୍କାର ନିଦାନ ।

ଏହାର ବାସ୍ତବିକତା ଏବଂ ଜମାତ୍ ଅହମଦୀୟାର ଦୃଷ୍ଟିକୋଣର ବ୍ୟାଖ୍ୟାପୂର୍ବକ ବର୍ଣ୍ଣନା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ୍ତ: ୦୮ ମାର୍ଚ୍ଚ ୨୦୧୯ ଅନୁଯାୟୀ ୦୮ ତବ୍‌ଲିଗ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜ୍‌ରତ୍ କୈସ୍ ବିନ୍ ମିହ୍‌ସନ୍ ଅନ୍‌ସାରୀ ଜଣେ ସାହାବି ଥିଲେ । ଆଉ କିଛି ରିୱାୟତ୍‌ରେ ତାଙ୍କର ନାମ କୈସ୍ ବିନ୍ ହିସ୍‌ନ ବର୍ଣ୍ଣନା ଅଛି । ତାଙ୍କର ସମ୍ବନ୍ଧ ଅନ୍‌ସାରଙ୍କ କବିଲା ବନୁ ଜୁରୈକ୍‌ଙ୍କ ସହିତ ଥିଲା । ତାଙ୍କ ମା'ଙ୍କ ନାମ ଅନିସା ବିନ୍‌ତ କୈସ୍ ଥିଲା ଏବଂ ତାଙ୍କର ବାପାଙ୍କ ନାମ ମିହ୍‌ସନ୍ ବିନ୍ ଖାଲିଦ ଥିଲା । ସେ ବଦର ଓ ଓ୍ୱହଦ ଯୁଦ୍ଧରେ ଯୋଗ ଦେଇଥିଲେ ତାଙ୍କର ଗୋଟିଏ ଝିଅ ଥିଲେ ଯାହାଙ୍କ ନାମ ଉମ୍ମେ ସାଆଦ୍ ବିନ୍‌ତ କୈସ୍ ଥିଲା । ଯେତେବେଳେ ସେ ମୃତ୍ୟୁ ବରଣ କଲେ ସେତେବେଳେ ତାଙ୍କ ସନ୍ତାନମାନେ ମଦିନାରେ ଥିଲେ । *(ଉସଦୁଲ୍ ଗାବାଃ, ଖଣ୍ଡ-୪, ପୃଷ୍ଠା-୪୨୨, କୈସ୍ ବିନ୍ ମିହ୍‌ସନ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୪୩, କୈସ୍ ବିନ୍ ମିହ୍‌ସନ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)*

ଆଉ ଜଣେ ସାହାବୀ ହେଉଛନ୍ତି, ହଜ୍‌ରତ୍ ଜୁବୈର୍ ବିନ୍ ଇୟାସ୍ । ତାଙ୍କ ବାପାଙ୍କ ନାମ ଇୟାସ୍ ବିନ୍ ଖାଲିଦ୍ ଥିଲା । ସେ ବଦର ଯୁଦ୍ଧରେ ସାମିଲ ହୋଇଛନ୍ତି ତାଙ୍କର ସମ୍ବନ୍ଧ କବିଲା ଖଜ୍‌ରଜ୍‌ର ଶାଖା ବନୁ ଜୁରୈକ୍ ସହିତ ଥିଲା । ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ମୁହମ୍ମଦ୍ କହୁଛନ୍ତି କି, ତାଙ୍କ ନାମ ଜୁବୈର୍ ବିନ୍ ଇଲିୟାସ୍ ଥିଲା ଓ ଆଉ ଗୋଟିଏ ରିୱାୟତ୍‌ରେ ତାଙ୍କର ନାମ ଜବର୍ ବୀନ୍ ଇୟାସ୍ ମଧ୍ୟ ବର୍ଣ୍ଣନା ହୋଇଛି । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୪୪,* ଜୁବୈର୍ ବିନ୍ ଇୟାସ୍, *ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)*

ହଦିସ୍‌ରେ ଆସୁଛି ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ନଉଜୁବିଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ଶରଣ) କୌଣସି ଜଣେ ଇହୁଦୀ ଯାଦୁ କରିଦେଇଥିଲା ତା'ର ପ୍ରଭାବ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ପଡ଼ିଥିଲା । ଓ ରିୱାୟତ୍‌ରେ ଆସୁଛି ଯେ, ପାନିଆ ଓ କେଶରେ ସେହି ଯାଦୁ କରାଯାଇ ଜର୍‌ୱାନ୍ କୂଅରେ ପକାଇଦେଇଥିଲା । ହଜୁର ସ:ଆ:ସ ପରେ ତାକୁ ସେଠାରୁ ବାହାର କରିଦେଲେ । ସହ୍‌ହି ବୁଖାରୀର ଶରହ୍ ଫତହୁଲ୍ ବାରିରେ ବର୍ଣ୍ଣିତ ଅଛି କି, ସେହି ପାନିଆ ଓ କେଶ ହଜ୍‌ରତ୍ ଜୁବୈର୍ ବିନ୍ ଅୟାସ୍ ଜର୍‌ୱାନ୍ କୂଅରୁ ବାହାର କରିଥିଲେ ଓ ଆଉ ଗୋଟିଏ ରିୱାୟତ ଅନୁସାରେ ହଜ୍‌ରତ୍ କୈସ୍ ବିନ୍ ମିହ୍‌ସନ୍ ବାହାର କରିଥିଲେ ।

*(ଫତ୍‌ହୁଲ୍ ବାରି ଲେଖକ ଇମାମ୍ ଇବ୍‌ନେ ହଜର୍ କିତାବୁଲ୍ ତିବ୍.... ହଦିସ୍ ୫୭୬୩, ଖଣ୍ଡ-୧୦, ପୃ-୨୮୨ ପୁରାତନ ପୁସ୍ତକାଳୟ କରାଚୀ)*

ସେଥିଯୋଗୁଁ ଦୁଇଜଣ ସାହାବିଙ୍କ କଥା ମୁଁ ଏକାଠି କରିଛି । ଅସଲ କଥା ହେଉଛି ଏହା କି କଣ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଉପରେ କୌଣସି ଯାଦୁର ପ୍ରଭାପ ପଡ଼ିଥିଲା କି ? ବାସ୍ତବିକତା କଣ ? ଏ ବିଷୟରେ ଆମର ଦୃଷ୍ଟିକୋଣ କଣ ? ଏ ସବୁ କଥା ଆମେ ଜାଣିବା ଉଚିତ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ଉପରେ ଯେତେ ପ୍ରକାରର ଆପତି ଅଭିଯୋଗ ଲୋକମାନେ ଲଗାଉଛନ୍ତି, ଆମେ ସେ ସବୁର ଉତର ଦେଇପାରିବା । ସେଥିପାଇଁ ମୁଁ ଏହାର କିଛିଟା ବ୍ୟାଖ୍ୟା ଏଠାରେ ବର୍ଣ୍ଣନା କରୁଅଛି, ଯାହା ଯମାତ Literature ରେ ମିଳୁଅଛି । ସେହି ଦୁଇଜଣ ସାହାବାଙ୍କ କଥା ମୁତାବକ ଆଜି ଏ କଥାର ସ୍ପଷ୍ଟିକରଣ ହେବ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରଃ ଫଲକ୍‌ର ତଫସିର (ଅର୍ଥାତ୍ ବ୍ୟାଖ୍ୟା) ର ପରିଚୟରେ ଉକ୍ତ ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ସେ ସୁରଃ ସମ୍ବନ୍ଧରେ ବର୍ଣ୍ଣନା କରୁଛନ୍ତି କି କିଛି ଲୋକଙ୍କ ଏ ଭାବନା ରହିଛି କି ସୁରଃ ଫଲକ୍ ଓ ନାସ୍ ଏହି ଶେଷ ୨ଟି ସୁରଃ ମକ୍କାରେ ଅବତୀର୍ଣ୍ଣ ହୋଇଛି ଓ ଆଉ କିଛି ଲୋକ ଏହାକୁ ମଦିନାରେ ଅବତୀର୍ଣ୍ଣ ହୋଇଛି ବୋଲି କହିଥାନ୍ତି । ସେ ଲେଖୁଛନ୍ତି କି ଯେଉଁ ଲୋକମାନେ ମଦିନାରେ ଅବତୀର୍ଣ୍ଣ ହେବାର ସପକ୍ଷରେ ରହିଛି । ସେମାନେ ଏ ପ୍ରମାଣ ଦେଇଛନ୍ତି କି ଏହି ସୁରଃ ଓ ପରେ ଯେଉଁ ସୁରଃ ଅଛି, ସେମାନଙ୍କର ସମ୍ବନ୍ଧ ନବୀ କରିମ୍ ସ:ଆ:ସଙ୍କ ସେହି ବେମାର ସହିତ ଅଛି, ଯେଉଁଥିରେ ଏକଥା ବୁଝା ଯାଉଥିଲା କି ଇହୁଦୀଙ୍କ ତରଫରୁ ଆପଣ ସ:ଆ:ସଙ୍କୁ ଯାଦୁ କରାଯାଇଥିଲା ଓ ସେହି ସମୟରେ ଏହି ଦୁଇଟି ସୁରଃ ଅବତୀର୍ଣ୍ଣ ହେଲା ଓ ଆପଣ ସ:ଆ:ସ ଏହା ପଢ଼ି ନିଜକୁ ଫୁଙ୍କୁଥିଲେ । ଏକଥା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି ଯେ ଏପରି କୁହାଯାଉଛି । ମୁଫସିର୍ (ଅର୍ଥାତ୍ ବ୍ୟାଖ୍ୟାକାରୀ)ମାନେ କହୁଛନ୍ତି କି ଯେହେତୁ ଏ ଘଟଣା ମଦିନାରେ ହୋଇଥିଲା ସେଥିପାଇଁ ସୁରଃ ଫଲକ୍ ଓ ସୁରଃ ନାସ୍ ମଦନି (ଅର୍ଥାତ ମଦିନାରେ ଅବତୀର୍ଣ୍ଣ ହୋଇଛନ୍ତି) । ସେ ଯାହାହେଉ ଅଗ୍ରାଧିକାର ଏ କଥାକୁ ଦିଆଯାଇଛି ଯେ ଏହି ଦୁଇଟି ସୁରଃ ହେଉଛନ୍ତି ମଦନି । ଅର୍ଥାତ୍ ମଦିନାରେ ଅବତୀର୍ଣ୍ଣ ହୋଇଛନ୍ତି । ହଜ୍‌ରତ୍ ମୁସଲେହ୍ ମଉଦ୍ ର:ଅ ଏହା ଲେଖୁଛନ୍ତି କି ''ଏହା ମୁଫସିର୍‌ମାନଙ୍କର ଏକ ପ୍ରକାର ବ୍ୟାଖ୍ୟା । କୌଣସି ଐତିହାସିକ ସାକ୍ଷ୍ୟ ନାହିଁ । ଯଦିଚ ଆମ ନିକଟରେ ମଧ୍ୟ କୌଣସି ନିଶ୍ଚିତ ସାକ୍ଷ୍ୟ ନାହିଁ ଯେ ଯାହାର ଆଧାରରେ ଆମେ କହିପାରିବା ଯେ ଏହା ମକ୍କି ସୁରଃ (ଅର୍ଥାତ୍ ମକ୍କାରେ ଅବତୀର୍ଣ୍ଣ ହୋଇଛି) କିନ୍ତୁ ଯେଉଁ ପ୍ରମାଣ ଦିଆଯାଇଛି ତାହା ମଧ୍ୟ ନିରର୍ଥକ'' କାରଣ ଏହି ସୁରଃ ଯଦି ମକ୍କାରେ ଅବତୀର୍ଣ୍ଣ ହୋଇଥାନ୍ତା । ତେବେ ମଧ୍ୟ ରସୁଲେ କରିମ୍ ସ:ଆ:ସ ବେମାରୀ ଅବସ୍ଥାରେ ଏହାକୁ ପଢ଼ି ଫୁଙ୍କି ପାରିଥାନ୍ତେ । ତେଣୁ କେବଳ ଫୁଙ୍କି ହେବା ଦ୍ୱାରା ଏ କଥା ବୁଝିନେବା ଯେ ଏହା ମଦିନାରେ ଅବତୀର୍ଣ୍ଣ ହୋଇଛି, ଏ ପ୍ରମାଣ ଠିକ୍ ନୁହେଁ । ''ରସୁଲେ କରିମ୍ ସ:ଆ:ସଙ୍କ ବେମାର ହେବା ଓ ଲୋକେ ଏ କଥା ବୁଝିବା ଯେ ଆପଣ ସ:ଆ:ସଙ୍କ ଉପରେ ଇହୁଦୀମାନଙ୍କ ତରଫରୁ ଯାଦୁ କରାଯାଇଛି । ଏହି ଘଟଣା ସମ୍ବନ୍ଧରେ ଯେଉଁ ରିୱାୟତ୍‌ରେ ବର୍ଣ୍ଣନା କରାଯାଇଛି ତା'ର ବାକ୍ୟ ହେଉଛି ଏପରି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ଏକଥା ସେହି ସୁରଃର ପରିଚୟରେ ବର୍ଣ୍ଣନା କରି ଲେଖିଛନ୍ତି । ଆପଣ

ର:ଅ ଲେଖୁଛନ୍ତି କି''...... ଯେହେତୁ ମୁଫସିର୍‌ଗଣ ହଜ୍‌ରତ୍ ଆଇଶାଃ ର:ଅଙ୍କ ରିୱାୟତକୁ ଅଗ୍ରାଧିକାର ଦେଉଛନ୍ତି ତେଣୁ ଆମେ କେବଳ ସେହି ରିୱାୟତ୍‌ର ଅନୁବାଦ କରୁଅଛୁ । ''ହଜ୍‌ରତ୍ ଆଇଶାଃ ର:ଅଙ୍କ ଠାରୁ ବର୍ଣ୍ଣିତ ଯେ ନବି କରିମ୍ ସ:ଆ:ସଙ୍କ ଉପରେ ଇହୁଦୀମାନଙ୍କ ତରଫରୁ ଯାଦୁ କରିଦିଆ ଗଲା ଫଳତଃ ତା'ର ପ୍ରଭାବ ଏପରି ପଡ଼ିଲା ଯେ ଆପଣ ସ:ଆ:ସ ବେଳେବେଳେ ଏ କଥା ଭାବୁଥିଲେ କି ଆପଣ ଅମୁକ କାମ କରିଛନ୍ତି ଯେବେକି ସେହି କାର୍ଯ୍ୟ ବାସ୍ତବରେ କରି ନଥାନ୍ତି । ଦିନେ ବା ଏକ ରାତିରେ ରସୁଲୁଲ୍ଲାଃ ସ:ଆ:ସ ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନା କଲେ, ପୁଣି ପ୍ରାର୍ଥନା କଲେ ଓ ପୁଣି ପ୍ରାର୍ଥନା କଲେ ତା'ପରେ କହିଲେ: ହେ ଆଇଶାଃ ! ଅଲ୍ଲାଃ ତାଲାଙ୍କ ଠାରୁ ଯାହା କିଛି ମୁଁ ମାଗିଥିଲି, ସେ ତାହା ମତେ ଦେଇଛନ୍ତି । ହଜ୍‌ରତ୍ ଆଇଶାଃ ର:ଅ କହୁଛନ୍ତି ଯେ, ମୁଁ ଆପଣ ସ:ଆ:ସଙ୍କୁ ନିବେଦନ କଲି ହେ ଅଲ୍ଲାଃଙ୍କ ରସୁଲ୍ ତାହା କ'ଣ ? ଯାହା ଆପଣ ଅଲ୍ଲାଃଙ୍କଠାରୁ ମାଗିଛନ୍ତି ? ଅଲ୍ଲାଃ ତାଲା ଅପାଣଙ୍କୁ କ'ଣ ଦେଇଛନ୍ତି ? ଏଥିରେ ଆପଣ ସ:ଆ:ସ କହିଲେ ମୋ ନିକଟକୁ ଦୁଇଜଣ ବ୍ୟକ୍ତି ଆସିଲେ, ଜଣେ ମୋ ମୁଣ୍ଡ ପାଖରେ ବସିଗଲେ ଓ ଅନ୍ୟଜଣକ ମୋ ଗୋଡ଼ ପାଖରେ । ପୁଣି ଯେଉଁ ବ୍ୟକ୍ତି ଜଣକ ମୋ ମୁଣ୍ଡ ପାଖରେ ବସିଥିଲା ସେ ଗୋଡ଼ ପାଖରେ ବସିଥିବା ଲୋକକୁ କହିଲେ ବା ବୋଧ ହୁଏ ଏହା କହିଲେ'' (ହଜ୍‌ରତ୍ ଆଇଶାଃ ର:ଅ କହୁଛନ୍ତି ବା ଏହା କହିଲେ) ''କି ପାଦପାଖରେ ବସିଥିବା ଲୋକଟି ମୁଣ୍ଡ ପାଖରେ ବସିଥିବା ଲୋକକୁ ସମ୍ବୋଧନ କରି କହିଲେ କି ଏହି ବ୍ୟକ୍ତି (ଅର୍ଥାତ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ)ଙ୍କୁ କଣ ଅସୁବିଧା ହୋଇଛି ? ଦ୍ୱିତୀୟ ବ୍ୟକ୍ତି ଜଣକ ଉତର ଦେଲା କି ଲବିଦ୍ ବିନ୍ ଅଲ୍ ଆସମ୍ ଇହୁଦୀ ଯାଦୁ କରିଛି । ପୁଣି ପ୍ରଥମ ଜଣକ ପଚାରିଲେ କି କେଉଁ ବସ୍ତୁରେ ଯାଦୁ କରାଯାଇଛି ? ଦ୍ୱିତୀୟ ଜଣକ ଉତର ଦେଲା ପାନିଆ ଓ ମୁଣ୍ଡର କେଶରେ ଯାହା ଖଜୁରୀ ପେଣ୍ଡାରେ ଅଛି । ପ୍ରଥମ ଜଣକ ପୁଣି ପଚାରିଲେ ଏହି ଜିନଷ ଏବେ କେଉଁଠି ଅଛି ? ଦ୍ୱିତୀୟ ଜଣକ କହିଲେ ଏହା ଜି ଅର୍‌ୱାନ୍‌ଙ୍କ କୂଅ ଭିତରେ ଅଛି । ହଜ୍‌ରତ୍ ଆଇଶାଃ କହୁଛନ୍ତି କି ନବୀ କରିମ୍ ସ:ଆ:ସ ତା'ପରେ ସାହାବାମାନଙ୍କ ସହିତ ସେହି କୂଅ ନିକଟକୁ ଗଲେ'' ପୁଣି ଫେରିଆସିବା ପରେ ''କହିଲେ ହେ ଆଇଶାଃ ! ଅଲ୍ଲାଃଙ୍କ ରାଣ !! କୂଅର ପାଣି ଏପରି ଜଣା ପଡୁଥିଲା ଯେପରି ମେହେନ୍ଦୀ ପାଣୀର ଲାଲ୍ ରଙ୍ଗ ହୋଇଥାଏ ।'' ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଆଗକୁ ଏହାର ସ୍ପଷ୍ଟିକରଣ କରି ଲେଖିଛନ୍ତି କି ''ଜଣାପଡୁଛି ଇହୁଦୀମାନଙ୍କ ଏ ପ୍ରଥା ଥିଲା ଯେ ଯେବେ ସେମାନେ କାହା ଉପରେ ଯାଦୁ ଟୋନା କରିଥାନ୍ତି, ସେତେବେଳେ ମେହେଦି ବା ଏହିପରି ଅନ୍ୟ କୌଣସି ବସ୍ତୁକୁ ପାଣିରେ ପକାଇଦିଅନ୍ତି, ଏ କଥା ପ୍ରକାଶ କରିବା ପାଇଁ କି'' ଏହା ''ଯାଦୁ ବଳରେ ପାଣିକୁ ଲାଲ୍ କରାଯାଇଛି ।'' ସାଧାସିଧା ଲୋକମାନଙ୍କୁ ବହକାଇବା ପାଇଁ ଏକ ପ୍ରକାର ଯୋଜନା କରୁଥିଲେ । ପୁଣି ଆପଣ ର:ଅ କହୁଛନ୍ତି କି ''ଏବଂ ସେଠିକାର ଖଜୁରୀ ଏପରି ଥିଲା'' ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି: ''ଯେପରି ଶୟାତିନ୍ ଅର୍ଥାତ୍ ସାପର ମୁଣ୍ଡ ହୋଇଥାଏ । (ଏଠାରେ ଖଜୁରୀ ପେଣ୍ଡାକୁ ସାପର ମୁଣ୍ଡ ସଦୃଶ ଉପମା ଦିଆଯାଇଛି ଅର୍ଥାତ୍ ଖଜୁରୀ ପେଣ୍ଡା ପେଣ୍ଡା ଥିଲା) । ହଜ୍‌ରତ୍ ଆଇଶାଃ କହୁଛନ୍ତି, ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ! ଆପଣ ତାହା କାହିଁକି ଜଳାଇଦେଲେ ନାହିଁ ଯାହା ଆପଣଙ୍କ ଉପରେ ଯାଦୁ କରାଯାଇଥିଲା ? ଯେତେବେଳେ ଅଲ୍ଲାଃ ତାଲା ମତେ ଆରୋଗ୍ୟ ପ୍ରଦାନ କଲେ, ସେତେବେଳେ ମୁଁ ଏପରି କୌଣସି କଥା କରିବା ପାଇଁ ଆଗ୍ରହ ପ୍ରକାଶ କଲି ନାହିଁ ଯଦ୍ୱାରା ବିଭ୍ରାଟ ସୃଷ୍ଟି ହୋଇପାରେ ।..... ସେଥିଯୋଗୁଁ ମୁଁ ଏ ନିର୍ଦ୍ଦେଶ ଦେଲି କି ସେହି ସମସ୍ତ ବସ୍ତୁକୁ ପୋତି ଦିଆଯାଉ । ସୁତରାଂ ତାହା ପୋତି ଦିଆ ଗଲା । ହଜ୍‌ରତ୍ ଆଇଶାଃ ର:ଅଙ୍କ ରିୱାୟତ୍‌ରେ ଯେଉଁ ଦୁଇଜଣ ବ୍ୟକ୍ତିଙ୍କ ସମ୍ବନ୍ଧେ ବର୍ଣ୍ଣନା କରାଯାଇଛି ଯେ ସେମାନେ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଆସିଥିଲେ'' ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି ''ଜଣା ପଡୁଛି ସେମାନେ ଦୁଇଜଣ ଫରିସ୍ତା (ଅର୍ଥାତ୍ ଦେବଦୂତ) ଥିଲେ । ଯେଉଁମାନେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖାଦେଇଥିଲେ । ଯଦି ସେମାନେ ମନୁଷ୍ୟ ହୋଇଥାନ୍ତେ ତା'ହେଲେ ହଜ୍‌ରତ୍ ଆଇଶାଃ ର:ଅଙ୍କୁ ମଧ ଦେଖାଯାଇଥାନ୍ତେ ।'' ଆପଣ ର:ଅ କହୁଛନ୍ତି ''ଯେଉଁ ରିୱାୟତହଜ୍‌ରତ୍ ଆଇଶାଃଙ୍କଠାରୁ ବର୍ଣ୍ଣିତ ହୋଇଛି ତା'ର କେବଳ ଏତି ଅର୍ଥ ଯେ ଅଲ୍ଲାଃ ତାଲା ନବି କରିମ୍ ସ:ଆ:ସଙ୍କୁ ଦେବଦୂତଙ୍କ ଜରିଆରେ ଏ ଖବର ଦେଲେ ଯେ ଇହୁଦୀମାନେ ଆପଣ ସ:ଆ:ସଙ୍କ ଉପରେ ଯାଦୁ କରିଛନ୍ତି । ଏହାର ଅର୍ଥ ଏପରି ନୁହେଁ କି ଯେଉଁଭଳି ଯାଦୁର ପ୍ରଭାବ ପଡ଼ିବାରେ ଲୋକେ ବିବେଚନା କରିଥାନ୍ତି, ନୁହେଁ କି ସେହିଭଳି ପ୍ରଭାବ ନବୀ କରିମ୍ ସ:ଆ:ସଙ୍କ ଉପରେ ମଧ ପଡ଼ିଥିଲା ।...... ଯେବେ ନବୀ କରିମ୍ ସ:ଆ:ସ ସେମାନଙ୍କ ଯାଦୁ ଟୋନା ବସ୍ତୁକୁ ବାହାର କରି ଭୁଇଁ ତଳେ ପୋତିଦେଲେ ସେତେବେଳେ ଇହୁଦୀମାନେ ନିଶ୍ଚିତ ହୋଇଗଲେ କି ସେମାନେ ଯେଉଁ ଯାଦୁ କରିଥିଲେ ତାହା ବାତିଲ (ଅର୍ଥାତ୍ ପ୍ରଭାବହୀନ) ହୋଇଯାଇଛି । ''ଏପଟେ ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କୁ ଆରୋଗ୍ୟ ପ୍ରଦାନ କରିଦେଇଥିଲେ । ଏ କଥାର ସାରାଂଶ ହେଉଛି ଏହା କି ଇହୁଦୀମାନେ ନିଶ୍ଚିତ ହୋଇଯାଇଥିଲେ କି ସେମାନେ ନବୀ କରିମ୍ ସ:ଆ:ସଙ୍କ ଉପରେ ଯାଦୁ କରିଛନ୍ତି, ସେଥିଯୋଗୁଁ ସେମାନେ ସ୍ୱଭାବତଃ ଏହା ଭାବୁଥିଲେ ଯେ ଆପଣ ସ:ଆ:ସ ବେମାର ହୋଇଯାଆନ୍ତୁ ।........ ଏହି ରିୱାୟତ୍‌ରେ ଯେଉଁଠି ଇହୁଦୀମାନଙ୍କର ସେହି ଶତୃତା ବିଷୟରେ ଜଣାପଡୁଛି ଯାହା ସେମାନେ ନବୀ କରିମ୍ ସ:ଆ:ସଙ୍କ ପାଇଁ ରଖିଥିଲେ । ସେଠାରେ ଏ କଥ ମଧ ସ୍ପଷ୍ଟ ହୋଇଯାଉଛି ଯେ ନବୀ କରିମ୍ ସ:ଆ:ସ ଖୁଦାତାଲାଙ୍କ ସଚ୍ଚା ରସୁଲ୍ ଥିଲେ । କାରଣ ଅଲ୍ଲାଃ ତାଲାଙ୍କ ତରଫରୁ ଆପର ସ:ଆ:ସଙ୍କୁ ସେହି ସବୁ କଥା ଜଣାଇ ଦିଆଯାଇଥିଲା ଯାହା ଇହୁଦୀମାନେ ଆପଣ ସ:ଅର:ସଙ୍କ ବିରୁଦ୍ଧରେ କରୁଥିଲେ । ସୁତରାଂ ଆପଣ ସ:ଆ:ସଙ୍କୁ ଗଏବ୍‌ର କଥା (ଅର୍ଥାତ୍ ଅଦୃଶ୍ୟ କଥା) ଜଣାପଡ଼ିଯିବା ଓ ଇହୁଦୀମାନେ ସେମାନଙ୍କ ଉଦ୍ଦେଶ୍ୟରେ ଅସଫଳ ରହିବା ଆପଣ ସ:ଆ:ସଙ୍କ ସଚା ରସୁଲ୍ ହେବାର ସ୍ପଷ୍ଟ ପ୍ରମାଣ ।''

*(ତଫ୍‌ସିର୍ କବୀର ଖଣ୍ଡ-୧୦, ପୃ-୫୩୯ ରୁ ୫୪୨)*

ସେ ଯାହା ହେଉ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଯେଉଁଭଳି ଏହାର ନିସ୍କର୍ଷ ବାହାର କରିଛନ୍ତି ତାହା ହିଁ ବାସ୍ତବିକତା । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇହୁଦୀମାନେ ଯାଦୁ କରିଥିଲେ କିନ୍ତୁ ତା'ର କୌଣସି ପ୍ରଭାବ ପଡ଼ିଲା ନାହିଁ । ଭୁଲିବାର ଯେଉଁ ରୋଗ ହାଇଥିଲା ବା ଯାହା ମଧ ବେମାରୀ ଥିଲା, ତାର କାରଣ ଆଉ କିଛି ହୋଇପାରେ । କିନ୍ତୁ ଅଲ୍ଲାଃ ତାଲା ଇହୁଦୀମାନଙ୍କର ଏପରି କାର୍ଯ୍ୟକଳାପ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସୁଚନା ଦେଇ ପ୍ରକାଶ୍ୟରେ ସେମାନଙ୍କର ଯେଉଁ ଯାଦୁ କରିବାର ମନୋଭାବ ଥିଲା, ତାହା ମଧ ଅସଫଳ କରିଦେଲେ । ଇହୁଦୀମାନେ ଯେପରି ଆପଣ ସ:ଆ:ସଙ୍କ ବେମାରୀକୁ ଦେଖି ଖୁସି ହେଉଥିଲେ ବା ଏକଥା ପ୍ରଚାର କରୁଥିଲେ କି ଆମ ଯାଦୁର ପ୍ରଭାବ ପଡ଼ିଛି ବୋଲି ଓ ଯାଦୁର ପ୍ରଭାବରେ ବେମାର ହୋଇଛନ୍ତି ବୋଲି, ଏସବୁର ସତ୍ୟାସତ୍ୟ ପ୍ରକାଶ ହୋଇଗଲା ।

ପୁଣି ଆମ ଲିଟରଚେର ରେ ହଜ୍‌ର୍ ମିର୍ଜା ବଶୀର ଅହେମଦ୍ ସାହେବଙ୍କର ଗୋଟିଏ ଲେଖା ଅଛି । ଯେଉଁଥିରେ ଏ ଘଟଣା ସମ୍ବନ୍ଧରେ ବ୍ୟାଖ୍ୟା କରାଯାଇ ଏହା ଐତିହିକ ଓ ତାତ୍ୱିକ ତର୍କ କରାଯାଇଅଛି ଓ ଏହା ଏହି ଘଟଣାଟିକୁ ଆହୁରି ଅଧିକା ସ୍ପଷ୍ଟ କରିଦେଇଛି । ଆପଣ ର:ଅ ଲେଖୁଛନ୍ତି ଯେ:

ଇସ୍‌ଲାମୀୟ ଇତିହାସ ଏବଂ ହଦ୍‌ରେ ମଧ ଏକଥା ବର୍ଣ୍ଣନା ହୋଇଛି ଯେ ସୁଲାହ୍ ହୁଦବିୟାର ଘଟଣା ପରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ନଉଜୁବିଲ୍ଲାଃ (ଅର୍ଥାତ୍ ଈଶ୍ୱରଙ୍କ ଶରଣ) ଏକଦା ଜଣେ ଇହୁଦୀ ବଂଶିୟ ମୁନାଫିକ୍, ଯାହାର ନାମ ଲବିଦ୍ ବିନ୍ ଅଲ୍‌ଅସ୍‌ମସ୍ ଥିଲା, ଯାଦୁ କରିଦେଇଥିଲା । ଏ ଯାଦୁ ଏପରି କରାଯାଇଥିଲା କି ଗୋଟିଏ ପାନିଆରେ କେଶର ଗଣ୍ଠି ଲଗାଇ ତା' ଉପରେ କିଛି (ମନ୍ତ୍ର) ପଢ଼ି ତାକୁ କୂଅ ଭିତରେ ପୋତିଦିଆଯାଇଥିଲା ଓ କୁହାଯାଉଛି ଯେ ଆପଣ ସ:ଆ:ସ ନଉଜୁବିଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ଶରଣ) ଏହି ଯାଦୁ ଯୋଗୁଁ ବହୁତ ଦିନ ପିଡ଼ିତ ରହିଲେ । (ଏ କଥା ସେହି ଇହୁଦୀମାନେ ପ୍ରଚାର କରିଥିଲେ) । ସେହି ଦିନ ଗୁଡ଼ିକରେ ଆପଣ ସ:ଆଓ ଅଧିକାଂଶ ସମୟ ମଳିନତାର ସହିତ ଉଦାସ ରହୁଥିଲେ ଓ ବ୍ୟତିବ୍ୟସ୍ତ ହୋଇ ବାରମ୍ବାର ଦୁଆ (ଅର୍ଥାତ୍ ପ୍ରାର୍ଥନା) କରୁଥିଲେ । ଏପରି ଅବସ୍ଥାରେ ଆପଣ ସ:ଆ:ସ ବହୁତ କଥା ଭୁଲିଯାଉଥିଲେ ।   ଏପରିକି ବେଳେବେଳେ ଆପଣ ସ:ଆ:ସ ଏକଥା ଭାବୁଥିଲେ କି ମୁଁ ମୋର ଅମୁକ ସ୍ତ୍ରୀଙ୍କ ଘରୁ ଯାଇ ଆସିସାରିଛଇ କିନ୍ତୁ ପ୍ରକୃତରେ ଆପଣ ସ:ଆ:ସ ତାଙ୍କ ଘରକୁ ଯାଇନଥିଲେ । ସେହିପରି ବେଳେବେଳେ ଏ କଥା ଭାବୁଥିଲେ ଯେ ଆପଣ ଅମୁକ କାର୍ଯ୍ୟକୁ କରିଦେଇଛନ୍ତି ବୋଲି କିନ୍ତୁ ବାସ୍ତବରେ ଆପଣ ସ:ଅ:ସ ତାହା କରିନଥିଲେ । (ଏହାର ବ୍ୟାଖ୍ୟା କରି କହୁଛନ୍ତି କି) ଏ ସମ୍ବନ୍ଧରେ ମନେରଖିବା ଉଚିତ ହେବ କି ଆପଣ ସ:ଆ:ସଙ୍କ ଏ ଅଭ୍ୟାସ ଥିଲା ଯେ ଇସ୍‌ଲାମୀୟ ନିର୍ଦ୍ଦେଶାବଳୀ ମୁତାବକ ଆପଣ ସ:ଆ:ସ ନିଜ ସ୍ତ୍ରୀ ମାନଙ୍କର ପାଳି (ଅର୍ଥାତ୍ କେଉଁ ସ୍ତ୍ରୀଙ୍କ ଘରେ କେଉଁଦିନ ରାତ୍ରିଯାପନ କରିବେ) ଧାର୍ଯ୍ୟ କରିଥିଲେ ଓ ପ୍ରତ୍ୟେକ ଦିନ ସଂନ୍ଧ୍ୟାବେଳେ ପ୍ରତ୍ୟେକ ସ୍ତ୍ରୀଙ୍କ ଘରକୁ ଯାଇ ଭଲମନ୍ଦ ବୁଝୁଥିଲେ ଓ ପରିଶେଷରେ ସେହି ସ୍ତ୍ରୀଙ୍କ ଘରେ ପହଂଚି ଯାଉଥିଲେ ଯାହାଙ୍କର ସେଦିନ ପାଳିଥାଏ । ଉପର ବର୍ଣ୍ଣିତ ରିୱାୟତ୍‌ରେ ଏଥିପ୍ରତି ଇଙ୍ଗିତ କରାଯାଇଅଛି । ଶେଷରେ ଖୁଦାତାଲା ଗୋଟିଏ ସ୍ୱପ୍ନ ମାଧମରେ ଆପଣ ସ:ଆ:ସଙ୍କ ଉପରେ ସେହି ଫିତ୍‌ନା (ଅର୍ଥାତ୍ ବିପତି) ର ପ୍ରକୃତ ସତ୍ୟତା ପରିପ୍ରକାଶ କରିଦେଲେ ।

ଏହା ହେଉଛି ସାରାଂଶ ଯାହା ପୂର୍ବରୁ ମଧ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ତଫ୍‌ସିର୍ (କୋରାନ୍ ବ୍ୟାଖ୍ୟା)ରେ ବର୍ଣ୍ଣିତ ହୋଇସାରିଛି । ଏହା ହେଉଛି ବୁଖାରୀ ହଦିସ୍‌ର ରିୱାୟତ୍ ଯାହାର ସାରାଂଶ ଆପଣ ର:ଅ ବର୍ଣ୍ଣନା କଲେ । ପୁଣି ଆପଣ ର:ଅ ଲେଖୁଛନ୍ତି କି ଏହା ହେଉଛି ସେହି ରିୱାୟତ୍‌ର ସାରାଂଶ ଯାହା ଇତିହାସ ଓ ହଦିସ୍‌ର କିଇ ପୁସ୍ତକରେ ବର୍ଣ୍ଣନା ହୋଇଛି । ଏହି ରିୱାୟତ୍‌ର ଚତୁଃପାର୍ଶ୍ୱରେ ଏପରି କାହାଣିକୁ ସୃଷ୍ଟି କରାଯାଇଛି ଯେ ଅସଲ ସତ୍ୟାସତ୍ୟ ଜାଣବା କଷ୍ଟକର ହୋଇପଡ଼ିଛି । ଏହି ସମସ୍ତ ରିୱାୟତ୍ ଗୁଡ଼ିକୁ ଗ୍ରହଣ କରିନିଆଯାଏ ତେବେ ନଉଜୁବିଲ୍ଲା (ଅର୍ଥାତ୍ ଅଲ୍ଲାଃଙ୍କ ଶରଣ) ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ଏପରି ପ୍ରମାଣିତ ହୋଇଥାନ୍ତା ଯେ, ଯେପରି ଆପଣ ସ:ଆ:ସ ଜଣେ ବହୁତ ଦୁର୍ବଳ ସ୍ୱଭାବର ବ୍ୟକ୍ତି ଥିଲେ । ଏବଂ ସେମାନେ ଆପଣ ସ:ଆ:ସଙ୍କୁ ନିଜର ଅପବିତ୍ର ଚେଷ୍ଟାର ଲକ୍ଷ୍ୟ ବନାଇ ଆପଣ ସ:ଆ:ସଙ୍କ ହୃଦୟ ଏବଂ ମସ୍ତିଷ୍କ ଉପରେ ଏହିପରି ପ୍ରଭାବ ପକାଇବା ଆରମ୍ଭ କରିଦେଇଥାନ୍ତେ ଯେ, ଆପଣ ସ:ଆ:ସ ଏହି ଯାଦୁର ମୁକାବିଲାରେ ନିଜକୁ ଅସହାୟ ମଣିଥାନ୍ତେ । (ଯଦି ହଦିସ୍ ଓ ଇତିହାସରେ ବର୍ଣ୍ଣନା କରାଯାଇଥିବା ଘଟଣାର ଏହିଭଳି ନିସ୍କର୍ଷ ବାହାରିଥାନ୍ତା ତାହା ସଂପୂର୍ଣ୍ଣ ଭୁଲ୍ ହୋଇଥାନ୍ତା ତେଣୁ ଏହା ହୋଇନପାରେ) କିନ୍ତୁ ଯଦି ଏହି ରିୱାୟତ୍‌ର ସତ୍ୟତା ଉପରେ ତାତ୍ୱିକ ଓ ମାର୍ମିକ ଆଧାରରେ ଚିନ୍ତା କରାଯାଏ ଓ ଏହି ରିୱାୟତ୍ ଗୁଡ଼ିକୁ ଗବେଷଣା କରି ଦେଖା ଯାଏ ତେବେ ସ୍ପଷ୍ଟରୂପେ ପ୍ରମାଣ ହେଉଛି ଯେ, ଏହା କେବଳ ଗୋଟିଏ ଅସ୍ଥାୟୀ ଭୁଲିଯିବାର ରୋଗ ଥିଲା । ଯାହା ବେଳେବେଳେ ଅତ୍ୟଧିକ ଚିନ୍ତା ଓ ଦୁର୍ବଳତା ଯୋଗୁଁ ଆପଣ ସ:ଆ:ସଙ୍କୁ ସାମନା କରିବାକୁ ପଡ଼ିଥିଲା । କିଛି ଖଳପ୍ରକୃତିର ଶତୃ ଏହାର ଲାଭ ଉଠାଇ ଏ କଥା ପ୍ରସିଦ୍ଧ କରାଇଦେଲେ ଯେ, ଆମେ ନଉଜୁବିଲ୍ଲାଃ ମୁସ୍‌ଲମାନମାନଙ୍କ ନବୀଙ୍କ ଉପରେ ଯାଦୁ କରିଦେଇଛୁ କିନ୍ତୁ ଈଶ୍ୱର ଆପଣ ସ:ଆ:ସଙ୍କୁ ବହୁତ ଶୀଘ୍ର ଆରୋଗ୍ୟ ପ୍ରଦାନ କରି ଶତ୍ରୁମାନଙ୍କ ମୁହଁ କଳା କରିଦେଲେ ଏବଂ ମୁନାଫିକ୍‌ମାନଙ୍କ ମିଥ୍ୟା ପ୍ରବଚଂନାକୁ ମାଟିରେ ମିଶାଇଦେଲେ ।

ପୃଥିବୀରେ ସଇତାନିଶକ୍ତି ଉପରେ ବିଜୟ ପ୍ରାପ୍ତ କରିଥିବା ସମସ୍ତଙ୍କଠାରୁ ବଡ଼ ରସୁଲ୍ ଯାହାଙ୍କଠାରୁ ବଳି ସଇତାନି ଶକ୍ତିର ମୁଣ୍ଡକୁ ଦଳିଦେବା ବ୍ୟକ୍ତି ବିଶେଷ ନା' ଆଜି ପର୍ଯ୍ୟନ୍ତ ଜନ୍ମ ହୋଇଛନ୍ତି ନା' ଆସନ୍ତାକୁ ହେବେ, ତାଙ୍କ ସମ୍ବନ୍ଧରେ ଏ କଥା ଭାବିବା କି ସେ ଜଣେ ଇହୁଦୀ ବ୍ୟକ୍ତିର ସଇତାନୀ ଯାଦୁର ଲକ୍ଷ୍ୟ ହୋଇଯାଇଥିଲେ ବୋଲି, ତେବେ ଏହା ମନୁଷ୍ୟ ବୁଦ୍ଧିର କୁବ୍ୟବହାର ଓ ଏହା କେବଳ ଆମର ଦାବୀ ହିଁ ନୁହେଁ ବରଂ ନିଜେ ସରୱରେ କାୟନାତ୍ (ଅର୍ଥାତ୍ ଇହକାଳ ଓ ପରକାଳର ମଉଡ଼ମଣୀ, ଅର୍ଥାତ୍ ଆଁ ହଜ୍‌ରତ୍

ସ:ଆ:ସ) ଏହାକୁ ଖଣ୍ଡନ କରିଛନ୍ତି ।

ଏହାର ସ୍ପଷ୍ଟିକରଣ ଗୋଟିଏ ହଦିସ୍‌ରୁ ହୋଇଅଛି । ହଜ୍‌ରତ୍ ଆଇଶାଃ ର:ଅ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! କ'ଣ ମୋ ସହିତ ସଇତାନ ଅଛି ? ଏଥିରେ ଆପଣ ସ:ଆ:ସ କହିଲେ, ହଁ । ପୁଣି ମୁଁ ପଚାରିଲି କ'ଣ ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ସଇତାନ ଯୋଡ଼ି ହୋଇ ରହିଛି, ଏଥିରେ ଆପଣ ସ:ଆ:ସ କହିଲେ ହଁ । ଏଥିରେ ହଜ୍‌ରତ୍ ଆଇଶାଃ ର:ଅ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ୍ ! କ'ଣ ଆପଣଙ୍କ ସହିତ ମଧ୍ୟ କୌଣସି ସଇତାନ ଯୋଡ଼ି ହୋଇ ରହିଛି ? ଏଥିରେ ଆପଣ ସ:ଆ:ସ କହିଲେ ହଁ, କିନ୍ତୁ ଖୁଦାତାଲା ମତେ ସଇତାନ ଉପରେ ବିଜୟ ପ୍ରଦାନ କରିଛନ୍ତି ଓ ଏପରି ଅବସ୍ଥା ହୋଇଯାଇଛି ଯେ, ମୋ ସହିତ ଥିବା ସଇତାନଟି ମୁସଲ୍‌ମାନ ହୋଇଯାଇଛି । *(ସହ୍‌ହି ମୁସ୍‌ଲିମ୍ କିତାବ୍ ସୁଫତିଲ୍ କୟାମାଃ..... ତାହ୍‌ରିଶ୍ ସଇତାନ)*

କ'ଣ ଏପରି ସ୍ପଷ୍ଟ ନିର୍ଦ୍ଦେଶ ଓ ନୀତିବାଣୀ ହେବା ସତ୍ତ୍ୱେ ମଧ୍ୟ ଏହି କଥା ଚିନ୍ତା କରାଯାଇପାରିବ ଯେ, ଜଣେ ମୁନାଫିକ୍ ଇହୁଦୀ ଯିଏ ପବିତ୍ର କେରାନ୍ ଆଧାରରେ ମଗ୍‌ଜୁବ୍ ଆଲୈହିମ୍ ଜାତି ମଧ୍ୟରେ ରହୁଛି, ସେ ସଇତାନୀ ଯାଦୁ ବଳରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରି ଉଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତି ବିଶେଷ ଉପରେ ଯାଦୁ କରିଥିବ ଏବଂ ଆପଣ ସ:ଆ:ସ ତା'ର ସେହି ଯାଦୁରେ ପ୍ରଭାବିତ ହୋଇ ଅନେକ ଦିନ ପର୍ଯ୍ୟନ୍ତ ହଇରାଣ ହରକତ ହୋଇଥିବେ ?

ମିଛୁଆ ଲୋକମାନେ ସତ୍ୟର ମୁକାବିଲାରେ ପ୍ରତ୍ୟେକ ଯୁଗରେ ଏହିଭଳି ମିଥ୍ୟା ଅସ୍ତ୍ର ବ୍ୟବହାର କରିଥାନ୍ତି । କିନ୍ତୁ ଶକ୍ତିଶାଳୀ ଈଶ୍ୱର ଏହି ଭଳି ମିଥ୍ୟା ଓ ପ୍ରବଂଚନାର ମୁଖା ଖୋଲିଦେଇଥାଏ । ଯେମିତି ଅଲ୍ଲାଃ ତାଲା କହୁଛନ୍ତି: *କତବଲ୍ଲାହୁ ଲଅଗ୍‌ଲିବନ୍ନା ଅନା ୱ ରିସିଲି (ମୁଜାଦଲାଃ: ୨୩)* ଅର୍ଥାତ୍ ଈଶ୍ୱର ଏ କଥାକୁ ଧାର୍ଯ୍ୟ କରିଦେଇଛନ୍ତି ଯେ, ସେ ପ୍ରତ୍ୟେକ ରସୁଲ୍‌ଙ୍କ ଯୁଗରେ ସେ ଓ ତା'ର ରସୁଲ୍‌ମାନେ ବିଜୟ ହେବେ ଓ କୌଣସି ସଇତାନି ଅସ୍ତ୍ର ସେମାନଙ୍କ ବିରୋଦ୍ଧରେ କାର୍ଯ୍ୟ କରିବ ନାହିଁ ।

ମିର୍ଜା ବଶିର୍ ଅହମଦ୍ ର:ଅ ଲେଖୁଛନ୍ତି କି, ପୁଣି ଏ ପ୍ରଶ୍ନ ଉଠୁଚି ଯେ, ଏହି ଘଟଣାର ପ୍ରକୃତ ସତ୍ୟତା କ'ଣ ଯାହାକୁ ସହ୍‌ହି ବୁଖାରୀରେ ହଜ୍‌ରତ୍ ଆଇଶାଃ ର:ଅଙ୍କ ମୁଖରୁ ବର୍ଣ୍ଣିତ ହୋଇଛି । ସୁତରାଂ ଯଦି ଘଟଣାର ପରିସ୍ଥିତି ଉପରେ ଦୃଷ୍ଟି ନିକ୍ଷେପ କରାଯାଏ ଓ ଇହୁଦୀ ଓ ମୁନାଫିକ୍‌ମାନଙ୍କର କାର୍ଯ୍ୟ ଶୈଳୀକୁ ଦେଖାଯାଏ ତେବେ ଉକ୍ତ ଘଟଣାର ସତ୍ୟତାକୁ ବୁଝିବା କଷ୍ଟକର ହେବନାହିଁ । ସର୍ବ ପ୍ରଥମେ ତ ଏହା ଜାଣିବା ଉଚିତ ଯେ, ଏହି ଘଟଣାଟି ଅର୍ଥାତ୍ ଯାଦୁ କରାଯିବାର ଘଟଣା ସୁଲାହ୍ ହୁଦ୍‌ବିୟା ପରର ଘଟଣା । ତବକାତ୍ ଇବ୍‌ନେ ସାଆଦରେ ଏପରି ଲେଖା ଯାଇଛି ଯେଉଁଥିରେ ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ସ୍ୱପ୍ନକୁ ଆଧାର କରି ଉମ୍‌ରାଃ କରିବା ପାଇଁ ମକ୍କା ଯିବାର ନିଷ୍ପତି ନେଲେ ଏବଂ ସେଠାକୁ ଚାଲି ମଧ୍ୟ ଯାଇଥିଲେ କିନ୍ତୁ କୁରୈଶଙ୍କ ରୋକିବା ଯୋଗୁଁ ପ୍ରକାଶ୍ୟରେ ଅସଫଳ ହୋଇ ଫେରିଯିବାକୁ ପଡ଼ିଲା ଏହି ଅସଫଳ ଆପଣ ସ:ଆ:ସଙ୍କୁ ଏତେ ମାତ୍ରାରେ ଦୁଃଖ ଦେଇଥିଲା ଯେ, ଅବିଶ୍ୱାସକାରୀମାନେ ଓ ମୁନାଫିକ୍ ମାନେ ଥଟ୍ଟାପରିହାସ କରିବାକୁ ଲାଗିଗଲେ । କିନ୍ତୁ କିଛି ନିଷ୍ଠାବାନ ମୁସଲ୍‌ମାନମାନେ ଏପରି କି, ଗୋଟିଏ ହଦିସ୍‌ରେ ଆସୁଛି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ପରି ସାହାସୀ ବୁଜୁର୍ଗ ମଧ୍ୟ ଏହି ଅସଫଳତା ଯୋଗୁଁ କିଛି କ୍ଷଣ ପାଇଁ ଦୁଃଖରେ ଭାଙ୍ଗିପଡ଼ିଥିଲେ । ଗୋଟିଏ ହଦିସ୍ ହଜ୍‌ରତ୍ ଉମରଙ୍କ ରିୱାୟତ୍ ବୁଖାରୀରେ ରହିଛି । ତେଣୁ ଏହି ପରିସ୍ଥିତିକୁ ଦେଖି ଅର୍ଥାତ୍ ଦୁର୍ବଳ ମନ ରଖିଥିବା ଲୋକମାନଙ୍କୁ ବିପଦରେ ପଡ଼ିଯିବାର ଭୟ ଯୋଗୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ମନ ଉପରେ ବହୁତ ପ୍ରଭାବ ପଡ଼ିଥିଲା ତେଣୁ ଆପଣ ସ:ଆ:ସ କିଛି ଦିନ ପାଇଁ ବହୁତ ଚିନ୍ତାରେ ପଡ଼ିଯାଇଥିଲେ ଓ ନିଶ୍ଚିତ୍ ରୂପେ ଏହି ଚିନ୍ତାର ପ୍ରଭାବ ଆପଣ ସ:ଆ:ସଙ୍କ ସ୍ୱାସ୍ଥ୍ୟଉପରେ ମଧ୍ୟ ପଡ଼ିଲା ତେଣୁ ଆପଣ ସ:ଆ:ସ ଏଥିରେ ବହୁତ ବ୍ୟତିବ୍ୟସ୍ତ ହୋଇ ଈଶ୍ୱରଙ୍କ ନିକଟରେ ବହୁଳ ଭାବେ ବାରମ୍ବାର ପ୍ରାର୍ଥନା କରିବାରେ ଲାଗିଯାଇଥିଲେ ଯେପରି କି, ହଦିସ୍‌ରେ ଏ ଶବ୍ଦ ଆସୁଛି, ***ଦୁଆ ୱ ଦୁଆ*** ଇତ୍ୟାଦିରେ ଇସାରା ରହିଛି ଯଦ୍ୱାରା ସୁଲାହ୍ ହୁଦ୍‌ବିୟାର ଏହି ଘଟଣା ଯୋଗୁଁ ଇସ୍‌ଲାମର ଉନ୍ନତିରେ କୌଣସି ପ୍ରକାରର ସାମୟିକ ବାଧା ନ ଉପୁଜୁ । ଏହା ସେହି ପ୍ରକାରର ଦୁଆ ଥିଲା ଯେଉଁ ପ୍ରକାରର ଦୁଆ ଆପଣ ସ:ଆ:ସ ବଦର୍ ଯୁଦ୍ଧର ରଣ କ୍ଷେତ୍ରରେ ସଫଳତାର ପ୍ରତିଶୃତି ଈଶ୍ୱରଙ୍କଠାରୁ ପାଇବା ସତ୍ତ୍ୱେ ମଧ୍ୟ ଶତ୍ରୁମାନଙ୍କ ବାହ୍ୟଶକ୍ତିକୁ ଦେଖି କରିଥିଲେ । ସେହି ଦୁଆଟି ଏପରି ଥିଲା *ଅଲ୍ଲାହୁମ୍ମା ଇନ୍ ତହ୍‌ଲିକା ହାଜୁହିଲ୍ ଇସାବତା ଲା ତୁଅବଦୁ ଫିଲ୍ ଅର୍ଜି ।*

ଏହି ସବୁ କାରଣ ଯୋଗୁଁ ଆପଣ ସ:ଆ:ସଙ୍କ ଅଙ୍ଗପ୍ରତ୍ୟେଙ୍ଗ ଓ ଆପଣଙ୍କ ସ୍ମୃତିଶକ୍ତି ଉପରେ ମାତ୍ରାଧିକ ପ୍ରଭାବ ପଡ଼ିଥିଲା ଏବଂ ଆପଣ ସ:ଆ:ସ କିଛି ଦିନ ପାଇଁ ଭୁଲି ଯିବାର ରୋଗରେ ଆକ୍ରାନ୍ତ ହୋଇପଡ଼ିଥିଲେ । କିଛି ରିୱାୟତ୍‌ରେ ଆସୁଛି ଯେ, ଦୁଇ ଚାରିଦିନ ପାଇଁ ବା ଦିନେ ଦୁଇଦିନ ପାଇଁ ଏପରି ଅବସ୍ଥା ହୋଇଯାଇଥିଲା କିନ୍ତୁ ସେ ଯାହାହେଉ ପଛକେ ତାହା ଫିତ୍‌ନାର ଦିନ ଥିଲା । କିଛି ଟା ପ୍ରଭାବ ତ ନିଶ୍ଚିତ ରୂପେ ପଡ଼ିଛି । ହଜ୍‌ରତ୍ ମିର୍ଜା ବଶିର୍ ଅହମଦ୍ ସାହେବ୍ ର:ଅ ଏ ନିସ୍କର୍ଷ କରିଛନ୍ତି ଯେ, ଏପରି ଅବସ୍ଥା କିଛି ଦିନ ପାଇଁ ଥିଲା । ଏହାର କାରଣ ହେଉଛି ଏହା କି, ଆପଣ ସ:ଆ:ସଙ୍କୁ ମାତ୍ରାଧିକ ଚିନ୍ତା ଘାରିଥିଲା ଏବଂ ମୁସଲ୍‌ମାନମାନଙ୍କ ଇମାନ୍ ଦୁର୍ବଳ ହୋଇନପଡୁ ସେଥିଯୋଗୁଁ ଆପଣ ଚିନ୍ତାକରି ଦୁଃଖରେ ଭାଙ୍ଗିପଡ଼ିଥିଲେ ଯଦ୍ୱାରା ଦୁର୍ବଳତାର ଶିକାର ହୋଇ ଆପଣ ସ:ଆ:ସ ବେମାର ପଡ଼ିଗଲେ ଯେତେବେଳେ ଇହୁଦୀ ଓ ମୁନାଫିକ୍‌ମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଦୁର୍ବଳ ଓ ବେମାର ପଡ଼ିବାର ଦେଖିଲେ ଓ ଦୁର୍ବଳତା ଯୋଗୁଁ ଆପଣ ସ:ଆ:ସଙ୍କ ନିକଟରେ ଭୁଲି ଯିବାର ରୋଗକୁ ଦେଖିଲେ ସେମାନେ ନିଜର ଖଳପ୍ରକୃତି (ଅର୍ଥାତ୍ ଇହୁଦୀମାନେ) ଏ କଥା ପ୍ରଚାର ପ୍ରସାର କରିବା ଆରମ୍ଭ କରିଦେଲେ ଯେ, ଆମେ ନଉଜୁବିଲ୍ଲାଃ ମୁସଲ୍‌ମାନମାନଙ୍କ ନବୀଙ୍କ ଉପରେ ଯାଦୁ କରିଦେଇଛୁ । ସେହି ଯାଦୁର ପ୍ରଭାବରେ ଆପଣ ସ:ଆ:ସ କଥା ଭୁଲି ଯାଉଛନ୍ତି । ସେମାନେ ନିଜର ପୁରୁଣା ଶୈଳୀ ମୁତାବକ ପ୍ରକାଶ୍ୟ ଲକ୍ଷଣ ରୂପେ ଗୋଟିଏ କୂଅ ଭିତରେ ଗୋଟିଏ ପାନିଆ କୁ କେଶରେ ଗୁଡ଼ାଇ ଗଣ୍ଠିକରି ପୋତିଦେଲେ ।

ଯେତେବେଳେ ସେମାନଙ୍କର ଏପରି ଯାଦୁ କରିବା ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏତଲା ମିଳିଲା ଏଥିରେ ଆପଣ ସ:ଆ:ସ ଉକ୍ତ ଫିତ୍‌ନାର ମୁଳପ୍ପାଟନ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି ସାହାଯ୍ୟ ମାଗିଲେ ଯେପରି କି, ହଜ୍‌ରତ୍ ଆଇଶାଃ ର:ଅ କହିଛନ୍ତି ଯେ, ଏହି ଖବର ପହଂଚିବା ପରେ ଆପଣ ସ:ଆ:ସ ଗୋଟେ ଦିନ ବା ରାତି ଭୀଷଣ ଦୁଆ କରିଛନ୍ତି ଓ ନିଜ ଆକାଶିୟା ମୁନୀବ୍‌ଙ୍କ ନିକଟରେ ଏ ପ୍ରାର୍ଥନା କରିଛନ୍ତି ଯେ, ସେ ଆପଣ ସ:ଆ:ସଙ୍କୁ ଏହି ଫିତ୍‌ନାକୁ ଆରମ୍ଭ କରିଥିବା ଲୋକର ନାମ ଓ ସେହି ଯାଦୁର ଶୈଳୀ ସମ୍ବନ୍ଧରେ ଆପଣ ସ:ଆ:ସଙ୍କୁ ଏତଲା ଦିଅନ୍ତୁ ଯଦ୍ୱାରା ଆପଣ ସ:ଆ:ସ ସେହି ମିଥ୍ୟା ଯାଦୁର ପ୍ରଭାବକୁ ଖଣ୍ଡ ଖଣ୍ଡ କରିପାରିବେ । ସୁତରାଂ ଖୁଦାତାଲା ଆପଣ ସ:ଆ:ସଙ୍କ ଏହି ବ୍ୟାକୁଳପୂର୍ଣ୍ଣ ପ୍ରାର୍ଥନାକୁ ଶୁଣିଲେ ଓ ସ୍ୱପ୍ନ ମାଧ୍ୟମରେ ଆପଣ ସ:ଆ:ସଙ୍କ ଉପରେ ଅସଲ ସତ୍ୟତାକୁ ପରିପ୍ରକାଶ କରିଦେଲେ ।

ପବିତ୍ର କୋରାନ୍‌ର ସିଦ୍ଧାନ୍ତମୁଳକ ଶିକ୍ଷା ହେଉଛି ଏପରି କି, *ଲା ୟୁଫ୍‌ଲିହୁସ୍ ସାହିରୁ ହଇସୁ ଅତା (ତା ହା: ୭୦)* ଅର୍ଥାତ୍ ନବୀମାନଙ୍କର ମୁକାବିଲାରେ କୌଣସି ଯାଦୁର କୌଣସି ପ୍ରକାରେ ମଧ୍ୟ ସଫଳତା ଲଭି ପାରିବେ ନାହିଁ ତାହା କେଉଁ ଭଳିକା ହୋଇଥାଉ ମଧ୍ୟ ବା କୌଣସି ପାର୍ଶ୍ୱରୁ ଆକ୍ରମଣ କରାଯାଇଥାଉ ମଧ୍ୟ । ପୁଣି ପବିତ୍ର କୋରାନ୍‌ର ଏହି ସିଦ୍ଧନ୍ତ ମୁଳକ ଧୈର୍ଯ୍ୟ ନିଷ୍ପତିର ଆଲୋକରେ ଏ କଥା ବର୍ଣ୍ଣନା କରାଯାଇଛି *ୟକୁଲୁଜ୍ ଜାଲିମୁଲା ଇନ୍ ତତ୍‌ବିଉନା ଇଲ୍ଲୁ ରଜୁଲମ୍ ମସ୍‌ହୁରା (ବନି ଇସ୍‌ରାଇଲ: ୪୮)* ଅର୍ଥାତ୍ ଅତ୍ୟାଚାରୀମାନେ କହୁଛନ୍ତି ଯେ, ତୁମେ ମାନେ କେବଳ ଏପରି ଏକ ବ୍ୟକ୍ତିଙ୍କର ଆଜ୍ଞାବହତା ସ୍ୱୀକାର କରୁଛ ଯାହାଙ୍କ ଉପରେ ଯାଦୁ କରାଯାଇଛି । ପବିତ୍ର କୋରାନ୍‌ରେ ଏପରି ଲେଖା ଯାଇଛି ଯେ, କାଫିର୍ (ବିଶ୍ୱାସକାରୀମାନେ)ଏପରି କରିଛନ୍ତି । ଆରବ ଭାଷା ମୁତାବିକ ଏହି ରିୱାୟତ୍‌ର ଅନୁବାଦ ଏପରି ହୋଇଥାଏ କି, ଯେପରି ଅନ୍ୟଜଣକ କଥାକୁ ଆଉ କେହି ବର୍ଣ୍ଣନା କରୁଛନ୍ତି ତେବେ ହଜ୍‌ରତ୍ ଆଇଶାଃ ର:ଅ ରିୱାୟତ କରୁଛନ୍ତି ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଯାଦୁ କରାଗଲା (ଅର୍ଥାତ୍ ଶତ୍ରୁମାନେ ଏ କଥା କୁ ପ୍ରଚାର କରିଦେଲେ ଯେ, ଆପଣ ସ:ଆ:ସଙ୍କୁ ଯାଦୁ କରିଦିଆଯାଇଛି) ହଜ୍‌ରତ୍ ଆଇଶାଃ ର:ଅ ନିଜେ ଏହି କଥା କହିନାହାନ୍ତି ତେଣୁ ଏହାର ଅନୁବାଦ ଏପରି କରାଯିବ କି, ଶତ୍ରୁମାନେ ଭି ଏ କଥା କୁ ପ୍ରଚାର କରିଦେଇଥିଲେ ଯେ ଆପଣ ସ:ଆ:ସଙ୍କୁ ଯାଦୁ କରିଦିଆଯାଇଛି । ଏପରି କି ସେହିଦିନ ଗୁଡ଼ିକରେ ଆପଣ ସ:ଆ:ସ ବେଳେବେଳେ ଏପରି ଭାବୁଥିଲେ ଯେ, ଆପଣ ସ:ଆ:ସ ଅମୁକ କାମକୁ କରିଦେଇଛନ୍ତି ବୋଲି କିନ୍ତୁ ବାସ୍ତବରେ ସେ କାର୍ଯ୍ୟ କରିନଥାନ୍ତି । ଆଉ ଗୋଟିଏ ରିୱାୟତ୍‌ରେ ଏପରି ଆସିଛି କି, ଆପଣ ସ:ଆ:ସ ବେଳେବେଳେ ଏ କଥା ଭାବୁଥିଲେ ଯେ, ନିଜର କୌଣସି ପତ୍ନୀଙ୍କ ଘରୁ ସାକ୍ଷାତ୍ କରି ଆସିଛନ୍ତି ଯେବେ କି, ଆପଣ ସ:ଆ:ସ ତାଙ୍କ ଘରକୁ ଯାଇନଥିଲେ । ସେହି ଦିନ ଗୁଡ଼ିକରେ ହଜ୍‌ରତ୍ ଆଇଶାଃ ର:ଅଙ୍କ ସ୍ପଷ୍ଟିକରଣ ମୁତାବକ ଆପଣ ସ:ଆ:ସ ଗୋଟିଏ ଦିନ ମୋ ଘରେ ଥିଲେ ଓ ଆପଣ ସ:ଆ:ସ ବ୍ୟତିବ୍ୟସ୍ତ ହୋଇ ବାରମ୍ବାର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ । ଏହି ପ୍ରାର୍ଥନା ପରେ ଆପଣ ସ:ଆ:ସ ମୋତେ କହିଲେ, ହେ ଆଇଶାଃ ! କଣ ତୁମକୁ ଜଣାଅଛି କି, ଅଲ୍ଲାଃ ତାଲା ମୋତେ ସେହି କଥା ବିଷୟରେ ବତାଇଦେଇଛନ୍ତି ଯେଉଁ କଥା ବିଷୟରେ ମୁଁ ତା ଠାରୁ ଜାଣିବାକୁ ଚାହୁଁଥିଲି । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ସେହି କଥାଟି କଣ ? ଏଥିରେ ଆପଣ ସ:ଆ:ସ କହିଲେ (ସ୍ୱପ୍ନରେ) ମୋ ନିକଟକୁ ଦୁଇଜଣ ଲୋକ ଆସିଲେ ସେମାନଙ୍କ ଭିତରୁ ଜଣେ ମୋ ମୁଣ୍ଡ ନିକଟରେ ତ ଆଉ ଜଣେ ମୋ ଗୋଡ଼ପାଖରେ ବସିଥିଲେ ପୁଣି ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଜଣକୁ ପଚାରିଲା କି, ଏହି ବ୍ୟକ୍ତିକୁ କଣ ହୋଇଛି ? ହଜ୍‌ରତ୍ ମିର୍ଜା ବଶିର୍ ଅହମଦ୍ ସାହେବ ର:ଅ ଲେଖୁଛନ୍ତି ଯେ, ଏପରି କଥା କହିବାର ଶୈଳୀ ଆରବୀୟ ଭାଷାରେ କଥା କହିବାର ଶୈଳୀ ଅନୁସାରେ ଏ କଥା ଅନ୍ୟଜଣଙ୍କୁ ଇସାରା କରି କୁହାଯାଇଥାଏ । ପୁଣି ସେହି ଲମ୍ବା ବାର୍ତାଳପ ଯାହା ପୂର୍ବରୁ ବର୍ଣ୍ଣନା ହୋଇସାରିଛି ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଉପରେ ଅମୁକ ଇହୁଦୀ ଲୋକ ଯାଦୁ କରିଦେଇଛି ଓ ଲୋକମାନେ କହୁଛନ୍ତି ଯେ ଏହା ହେଉଛି ସେହି ଯାଦୁର ପ୍ରଭାବ । ପୁଣି ହଜ୍‌ରତ୍ ଆଇଶାଃ ର:ଅ କହୁଛନ୍ତି ଯେ, ଏହି ସ୍ୱପ୍ନପରେ ଆପଣ ସ:ଅ:ସ ନିଜର କେତେକେ ସାହାବୀମାନଙ୍କ ସହିତ ସେହି କୂଅ ନିକଟକୁ ଗାଲ ଓ ତାର ଅବଲୋକନ କଲେ । ସେହି କୁଅ ଉପରେ କିଛି ଖଜୁରୀ ଗଛ ଉଠିଯାଇଥିଲା (ଅର୍ଥାତ୍ ସେହି କୂଅଟି ପରିତ୍ୟକ୍ତ କୁଅ ଥିଲା) ପୁଣି ଆପଣ ସ:ଆ:ସ ହଜ୍‌ରତ୍ ଆଇଶାଃ ନକଟକୁ ଫେରିଆସି କହିଲେ ହେ ଆଇଶାଃ, ମୁଁ ତାହା ଦେଖଆସିଛି । ସେହି କୁଅର ପାଣି ମେହେନ୍ଦୀ ସଦୃଶ ଲାଲ ହାଇଥିଲା । *(ଇହୁଦୀ ମାନଙ୍କର ଏପରି କାର୍ଯ୍ୟ ଶୈଳୀ ଥିଲା ଯେ ସେମାନେ ଲୋକମାନଙ୍କ ଆଖିକୁ ଧୋକା ଦେବାପାଇଁ ଏପରି କୂଅର ପାଣିକୁ ରଙ୍ଗ କରିଦେଉଥିଲେ)* ଓ ସେଥିରେ ଉଠିଥିବା ଖଜୁରୀ ଗଛ ଠୋହର୍ ବୃକ୍ଷ୍ୟ ସଦୃଶ ଦେଖାଯାଉଥିଲା ହଜ୍‌ରତ୍ ଆଇଶାଃ ରଅ ବର୍ଣ୍ଣନା କରୁଛନ୍ତି କି, ମୁଁ ରସୁଲୁଲ୍ଲା ସ:ଆ:ସଙ୍କୁ ନିବେଦନ କଲିଯେ ଆପଣ କହିକି ସେହି ପାନିଆ ଇତ୍ୟାଦି ବସ୍ତୁ ଗୁଡ଼ିକୁ ବାହାର କରି ଫିଙ୍ଗିଦେଉନାହାନ୍ତି ? ଆଉ କିଛି ରିୱାୟତ୍ ରେ ଆସୁଛି ଯେ, କାହିଁକି ଜଳାଇଦେଲେ ନାହି ? ଏଥିରେ ଆପଣ ସ:ଆ:ସ କହିଲେ ଅଲ୍ଲାଃ ତାଲା ମୋତେ ସୁରକ୍ଷିତ ରଖିଲେ ଓ ମୋତେ ଆରୋଗ୍ୟ ପ୍ରଦାନ କଲେ ତେଣୁ ମୁଁ ସେହିଗୁଡ଼ିକୁ ପୁଣି ବାହାରକୁ ଫିଙ୍ଗି ଲୋକମାନଙ୍କ ମଧ୍ୟରେ ଗୋଟିଏ ଖରାପ କଥାର ଚର୍ଚ୍ଚା କାହିଁକି କରିଥାନ୍ତି ?

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

(ଯଦ୍ୱାରା ଦୁର୍ବଳ ସ୍ୱଭାବର ଲୋକମାନଙ୍କ ମଧ୍ୟରେ ବିନା କାରଣରେ ଯାଦୁ ପ୍ରତି ଧ୍ୟାନ ଆର୍କଷଣ ହେବାର ଆଶଙ୍କା ରହିଥାନ୍ତା) ସୁତରାଂ ସେହି କୂଅଟିକୁ ମାଟି ପକାଇ ପୋତି ଦିଆଗଲା ।

ହଜ୍‌ରତ୍ ମିର୍ଜା ବଶୀର ଅହମଦ ସାହେବ ଲେଖୁଛନ୍ତି କି, ମନେ ରଖିବା ଉଚିତ ହେବ ଯେ, ହିକାୟତ୍ ଅମିଲ୍ ଗୈର୍ (ଅର୍ଥାତ ଯେତେବେଳେ ଅନ୍ୟ କାହାର କଥା କୁ ବର୍ଣ୍ଣନା କରାଯାଇଥାଏ) ଏହି ଶୈଳୀର କଥାବାର୍ତା ଆରବ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା ବରଂ ନିଜେ ପବିତ୍ର କୋରାନ୍ ମଧ୍ୟ କିଛି ସ୍ଥାନରେ ଏହି ଶୈଳୀକୁ ବ୍ୟବହାର କରିଛି । ସୁତରାଂ ଗୋଟିଏ ସ୍ଥାନରେ ନର୍କ ବାସୀମାନଙ୍କୁ ସମ୍ବୋଧନ କରି ଖୁଦାତାଲା କହୁଛନ୍ତି କି, *ଜୁକ୍ ଇନ୍ନକା ଅମ୍‌ତଲ୍ ଅଜିଜୁଲ୍ କରିମ୍ (ଦୁଖାନ୍: ୫୦)* ଅର୍ଥାତ୍ ନର୍କରେ ପକାଯାଇଥିବା ହେ ଲୋକେ ! ତୁମେ ଖୁଦାଙ୍କ ସେହି ଦ୍ୱନ୍ଦକୁ ଚାଖିନିଅ । ଅବଶ୍ୟ ତୁମେ ବହୁତ ସମ୍ମାନୀୟ ଓ ବଡ଼ ଭଦ୍ର ବ୍ୟକ୍ତି ଅଟ ।

ଏହି ସ୍ଥାନରେ ଏହାର ଅର୍ଥ ପ୍ରଗତି ଏପରି ନୁହେଁ ଯେ, ନଉଜୁବିଲ୍ଲାଃ ଖୁଦା ନର୍କ ବାସୀମାନଙ୍କୁ ସମ୍ମାନୀୟ ଓ ଭଦ୍ର ରୂପେ ବିବେଚନା କରୁଥିଲେ (ଏ ସଂସାରରେ ଭୁଲ୍ କାର୍ଯ୍ୟ କରିବାପରେ ମଧ୍ୟ ସେମାନେ ଏ କଥା ଭାବୁଥିଲେ ଯେ, ଆମେ ହେଉଛୁ ବହୁତ ଭଦ୍ର ବ୍ୟକ୍ତି) ତେବେ ବର୍ତମାନ ଖୁଦାଙ୍କ ଅଗ୍ନିର ଦଣ୍ଡର ମଜା ଚାଖ । ଅବିକ ଏହିପରି ଉକ୍ତ ସ୍ୱପ୍ନରେ ସେହି ଦୁଇଜଣ ଲୋକ ବା ଫରିସ୍ତା କଥା କହିବାର ଶୈଳୀକୁ ଆପଣାଇଥିଲେ ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସେହି ସ୍ୱପ୍ନରେ ଦେଖାଦେଇଥିଲେ ସୁତରାଂ ସେମାନେ ଯେତେବେଳେ ଏ କଥା କହିଲେ ଯେ, ଏ ବ୍ୟକ୍ତିକୁ ଯାଦୁ କରାଯାଇଛି ସେଥିରେ ତାଙ୍କର କହିବାର ଅର୍ଥ ଏହା ମଧ୍ୟ ଯେ ଆମ ଖିଆଲରେ ଯାଦୁ କରାଯାଇଛି କିନ୍ତୁ ଏହାର ଏପରି ଅର୍ଥ ଥିଲା ଯେ, ଲୋକମାନେ କହୁଛନ୍ତି କି, ତାଙ୍କୁ ଯାଦୁ କରାଯାଇଛି । ସୁତରାଂ ସ୍ୱପ୍ନର ଅସଲ ଉଦ୍ଦେଶ୍ୟ ଏହା ବ୍ୟତିତ ଆଉ କିଛି ନଥିଲା କି ଯେଉଁ ବସ୍ତୁଗୁଡ଼ିକୁ ସେହି ଖଳ ପ୍ରକୃତିର ଲୋକମାନେ ଲୁଚାଇ ସେହି କୂଅ ଭିତରେ ରଖିଦେଇଥିଲେ ଓ ତା ମାଧ୍ୟମରେ ସେମାନେ ଲୋକମାନଙ୍କୁ ଧୋକା ଦେଉଥିଲେ, ଏହି କଥାକୁ ଖୁଦାତାଲା ନିଜର ରସୁଲ୍‌ଙ୍କ ଉପରେ ପ୍ରକାଶ କରିଦେଲେ ଯଦ୍ୱାରା ସେମାନଙ୍କର କଥାକଥିତ ଯାଦୁକୁ ଧ୍ୱସଂ କରିଦିଆଯିବ । ସୁତରାଂ ଏପରି କରାଗଲା ସେମାନଙ୍କର ଯାଦୁ କରିବାର ଅସ୍ତ୍ରକୁ ମାଟିରେ ପୋତି ଦିଆଗଲା ଓ କୂଅଟିକୁ ପବିତ୍ର କରିଦିଆଗଲା ଓ ପ୍ରତ୍ୟକ୍ଷରୂପେ ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହଇରାଣ ହରକତ କରିବା ପାଇଁ ଯେଉଁ ଦୃଷ୍ଟତା କରିଥିଲେ ତା ଦ୍ୱାରା ସାଧାସିଧା ଲୋକମାନଙ୍କୁ ସେମାନେ ଧୋକା ଦେବାକୁ ଚାହୁଁଥିଲେ କିନ୍ତୁ ତାହା ସଫଳ ହେଲା ନାହିଁ, *ଲା ୟୁଫ୍‌ଲିହୁସ୍ ସାହିରୁ ହଇସୁ ଅତା (ତା ହା: ୭୦)* ଅର୍ଥାତ୍ ନବୀମାନଙ୍କର ମୁକାବିଲାରେ କୌଣସି ଯାଦୁର କୌଣସି ପ୍ରକାରେ ମଧ୍ୟ ସଫଳତା ଲଭି ପାରିବେ ନାହିଁ ।

ଉପର ବର୍ଣ୍ଣିତ ହଦିସ୍‌ରୁ ନିମ୍ନଲିଖିତ କଥା ପ୍ରମାଣିତ ହେଉଅଛି:

ସୁଲାହ୍ ହୁଦବିୟା ଘଟଣା ପରେ ସ୍ୱଭାବତଃ ଆଁ ହଜ୍‌ରତ୍ ସ:ଆ:ସ ଅନ୍ୟ ମୁସଲ୍‌ମାନମାନେ ଧୋକା ନ ଖାଇବେ ସେଥିପାଇଁ ବହୁତ ଚିନ୍ତିତ ଥିଲେ ଏହାର ପ୍ରଭାବରେ ଆପଣ ସ:ଆ:ସ ବେଳେବେଳେ ନିଜଘରର କାମ କାର୍ଯ୍ୟ ବିଷୟରେ ଭୁଲି ଯାଉଥିଲେ ।

ଦ୍ୱିତୀୟତଃ ଆପଣ ସ:ଆ:ସଙ୍କ ଏପରି ଅବସ୍ଥାକୁ ଦେଖି ଇହୁଦୀମାନେ ଓ ମୁନାଫିକ୍‌ମାନେ, ଯେଉଁମାନେ ସର୍ବଦା ଏପରି କଥାର ଆଳ ଖୋଜୁଥିଲେ ଯଦ୍ୱାରା ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ପବିତ୍ର ପ୍ରତିଷ୍ଠାତାଙ୍କୁ ବଦନାମ କରିଦେବେ ତେଣୁ ସେମାନେ ଗୁପ୍ତରେ ଏପରି ଚର୍ଚ୍ଚା ଆରମ୍ଭ କରିଦେଲେ ଯେ, ଆମେ ମଉଜୁବିଲ୍ଲାଃ ମୁସଲ୍‌ମାନମାନଙ୍କ ନବୀଙ୍କ ଉପରେ ଯାଦୁ କରିଦେଇଛୁ । ସେମାନଙ୍କର ଏହି ଚର୍ଚ୍ଚା ସେହି ପରି ଥିଲା ଯେପରି ସେମାନେ ବନି ମୁସ୍‌ତଲିକ୍ ଯୁଦ୍ଧର ଅବସରରେ ହଜ୍‌ରତ୍ ଆଇଶାଃ ର:ଅ ପଛରେ ରହିଯିବା ଯୋଗୁଁ ହଜ୍‌ରତ୍ ଆଇଶାଃଙ୍କୁ ବଦନାମ କରିବାପାଇଁ କହିବା ଆରମ୍ଭ କରିଦେଇଥିଲେ । ସେହିପରି ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନକୁ ଦୁର୍ବିସଃ କରିଦେବା ପାଇଁ ସେମାନେ ଏପରି ଅପବିତ୍ର ଚେଷ୍ଟା କରିଥିଲେ ।

ତୃତୀୟତଃ ସେହି ଯାଦୁର ବାହ୍ୟ ଲକ୍ଷଣ ପ୍ରକାଶ କରିଦେବା ପାଇଁ ଓ ସାଧାସିଧା ଲୋକମାନଙ୍କୁ ଧୋକା ଦେବାପାଇଁ ଏପରି କାର୍ଯ୍ୟକୁ ସେହି ଖଳ ପ୍ରକୃତିର ଇହୁଦୀ ବଂଶୀୟ ମୁନାଫିକ୍ ଲବିଦ୍ ବିନ୍ ଅଲ୍‌ଆଶମ୍ ଜରିଆରେ ନିଜ ଶୈଳୀ ମୁତାବକ ପାନିଆରେ କିଛି କେଶକୁ ବାନ୍ଧିଦେଇ ଗଣ୍ଠି ଲଗାଇ ତାହାକୁ କୂଅ ଭିତରେ ପୋତିଦେଲେ ଓ ଗୁପ୍ତ ଭାବରେ ଏହି କଥା କହିବା ଆରମ୍ଭ କରିଦେଲେ ଯଦ୍ୱାରା ଆଁ ହଜ୍‌ରତ୍ ସ:ଆ:ସ ହଇରାଣ ହରକତ ହେବେ ।

ଚତୁର୍ଥ କଥା ହେଉଛି ଏହା କି, ଏହିପରି ପରିସ୍ଥିତିରେ ଆଁ ହଜ୍‌ରତ୍ ସ:ଆ:ସ ଖୁଦାଙ୍କ ନିକଟରେ ବହୁତ ବ୍ୟାକୁଳ ହୋଇ ପ୍ରାର୍ଥନା କଲେ ଯେ, ହେ ମୋର ଖୁଦା ତୁମେ ନିଜ କରୁଣାରୁ ଏହି ଖିତ୍‌ନାକୁ ମୁଳପ୍ରାଟନ କରିଦିଅ ଏବଂ ମୋତେ ଏହାର ସତ୍ୟାସତ୍ୟ ପ୍ରକାଶ କରିଦିଅ । ଯଦ୍ୱରା ମୁଁ ଏହି ଖିତ୍‌ନାର ନିବାରଣ କରି ସାଧାସିଧା ଲୋକମାନଙ୍କୁ ଧୋକା ଖାଇବାରୁ ବଂଚାଇପାରିବି ସୁତରାଂ ସେହି ଗ୍ରହଣୀୟ ପ୍ରାର୍ଥନା ପ୍ରକାଶ ହୋଇଗଲା ।

ପଂଚମ କଥା ହେଉଛି ଏହା କି, ଖୁଦାତାଲା ଆପଣ ସ:ଆ:ସଙ୍କର ଉକ୍ତ ପ୍ରାର୍ଥନା ଗୁଡ଼ିକୁ ଶୁଣିଲେ ଓ ଲବୀଦ୍ ବିନ୍ ଅଲ୍‌ଆସମ୍‌ଙ୍କ ଦୁଷ୍କାମିର ମୁଖା ଖୋଲିଦେଲେ ଏଥିରେ ଆପଣ ସ:ଆ:ସ କିଛି ସାକ୍ଷୀମାନଙ୍କ ସହିତ ସେହି କୂଅ ନିକଟକୁ ଗଲେ ଏବଂ ଉକ୍ତ ପାନିଆଟିକୁ ମାଟିରେ ପୋତିଦେଲେ ବରଂ ସେହି କୂଅଟିକୁ ପୋତିଦେଲେ ଯଦ୍ୱାରା ନା ରହିବ ବାଉଁଶ ନା ବାଜିବ ବଇଁଶୀ ।

ପରିଶେଷରେ ଏ ପ୍ରଶ୍ନ ରହିଯାଉଛି ଯେ, ଆଁ ହଜ୍‌ରତ୍ ସ:ଆ:ସ ଯିଏ ଖୁଦାତାଲାଙ୍କର ଜଣେ ମାହାନ୍ ନବୀ ଥିଲେ ବରଂ ସମସ୍ତ ନବୀମାନଙ୍କଠାରୁ ଶ୍ରେଷ୍ଠତମ ଓ ଖାତ୍‌ମୁନ୍ ନବୀଇନ୍ ଥିଲେ । ତେବେ ଆପଣ ସ:ଆ:ସଙ୍କୁ କାହିଁକି ଭୁଲିଯିବାର ରୋଗ ଲାଗିଗଲା ଯାହା ପ୍ରକାଶ୍ୟରେ ନବୁଓ୍ୱତ୍ କର୍ତବ୍ୟ ସମ୍ପାଦନ କରିବାରେ ବାଧା ପକାଇପାରେ ? ତେବେ ଏହାର ଉତର ଭଲ ଭାବେ ମନେ ରଖିବ ଉଚିତ ହେବ କି, ପ୍ରତ୍ୟେକ ନବୀ ଦୁଇ ପ୍ରକାରର ପଦମର୍ଯ୍ୟାଦା ରଖିଥାଏ । ଗୋଟିଏ ପାର୍ଶ୍ୱରେ ସେ ଖୁଦାଙ୍କ ନବୀ ଓ ରସୁଲ୍ ହୋଇଥାନ୍ତି ଯେଉଁଥିପାଇଁ ସେ ଖୁଦାଙ୍କ ସହିତ ବାର୍ତାଳାପ କରିଥାନ୍ତି ଓ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିବାରେ ନିଜ ଅନୁସରଣକାରୀମାନଙ୍କର ଶିକ୍ଷକ ହୋଇଥାନ୍ତି ଓ ସେମାନଙ୍କ ପାଇଁ ଆଦର୍ଶ ହୋଇଥାନ୍ତି । ଓ ଦ୍ୱିତୀୟ ପାର୍ଶ୍ୱର ଦୃଷ୍ଟିକୋଣରୁ ସେ ମନୁଷ୍ୟମାନଙ୍କ ମଧ୍ୟରୁ ଜଣେ ମନୁଷ୍ୟ ହୋଇଥାନ୍ତି ଓ ସବୁ ପ୍ରକାରର ମନୁଷ୍ୟଗତ ପ୍ରାକୃତିକ ବିପଦର ଅନ୍ତର୍ଗତ ରହିଥାନ୍ତି ଯାହା ଅନ୍ୟ ସମସ୍ତ ମନୁଷ୍ୟମାନଙ୍କ ସହିତ ଲାଗିରହିଛି । ସେଥିପାଇଁ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସମ୍ବୋଧନ କରି କହୁଛନ୍ତି, *କୁଲ୍ ଇନ୍ନମା ଆନା ବଶରୁମ୍ ମିସ୍‌ଲୁକୁମ୍ ୟୁହା ଇଲୈୟା (କହଫ୍: ୧୧୧)* ଅର୍ଥାତ୍ ହେ ରସୁଲ୍ ! ତୁମେ ଲୋକମାନଙ୍କୁ କହିଦିଅ ଯେ, ମୁଁ ତୁମ ପରିକା ଜଣେ ମନୁଷ୍ୟ ଅଟେ, ହଁ ମୁଁ ନିଶ୍ଚିତ ରୂପେ ଖୁଦାଙ୍କର ଜଣେ ରସୁଲ୍ ମଧ୍ୟ ଅଟେ ଓ ଖୁଦାଙ୍କ ତରଫରୁ ଖୁଦାଙ୍କ ପ୍ରାଣୀଜଗତର ମାର୍ଗଦର୍ଶନ କରିବା ନିମନ୍ତେ ମୋ ଉପରେ ଐଶି ବାଣୀ ଅବତୀର୍ଣ୍ଣ ହେଉଛି । ଏହା ହେଉଛି ତାହାର ବ୍ୟାଖ୍ୟା ମୁଳକ ଅନୁବାଦ ।

ଏହି ସୂକ୍ଷ୍ମ ଆୟତଟିରେ ନବୀମାନଙ୍କର ଦୁଇ ପ୍ରକାରର ପଦମର୍ଯ୍ୟାଦାକୁ ଅତ୍ୟନ୍ତ ସୁନ୍ଦର ଶୈଳୀରେ ବର୍ଣ୍ଣନା କରାଯାଇଅଛି । ଅର୍ଥାତ୍ ତାଙ୍କୁ ଗୋଟିଏ ପାର୍ଶ୍ୱରୁ ଅନ୍ୟସମସ୍ତ ମନୁଷ୍ୟ ଅପେକ୍ଷା ସ୍ୱତନ୍ତ୍ରତା ଦିଆଯାଇଛି ଓ ଦ୍ୱିତୀୟ ପାର୍ଶ୍ୱରୁ ତାଙ୍କୁ ଅନ୍ୟ ଲୋକମାନଙ୍କ ଧାଡ଼ିରୁ ବାହାର କରିଦିଆଯାଇ ନାହିଁ ସୁତରାଂ ଯେଉଁ ଲୋକମାନେ ଏ କଥା ଭାବୁଛନ୍ତି ଯେ, ଅବତାରମାନେ ମାନବିକ ଆବଶ୍ୟକତା ଓ ମନୁଷ୍ୟର ପ୍ରାକୃତିକ ବିପଦରୁ ଉଚ୍ଚରେ ରହିଥାନ୍ତି, ଏମାନେ ହେଉଛନ୍ତି ମିଥ୍ୟାବାଦୀ । ନିଶ୍ଚିତରୂପେ ଅବତାରମାନେ ମଧ୍ୟ ସେହିପରି ବେମାର ହୋଇଥାନ୍ତି ଯେଉଁପରି ଅନ୍ୟଲୋକମାନେ ବେମାର ହୋଇଥାନ୍ତି । ହଜ୍‌ରତ୍ ବଶୀର୍ ଅହମଦ ସାହେବ ଲେଖୁଛନ୍ତି କି, ସେ ମ୍ୟାଲେରିଆ ଜ୍ୱର, ଟାଇଫଏଡ୍ (ଏଠାରେ ଏ କଥା ମଧ୍ୟ ମନେରଖିବାକୁ ହେବ ଯେ ଏଠାରେ ଯେଉଁ ବାହ୍ୟ ଲକ୍ଷଣ ଗୁଡ଼ିକ ଦରଜ କରାଯାଇଛି । ହଦିସ୍ ଏବଂ ଇତିହାସରୁ ଜଣା ପଡୁଛି ଯେ, ଆଁ ହଜ୍‌ରତ୍ ସ:ଆ:ସ ଟାଇଫଏଡ୍ ରୋଗରେ ହିଁ ମୃତ୍ୟୁ ବରଣ କରିଥିଲେ) ଜଣ୍ଡିସ୍, ଶ୍ୱାସ, ଥଣ୍ଡା, ଖାସ, ମୁଣ୍ଡ ବୁଲାଇ ହେବା, ଅଙ୍ଗପ୍ରତ୍ୟଙ୍ଗ କଷ୍ଟ, ସ୍ପର୍ଶ ଅନୁଭବ ନ କରିପାରିବା ରୋଗ,

ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...

ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....

ଏଜେଣ୍ଡା ବା ଗୁପ୍ତ ଉଦ୍ଦେଶ୍ୟ ନାହିଁ ।

ବାଲ୍ଟିମ୍ୟୁର୍ ର ମେୟର Catheri- ne Pugh ସାହେବ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି: ହଜୁର ଅନ୍‌ଓ୍ୱରଙ୍କ ସହିତ ମିଶି ବହୁତ ଖୁସି ଲାଗିଲା ମୁଁ ହଜୁର୍‌ଙ୍କ ବ୍ୟକ୍ତିତ୍ୱରେ ଯେଉଁ ପ୍ରଥମ କଥାକୁ ଅନୁଭବ କଲି ତାହା ହେଉଛି ଏହା କି, ହଜୁରଙ୍କ ଉପସ୍ଥିତିରେ ଏକ ଆଧ୍ୟମ୍ିକ ପରିବେଶ ସୃଷ୍ଟି ହେଉଯାଉଛି । ହଜୁର୍ ଶାନ୍ତି ବିଷୟରେ କଥା ହୋଇଛନ୍ତି । ତାହା ଏପରି ବାର୍ତା ଥିଲା ଯାହା ବର୍ତମାନ ସମୟରେ ଆବଶ୍ୟକ ନା କେବଳ ଆମ ସହରରେ ବରଂ ଆମ ରାଜ୍ୟ ଏବଂ ପୁଣି ସମଗ୍ର ୟୁ.ଏସ୍.ଏ ଓ ସାରା ସଂସାରରେ ଏହି ବାର୍ତାର ଭୀଷଣ ଆବଶ୍ୟକତା ରହିଛି । ମୁଁ ଭାବୁଛି ଯେ, ପ୍ରତ୍ୟେକ ବ୍ୟକ୍ତି ଏହି ଭାଷଣ ଶୁଣିବା ଉଚିତ୍ । ଯଦି ଆମେ ଶୁଣିବା ତେବେ ଆମେ ଜାଣିପାରିବା ଯେ ଏହି ପୃଥିବୀର ସମସ୍ୟାଗୁଡ଼ିକର ଗୋଟିଏ ଉପଚାର ହେଉଛି ଶାନ୍ତି ଏବଂ ଆମେ ଜଣେ ଅନ୍ୟ ଜଣଙ୍କ ସହିତ ପ୍ରେମ କରିବା ଶିଖିବା ମୁଁ ଏଠାକୁ ଆସି ହଜୁର ଅନ୍‌ଓ୍ୱରଙ୍କ ସହିତ ସାକ୍ଷାତ୍ କରି ବହୁତ ଖୁସି ଅଛି । ହଜୁର ଅନ୍‌ଓ୍ୱର ସମସ୍ତଙ୍କୁ ସାଥିରେ ନେଇ ଚାଲିବାକୁ ଯେଉଁ ବାର୍ତା ଦେଇଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ଅଟେ । ଆମେ ମେହ୍‌ରୁମ୍ (ଅର୍ଥାତ ସମସ୍ତ ସୁବିଧାସୁଯୋଗରୁ ବଂଚିତ) ଲୋକମାନଙ୍କର ଧ୍ୟାନ ରଖିବା ପାଇଁ ଯାହା କିଛି ପଦକ୍ଷେପ ଉଠାଇବା ତାର ପ୍ରଭାବ ଆମ ସମସ୍ତଙ୍କ ଉପରେ ପଡ଼ିବ । ଆପୋଷ ପ୍ରେମଭାବ ଏବଂ ଭାଇଚାରାର ବାର୍ତା ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଆମ ସମାଜରେ ଅସ୍ତ୍ରଶସ୍ତ୍ର ରଖିବା ବହୁତ ସାଧାରଣ ହୋଇଗଲାଣି ଆମକୁ ଜଣେ ଅନ୍ୟଜଣଙ୍କର ତର୍‌ବିୟତ୍ କରିବାକୁ ହେବ । ଜଣେ ଅନ୍ୟ ଜଣକୁ ବୁଝାଇବା ଯେ, ଏହି ଜୀବନ ହେଉଛି ମୂଲ୍ୟବାନ୍ ତେଣୁ ଆମକୁ ତାର ସମ୍ମାନ କରିବା ଉଚିତ୍ ଓ ଜଣେ ଅନ୍ୟ ଜଣକର ଅଧିକାର ପ୍ରତି ଧ୍ୟାନ ରଖିବା ଉଚିତ୍ ଯଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

ଆଉ ଜଣେ Neurologist Robert Dewbery sb ଏହି ପ୍ରୋଗ୍ରାମରେ ସାମିଲ୍ ଥିଲେ, ସେ କହୁଛନ୍ତି ମୁଁ ଏଠାକୁ ଆସି ବହୁତ ଆନନ୍ଦିତ ହେଲି । ଅପାଣମାନଙ୍କର ଆଧ୍ୟାମ୍ିକ ଇମାମ୍‌ଙ୍କ ଅଭିଭାଷଣ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ଓ ହୃଦୟସ୍ପର୍ଶୀ ଥିଲା । ଖଲିଫାଃ ବିଶ୍ୱବ୍ୟାପୀ ବାର୍ତା ଦେଇଛନ୍ତି । ଖଲିଫାଃଙ୍କ ବ୍ୟକ୍ତିତ୍ୱକୁ ଯଦି ଗୋଟିଏ ସବ୍ଦରେ ବର୍ଣ୍ଣନା କରାଯାଏ ତେବେ ତାକୁ ଆପାଦମସ୍ତକ ଶାନ୍ତି କୁହାଯାଇ ପାରିବ । (କ୍ରମଶଃ....)

*(ବହଓ୍ୱାଲା ଅଖବାର୍ ବଦର୍ ଉର୍ଦ୍ଦୁ ୩୧ ଜାନୁୟାରୀ ୨୦୧୯)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahemadiya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 11 April 2019 Issue No. 15

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୨୦ ଅକ୍ଟୋବର ୨୦୧୮ (ଶନିବାର) ରିପୋର୍ଟର ବଳକା ଅଂଶ । ଉତ୍ସବରେ ସାମିଲ ହୋଇଥିବା ଅତିଥିମାନଙ୍କର ମନୋଭାବ ।**

ମଶ୍‌ଅଲ୍ ସାହିବା ଯିଏ ଗୋଟିଏ ପ୍ରେସ୍ ବେଟେରିଆନ୍ ଚର୍ଚ୍ଚରେ ମିନିଷ୍ଟର ଅଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ମୁଁ ହଜୁର ଅନଓ୍ୱରଙ୍କ ଦ୍ୱାରା ପ୍ରଦତ ଶାନ୍ତି ବାର୍ତା ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ହଜୁର ଅନଓ୍ୱର ଏକତା ଓ ଆପୋଷ ଐକ୍ୟ ମନୋଭାବ ଉପରେ ଜୋର୍ ଦେଇଛନ୍ତି ଓ ଭୟକୁ ଶେଷ କରି ପ୍ରେମ ପ୍ରତିଷ୍ଠା କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ଏହି ବାର୍ତା ବହୁତ ଗୁରୁତ୍ୱପୂର୍ଣ୍ଣ । ମସିଜିଦ୍ ନିର୍ମାଣ
କରିବା ପ୍ରସଙ୍ଗରେ ହଜୁର୍ ଯେଉଁ ଉଦ୍ଦେଶ୍ୟ ଗୁଡ଼ିକ ବର୍ଣ୍ଣନା କଲେ ତାହା ଅତ୍ୟନ୍ତ ସୁନ୍ଦର ଥିଲା । ପୁଣି ହଜୁର ଅନଓ୍ୱର ପଡ଼ୋଶୀମାନଙ୍କ ସହିତ ସଦ୍ ବ୍ୟବହାର କରିବା ପାଇଁ ଯେଉଁ ଶିକ୍ଷା ଦେଲେ ତାହା ମଧ୍ୟ ବହୁତ ସୁନ୍ଦର ଥିଲା ଓ ତାହା ମୋ ପାଇଁ ନୂଆ ବିଷୟ ଥିଲା ଏହା ଦ୍ୱାରା ମୁଁ ବହୁତ ପ୍ରଭାବିତ ହେଲି । ମୋତେ ଆଜି ଜଣା ପଡ଼ିଲା ଯେ, ଇସାଇୟତ୍ ରେ ଯେଉଁ ପ୍ରେମ ଓ ସ୍ନେହର ଶିକ୍ଷା ଦିଆଯାଇଛି, ଏହା ତ ତାହା ହିଁ ଅଟେ ଯେବେ କି, ମିଡିଆ ଆଉଗୋଟେ କଥା ଉପସ୍ଥାପନା କରୁଛି । ହଜୁର ଅନଓ୍ୱର ଆମକୁ ଏ କଥା ବତାଇଥିବାରୁ ମୁଁ ବହୁତ ଆନନ୍ଦିତ ।

ଜଣେ ଐତିହାସିକ ଡାକ୍ତର ଫାତିମାଃ ସାହିବାଙ୍କୁ ମଧ୍ୟ ଏହି ପ୍ରୋଗ୍ରାମରେ ନିମନ୍ତ୍ରଣ କରାଯାଇଥିଲା । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ମୋରା ସ୍ପେଶାଲାଇଜେସନ୍ ହେଉଛି ୟୁ.ଏସ୍.ଏ ରେ ଇସ୍‌ଲାମ ଓ ଏ ପ୍ରସଙ୍ଗରେ ମୁଁ ୟୁ.ଏସ୍.ଏରେ ଇସ୍‌ଲାମର ଇତିହାସ ଉପରେ ବହୁତ କାମ କରିଛି । ମୁଁ କୌଣସି ଧାର୍ମିକ ସ୍କଲାର ନୁହେଁ ବରଂ କେବଳ ଐତିହାସିକ । ହଜୁର୍ ଅନଓ୍ୱର ଯେଉଁ କଥା କହିଛନ୍ତି କି, ହଜ୍‌ରତ୍ ମିର୍ଜା ଗୁଲାମ ଅହେମଦ୍ ସାହେବ ଏ ଯୁଗରେ ଇସ୍‌ଲାମର ପୁନର୍ବିନ୍ୟାସ କରିଛନ୍ତି ତେଣୁ ମୋ ମନ ସେ ଆଡ଼କୁ ଲାଗିଛି ଓ ମୁଁ ଏବେ ଏ ପ୍ରସଙ୍ଗରେ ମୋ ଗବେଷଣାକୁ ଆଗକୁ ବଢ଼ାଇବି । ମୋତେ ଏହା ଜାଣି ବହୁତ ଆନନ୍ଦ ଲାଗିଲା ଏବେ ମୋ ଗବେଷଣାର ପରିସୀମା ନା କେବଳ ମିର୍ଜା ଗୁଲାମ ଅହେମଦ୍ କାଦିୟାନୀ (ଆ:ସ) ଅଟନ୍ତି ବରଂ ଆପଣଙ୍କ ଲେଖା ଓ ନିତିବାଣୀ ମଧ୍ୟ ସାମିଲ ଅଛି ଯାହା ମାଧ୍ୟମରେ ଆପଣ ଏପରି ପୁନର୍ବିନ୍ୟାସ କରିଛନ୍ତି । ହଜୁର ଅନଓ୍ୱରଙ୍କ ଶାନ୍ତି ବାର୍ତା ଏକ ଅଶ୍ଚର୍ଯ୍ୟମୂଳକ ବାର୍ତା ଥିଲା । ଆପଣ ଇସ୍‌ଲାମୀୟ ସଦ୍ ବ୍ୟବହାରକୁ ନା କେବଳ ଧର୍ମ ମଧ୍ୟରେ ସିମିତ ରଖି ନାହାନ୍ତି ବରଂ ଅଣ ଧାର୍ମିକ ଲୋକମାନଙ୍କ ସହିତ ମଧ୍ୟ ଉତମ ବ୍ୟବହାର କରିବାପାଇଁ ମଧ୍ୟ ଉପଦେଶ ଦେଇଛନ୍ତି । ହଜୁରଙ୍କ ଦୃଷ୍ଟିକୋଣ ହେଉଛି ଏହା କି, ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଆମେ ସମସ୍ତେ ଏକ ହୋଇ ମାନବ ସମାଜର ଭଲ ପାଇଁ କାମ କରିବା । ଏହା ଅତି ସୁନ୍ଦର ବାର୍ତା ଥିଲା । ଜଣେ ମୁସଲ୍‌ମାନ ହୋଇଥିବାରୁ ଆମକୁ ସନ୍ଦେହର ଚକ୍ଷୁରେ ଦେଖାଯାଇଥାଏ । ସେଥିପାଇଁ ଜଣେ ମହାନ୍ ମୁସଲ୍‌ମାନଙ୍କ ତରଫରୁ ଇସ୍‌ଲାମୀୟ ଶିକ୍ଷାକୁ ବର୍ଣ୍ଣନା କରାଯିବା ଏକ ସୁନ୍ଦର ପଦକ୍ଷେପ ଥିଲା । ମୋତେ ଖୁସି ଲାଗୁଛି ଯେ, ମୁଁ ଏଇ ପ୍ରୋଗ୍ରାମରେ ଯୋଗ ଦେଇଛି । ନିମନ୍ତ୍ରଣ କରିଥିବାରୁ ବହୁତ ବହୁତ ଧନ୍ୟବାଦ ।

ଆଉ ଜଣେ ମହିଳା କହିଲେ, ମୁଁ ପ୍ରତ୍ୟେକ ରବିବାର ଦିନ ଚର୍ଚ୍ଚରେ ଯାଇ ପୃଥିବୀର ଶାନ୍ତି ପାଇଁ ପ୍ରାର୍ଥନା କରୁଛି । ହଜୁର୍ ଅନଓ୍ୱର କହିଛନ୍ତି ଯେ, ଆମେ ଜଣେ ଅନ୍ୟ ଜଣଙ୍କ ନିକଟତର ହେବା ଉଚିତ୍ । ଆମେ ଜଣେ ଅନ୍ୟ ଜଣଙ୍କୁ ବୁଝିବା ଉଚିତ୍ ନା କି ଜଣେ ଅନ୍ୟ ଜଣଙ୍କ ଧର୍ମ, ବିଶ୍ୱାସ ଓ ଜାତିକୁ ଭୟ କରିବା । ଆମେ ଏପରି ହିଁ ହେବାର ଆବଶ୍ୟକତା ଅଛି । ମୁଁ ସେଥିପାଇଁ ଏଠାକୁ ଆସିଛି । ମୋ ଆନ୍ତରିକ ଇଚ୍ଛା ଏଇଆ ଯେ ମୁଁ ହଜୁର ଅନଓ୍ୱରଙ୍କ ସହିତ ସାକ୍ଷାତ କରିବି କିନ୍ତୁ ଏଠାରେ ବହୁତ ଗୁଡ଼ିଏ ଲୋକ ଅଛନ୍ତି ବୋଧ ହୁଏ ସାକ୍ଷାତ କରିବା ମୋ ପକ୍ଷେ ସମ୍ଭବ ହୋଇନପାରେ ।

ଆଉ ଜଣେ ଛାତ୍ରୀ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ହଜୁର୍ ଅନଓ୍ୱରଙ୍କ ଅଭିଭାଷଣ ଆମମାନଙ୍କ ମଧ୍ୟରେ ଜୀବନ ସଂଚାର କରିଦେଇଛି ଏଠାକୁ ଆସି ମୋତେ ବହୁତ ଗର୍ବ ଅନୁଭବ ହେଉଛି । ହଜୁର ଅନଓ୍ୱର କହିଲେ ଯେ ଆମେ ସମସ୍ତେ ହେଉଛେ ମନୁଷ୍ୟ ଏବଂ ହଜୁର ଏହା ବତାଇବାକୁ ଚାହୁଁଥିଲେ ଯେ, ଯଦି ଆମେ ସମସ୍ତେ ଏକା ପରି ମଣିଷ ତେବେ ପୁଣି ଆମ ମଧ୍ୟରେ କୌଣସି ପ୍ରକାରର ଘୃଣାର ସ୍ଥାନ ବାକି ରହୁ ନାହିଁ । ପୁଣି ହଜୁର ଅନଓ୍ୱର କହିଲେ ଯେ ଆମକୁ ଆଜି ଠାରୁ ନିଜର ଆସନ୍ତା ପିଢ଼ିପାଇଁ କାର୍ଯ୍ୟ କରିବା ଉଚିତ୍ । ମୋ ପାଇଁ ଏ କଥା ବହୁତ ବିଶ୍ୱାସ ବର୍ଦ୍ଧକ ଥିଲା । ବହୁତ ହିଁ ପ୍ରଭାବଶାଳୀ ଭାଷଣ ଥିଲା ।

କ୍ୟାପଟେନ୍ ଜୋଜେଫ୍ କଙ୍ଗର୍ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ମୋର ବିଗତ କିଛି ସମୟ ହେବ ଜମାତ୍ ସହିତ ଯୋଗାଯୋଗ ରହିଛି ଏବଂ ଏମାନେ ବହୁତ ହି ସାହାଯ୍ୟକାରୀ ଜମାତ୍ ଅଟନ୍ତି । ଏ ପ୍ରୋଗ୍ରାମ ବହୁତ ସଫଳ ହେଲା । ହଜୁର ଅନଓ୍ୱରଙ୍କ ଭାଷଣ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଶାନ୍ତିପୂର୍ଣ୍ଣ ସମାଜ ପାଇଁ ଆମକୁ ଉଚ୍ଚତମ ନେତୃତ୍ୱର ଆବଶ୍ୟକତା ରହିଛି ଯେପରି ହଜୁର୍ ଅନଓ୍ୱରଙ୍କ ଅସ୍ତିତ୍ୱ ।

ସେକ୍ରେଟାରୀ ଅଫ ଷ୍ଟେଟ John Robin Smith ପ୍ରୋଗ୍ରାମ ପରେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ହଜୁର ଅନଓ୍ୱରଙ୍କ ସହିତ ମିଶି ବହୁତ ଭଲ ଲାଗିଲା ରାତ୍ର ଭୋଜନରେ ହଜୁର ଅନଓ୍ୱରଙ୍କ ନିକଟରେ ବସିବା ବହୁତ ହି ସମ୍ମାନର କଥା ଥିଲା ଏବଂ ଅନ୍ୟ ପଟେ ହଜୁର ଅନଓ୍ୱରଙ୍କ ଭାଇ ଆସିଥିଲେ ଏହି ଦୁଇଜଣଙ୍କ ସହିତ ମୋର ବହୁତ ଭଲ କଥାବାର୍ତା ହେଲା । ମୁଁ ଭାବୁଛି ଯେ, ଶାନ୍ତି ସ୍ଥାପନ ଓ ସବୁ ଧର୍ମକୁ ସମ୍ମାନ ଦେବା ହଜୁରଙ୍କ ଏକ ସୁନ୍ଦର ବାର୍ତା ଥିଲା । ମୁଁ ବିଗତ ଚାରିବର୍ଷ ହେବ ଦେଖୁଛି ଯେ, ଅନ୍ୟାନ୍ୟ ଧର୍ମ ସହିତ ଯୋଗାଯୋଗ ରଖିବା ଦ୍ୱାରା ବହୁତ ଲାଭ ହୋଇଛି । ହଜୁର ଅନଓ୍ୱର ଯେଉଁ ଉପଦେଶ ଦେଇଛନ୍ତି ମୁଁ ଭାବୁଛି ଯେ ସେହି ସବୁ କଥା ଗୁଡ଼ିକ ଶାନ୍ତି ସ୍ଥାପନ କରିବାରେ ଏବଂ ସମାଜକୁ ଉନ୍ନତ ରୂପେ ଗଢ଼ି ତୋଳିବାରେ ସହାୟକ ହେବ । ବେଳେବେଳେ ଆମ ସମାଜ ଉପରେ ଖରାପ ସମୟ ମଧ୍ୟ ଆସିଥାଏ କିନ୍ତୁ ଭଲ କାର୍ଯ୍ୟମଧ୍ୟ ହେଉଅଛି ଯେପରି କି, ଆଜିର ଏହି ପ୍ରୋଗ୍ରାମ ଥିଲା ମୋ ମତରେ ଏହି ପରି ପ୍ରୋଗ୍ରାମ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଜରୁରୀ ଅଟେ । ହଜୁର୍ ଅନଓ୍ୱରଙ୍କ ବାର୍ତା ସମାଜରେ ଶାନ୍ତି ସ୍ଥାପନର ପ୍ରତ୍ୟେକ ପ୍ରାର୍ଶ୍ୱକୁ ଆବୁରି ରଖିଛି ।

ଏହି ପ୍ରୋଗ୍ରାମରେ ଜଣେ ପାଦ୍ରି, ଫାଦର୍ Joe ସାହେବ ମଧ୍ୟ ସାମିଲ ହୋଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି: ଆପଣଙ୍କ ଖଲିଫାଃଙ୍କ ବ୍ୟକ୍ତିତ୍ୱ ମୋତେ ବହୁତ ପ୍ରଭାବିତ କରିଛି ତାଙ୍କ ଆସିବାରେ ମାହୋଲ୍‌ରେ ଏକ ପ୍ରକାରର ଅଲଗା ପ୍ରଭାବ ଛାଇଯାଇଥିଲା । ତାଙ୍କର ବାର୍ତା ମଧ୍ୟ ପ୍ରେମ ଓ ମିଷ୍ଟାରେ ପରିପୂର୍ଣ୍ଣ ଥିଲା । ଆଜି ମୁଁ ଏଠାରେ ଅଜାନ୍ ଶୁଣିଲି ଯାହା ମୋ ହୃଦୟ ଭିତରେ ଏକ ପ୍ରକାର ଗଭୀର ପ୍ରଭାବ ପକାଇଛି ।

ହଜୁର ଅନ୍‌ଓ୍ୱରଙ୍କ ବାର୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏ ପ୍ରୋଗ୍ରାମ ଠିକ୍ ସମୟରେ ଅନୁଷ୍ଠିତ ହୋଇଛି । ହଜୁର ଅନ୍‌ଓ୍ୱରଙ୍କ ଅଭିଭାଷଣର ପ୍ରତ୍ୟେକ କଥାରେ ମୁଁ ସହମତ ହେଉଥିଲି କାରଣ ମୁଁ ବାଲ୍ଟିମ୍ୟୁର୍‌ଠାରେ ଅନେକ ଥର ଅହେମଦୀୟା ମସ୍‌ଜିଦ୍ ଯାଇଛି ଓ ମୁଁ ପୂର୍ଣ୍ଣ ବିଶ୍ୱାସର ସହିତ ଏ କଥା କହିପାରିବି ଯେ, ହଜୁର ଅନ୍‌ଓ୍ୱର ଯାହା କିଛି କହିଛନ୍ତି ମୁଁ ତାହା ବିଗତ କିଛି ବର୍ଷ ହେବ ଅନ୍ୟାନ୍ୟ ମସ୍‌ଜିଦ୍‌ଗୁଡ଼ିକରେ ହେବାର ଦେଖୁ ଅଛି । ଅହେମଦୀୟା ମସ୍‌ଜିଦ୍ ସବୁ କମ୍ୟୁନିଟିର ଲୋକମାନଙ୍କ ପାଇଁ ଖୋଲା ରହିଛି । ମୁଁ ଅନେକ ଥର ଜୁମାରେ ମଧ୍ୟ ଯାଇଛି । ଯେପରି ଖଲିଫାଃ କହିଛନ୍ତି ମୁଁ ସେହି ସମସ୍ତ କଥାଗୁଡ଼ିକକୁ କାର୍ଯ୍ୟରେ ପରିପ୍ରକାଶ ହେବାର ସାକ୍ଷୀ ଅଛି । ମୋତେ ଏହି ସବୁ କଥା ଗୁଡ଼ିକୁ ଶୁଣି ଖୁସି ଲାଗିଲା ଏଠାରେ ବିଭିନ୍ନ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକମାନେ ଏକତ୍ରିତ ହୋଇଛନ୍ତି ଓ ଶାନ୍ତିର କଥା କହୁଛନ୍ତି ଏହା ହେଉଛି ସେହି କଥା ଯାହାର ନା କେବଳ ଆମର ଏହି ସହରକୁ ବରଂ ସମଗ୍ର ସଂସାରକୁ ଆବଶ୍ୟକ ଅଛି । ମୁଁ ଖଲିଫାଃଙ୍କ ଦ୍ୱାରା ଓ ଜମାତ୍ ଅହେମଦୀୟା ଦ୍ୱାରା ବହୁତ ପ୍ରଭାବିତ ହୋଇଛି ଏବଂ ଏ ଆଶା ରଖିଛି ଯେ, ଆହୁରି ଅନେକ ଏପରି ଅବସର ସୃଷ୍ଟି ହେଉ ଯେଉଁଠି ଅହେମଦୀୟା ଜମାତ୍ ନିଜ କାର୍ଯ୍ୟ ନମୁନା ଦ୍ୱାରା ସମାଜକୁ ଶାନ୍ତି ପୂର୍ଣ୍ଣ କରିବାପାଇଁ ନିଜର ଭୂମିକା ନିର୍ବାହ କରିଚାଲିବ ।

ଆଉ ଜଣେ ମହିଳା ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି, ପ୍ରଥମତଃ ଏହା ଏକ ସୁନ୍ଦର ସଂନ୍ଧ୍ୟା ଥିଲା । ହଜୁର ଅନ୍‌ଓ୍ୱରଙ୍କ ଅସ୍ତିତ୍ୱ ମନମୁଗ୍ଧକାରି ଅଟେ । ହଜୁରଙ୍କ ପ୍ରତ୍ୟେକ ବାକ୍ୟ ଏପରି ଥିଲା ଯେ, ମୁଁ ସେଥିରେ ଆନନ୍ଦିତ ହେଉଥିଲି । ମୁଁ ଅନେକଥର ନିଜ ଇଲାକାରେ ଥିବା ମସ୍‌ଜିଦ୍‌କୁ ଯାଇଛି । ହଜୁର ଅନ୍‌ଓ୍ୱରଙ୍କ କଥା ଶୁଣି ଏ କଥା ଅନୁଭବ ହେଉଥିଲା ଯେ, ସେ ହୃଦୟରୁ କଥା କହୁଥିଲେ । ସେ ମସ୍‌ଜିଦ୍‌କୁ ଶାନ୍ତି, ପ୍ରେମ ଏବଂ ଭାଇଚାରର ସ୍ଥାନ ରୂପେ ଅଭିହିତ କରୁଥିଲେ ଓ ମୁଁ ହେଉଛି ଏହାର ସାକ୍ଷୀ । ମୁଁ ଏଠାରେ ଆସି ବହୁତ ଖୁସି ଅନୁଭବ କରୁଅଛି । ମୁଁ ଅନ୍ୟାନ୍ୟ ଆନ୍ତର୍ଜାତିକ ନେତାମାନଙ୍କୁ ମଧ୍ୟ ମିଶି ସାରିଛି କିନ୍ତୁ ହଜୁର ଅନ୍‌ଓ୍ୱରଙ୍କ ଅସ୍ତିତ୍ୱରେ ଏକ ଆକର୍ଷଣ ଦେଖିବାକୁ ପାଇଛି ଓ ଆପଣଙ୍କ କଥା ହୃଦୟର ଅନ୍ତରରୁ ବାହାରୁଥିବାର ଅନୁଭବ ହେଉଅଛି । ସବୁଠାରୁ ବଡ଼ କଥା ହେଉଛି ଏହା କି, ତାଙ୍କଠାରେ ଲୁକ୍କାୟିତ ଭାବେ କୌଣସି ରାଜନୀତିକ ଏଜେଣ୍ଡା ନଥିଲା ଯାହା ମୋତେ ବହୁତ ଭଲ ଲାଗିଲା । ହଜୁର୍ ଯାହା କିଛି କହୁଥିଲେ ତାହା ତାଙ୍କର ମନର ଅଭିଳାଷ ଥିଲା ଓ ଏପରି ଅନୁଭବ ହେଉଥିଲା ଯେ, ଏହି ବ୍ୟକ୍ତି ଜଣକ ଯାହା କିଛି କହୁଛନ୍ତି ତାହା ତାଙ୍କ ମନର ଡାକ ଥିଲା । ହଜୁର ଅନ୍‌ଓ୍ୱର ଅତ୍ୟନ୍ତ ଦୟାଳୁ, ବହୁତ ନମ୍ରଭାଷୀ ଏବଂ ବାସ୍ତବିକ ରୂପେ ହଜୁର ଏ ପୃଥିବୀର ଶାନ୍ତି ଚାହୁଁଛନ୍ତି ଓ ଏହା ପଛରେ କୌଣସି ପ୍ରକାରର

ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan